SEPTEMBER 29, 2026
TUESDAY, BHUBANESWAR

ସେପ୍ଟେମ୍ବର ୨୯, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

VOLUME - 2 ● ISSUE- 27 ବର୍ଷ- ୨ ● ସଂଖ୍ୟା- ୨୭ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ସେଣ୍ଟ ଜନ୍ ଆମ୍ବୁଲାନ୍ସର ଆଧୁନିକୀକରଣ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ପୁରୀ ଶ୍ରୀମନ୍ଦିରରେ ନିୟୋଜିତ ହେବେ ସ୍ୱେଚ୍ଛାସେବୀ

ଭୁବନେଶ୍ୱର, ୨୮/୯ : ସେଣ୍ଟ ଜନ୍ ଆମ୍ବୁଲାନ୍ସର ସେବାକୁ ଅଧିକ ସୁଦୃଢ଼ କରିବା ସହ ସେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି। ସୋମବାର ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ଅନୁଷ୍ଠିତ ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଆମ୍ବୁଲାନ୍ସଗୁଡ଼ିକୁ ଆଧୁନିକ ଉପକରଣ ଓ ଆବଶ୍ୟକ ସୁବିଧାରେ ସଜ୍ଜିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଆମ୍ବୁଲାନ୍ସକୁ ଆଧୁନିକୀକରଣ କରି ତାହାର ଅନୁଭୂତି ଆଧାରରେ ପରବର୍ତ୍ତୀ ଆମ୍ବୁଲାନ୍ସଗୁଡ଼ିକର ଉନ୍ନତି କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ସେଣ୍ଟ ଜନ୍ ଆମ୍ବୁଲାନ୍ସର ସେଚ୍ଛାସେବୀଙ୍କୁ ପୁରୀ ଶ୍ରୀମନ୍ଦିରରେ ବୟୋଜ୍ୟେଷ୍ଠ ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧାଜନକ ଦର୍ଶନରେ ସହଯୋଗ ପାଇଁ ନିୟୋଜିତ ☞ପୃଷ୍ଠା-୨

- ସେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ନିମନ୍ତେ ଆଲୋଚନା
- ଜରୁରୀକାଳୀନ ସେବାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ

ଅନୁଗୋଳ ଆଲୁମିନିୟମ ପାର୍କରେ ନିବେଶ ପାଇଁ ସୁବର୍ଣ୍ଣ ସୁଯୋଗ

- କୋଲକାତା ରୋଡ୍‌ଶୋ'ରେ ଆକର୍ଷିତ ହେଲେ ଶିଳ୍ପପତି
- ରିହାତି ଦରରେ ତରଳ ଧାତୁ ଯୋଗାଇବ ନାଲ୍‌କୋ
- କେନ୍ଦ୍ରକୁମିଳିଲା ୧,୦୮୩କୋଟି
- ନାଲ୍‌କୋ ପକ୍ଷରୁ ସର୍ବାଧିକ ଲାଭାଂଶ ପ୍ରଦାନ

କୋଲକାତା/ଭୁବନେଶ୍ୱର, ୨୮/୯: ରେକର୍ଡ ଲାଭାଂଶ ପ୍ରଦାନ ସହ ଅନୁଗୋଳ ଆଲୁମିନିୟମ ପାର୍କକୁ ନେଇ ବଡ଼ ନିବେଶ ସୁଯୋଗର ବାର୍ତ୍ତା ଦେଇଛି ନାଲ୍‌କୋ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନାଲ୍‌କୋ ମୋଟ ୨,୧୧୨.୧୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଥିବା ବେଳେ ଏଥିରୁ ଭାରତ ସରକାରଙ୍କ ଅଂଶ ଭାବେ ୧,୦୮୩.୦୬ କୋଟି ଟଙ୍କା ଦିଆଯାଇଛି। ଏହା କମ୍ପାନୀର ଏଯାବତ୍‌ର ସର୍ବାଧିକ ଲାଭାଂଶ ବୋଲି ଜଣାପଡ଼ିଛି। କୋଲକାତାରେ ଅନୁଗୋଳ ଆଲୁମିନିୟମ ପାର୍କକୁ ନେଇ ଆୟୋଜିତ ନିବେଶକ ରୋଡ୍‌ଶୋ'ରେ ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଖଣି ମନ୍ତ୍ରଣାଳୟର ସଚିବ କେଶବ ଚନ୍ଦ୍ରଙ୍କ ଉପସ୍ଥିତିରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ୧,୦୮୩.୦୬ କୋଟି ଟଙ୍କାର ଲାଭାଂଶ ଚେକ୍ ପ୍ରଦାନ କରିଥିଲେ। ୫ ଟଙ୍କା ମୂଲ୍ୟର ପ୍ରତି ☞ପୃଷ୍ଠା-୨

ରାଜସ୍ୱ ବିଭାଗର ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ

ଲିଜ୍ ଜମିରେ ଚାଲିବ ନାହିଁ ମନମାନି

ଭୁବନେଶ୍ୱର, ୨୮/୯ : ସରକାରୀ ଜମି ନେଇ ଆଉ ମନମାନି ଚଳିବ ନାହିଁ। ଲିଜ୍‌ରେ ନେଇ ଦୀର୍ଘଦିନ ଧରି ଅବ୍ୟବହୃତ ରଖାଯାଇଥିବା କିମ୍ବା ଯେଉଁ ଉଦ୍ଦେଶ୍ୟ ପାଇଁ ଜମି ଦିଆଯାଇଥିଲା, ତା' ପରିବର୍ତ୍ତେ ଅନ୍ୟ କାମରେ ବ୍ୟବହାର ହେଉଥିବା ସରକାରୀ ଜମି ଉପରେ ଏବେ ସରକାରଙ୍କ ନଜର। ଏଭଳି ଜମିର ବ୍ୟାପକ ସମୀକ୍ଷା କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖିଛନ୍ତି। ଆଡଭାନ୍ସ ପଜେସନ, ପରମିସିଭ ପଜେସନ, ଲିଜ୍ ଓ ଆଲିଏନେସନ ମାଧ୍ୟମରେ ସରକାରୀ ଜମି ଦିଆଯାଇଥିବା ସମସ୍ତ ମାମଲାର ତଥ୍ୟ ଯାଞ୍ଚ କରିବା ସହ ସମୟବଦ୍ଧ ଭାବେ ସମୀକ୍ଷା କରିବାକୁ କୁହାଯାଇଛି। ସରକାରୀ ଜମି ଆବଣ୍ଟନ ପରେ ଯଦି ତାହା ବ୍ୟବହାର ନହୁଏ କିମ୍ବା ଅନୁମୋଦିତ କାର୍ଯ୍ୟ ବଦଳରେ ଅନ୍ୟ କାମରେ ଲଗାଯାଏ, ତେବେ ଜମି ଆବଣ୍ଟନର ମୂଳ ଉଦ୍ଦେଶ୍ୟ ବିଫଳ ହେଉଛି। ତେଣୁ ଏଭଳି ମାମଲା ଚିହ୍ନଟ କରି ଆଇନ ଅନୁଯାୟୀ ଜମିକୁ ପୁନର୍ବାର ସରକାରଙ୍କ ଅଧୀନକୁ ଆଣିବାକୁ ନିର୍ଦ୍ଦେଶ ରହିଛି। ବିଶେଷକରି ଆଡଭାନ୍ସ ପଜେସନ ମାମଲାରେ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମ, ୧୯୮୩ର ନିୟମ ୧୧-ଏ ଅନୁଯାୟୀ ପଦକ୍ଷେପ ନେବାକୁ କୁହାଯାଇଛି। ☞ପୃଷ୍ଠା-୨

ସରକାରୀ ଜମିର ଅପବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ

ପ୍ରାକୃତିକ ବିପର୍ଯ୍ୟୟ ବିରୁଦ୍ଧରେ ଓଡ଼ିଶାର ଦୃଢ଼ ପ୍ରାଚୀର

୧୦୦ ଉପକୂଳବର୍ତ୍ତୀ ଗ୍ରାମ 'ସୁନାମି ରେଡି'

- ଜନସଚେତନତା ଓ ପ୍ରସ୍ତୁତିର ବଡ଼ ସଫଳତା
- ୟୁନେସ୍କୋଠାରୁ ସ୍ୱୀକୃତି ପାଇଲା ଓଡ଼ିଶାର ସୁନାମି ମୁକାବିଲା ମଡେଲ୍

ଭୁବନେଶ୍ୱର, ୨୮/୯: ସୁନାମି ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶା ଆଉ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି। ୟୁନେସ୍କୋ-ଆଇଓସିର 'ସୁନାମି ରେଡି ରିକଗ୍ନିସନ୍ ପ୍ରୋଗ୍ରାମ୍' ଅଧୀନରେ ରାଜ୍ୟର ୧୦୦ଟି ଉପକୂଳବର୍ତ୍ତୀ ଗ୍ରାମକୁ 'ସୁନାମି ରେଡି' ଭାବେ ସ୍ୱୀକୃତି ମିଳିଛି। ୨୦୨୬ରେ ଆଉ ୭୫ଟି ଗ୍ରାମ ଏହି ସ୍ୱୀକୃତି ପାଇବା ପରେ ମୋଟ ସଂଖ୍ୟା ୧୦୦ରେ ପହଞ୍ଚିଛି। ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲ୍ଲାର ୩୮୧ଟି ସୁନାମି ପ୍ରବଣ ଗ୍ରାମ ଓ ଜନବସତିକୁ ପର୍ଯ୍ୟାୟକ୍ରମେ ସୁନାମି ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହା ଏକ ଉଲ୍ଲେଖନୀୟ ଅଗ୍ରଗତି। ୨୦୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମସ୍ତ ସୁନାମି ପ୍ରବଣ ଉପକୂଳବର୍ତ୍ତୀ ଗ୍ରାମକୁ 'ସୁନାମି ରେଡି' କରିବା ନେଇ ଲକ୍ଷ୍ୟ ରଖିଥିଲେ। ଏହାକୁ ଆଧାର କରି ଓଏସ୍‌ଡିଏମ୍‌ଏ ପକ୍ଷରୁ ୬ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଲାଗୁ କରାଯାଉଛି। ସୁନାମି ରେଡି ମାନ୍ୟତା ପାଇଁ ସମୁଦାୟର ସଚେତନତା, ବିପର୍ଯ୍ୟୟ ପ୍ରସ୍ତୁତି, ପୂର୍ବ ସତର୍କତା ବ୍ୟବସ୍ଥା ଓ ଜରୁରୀ ସମୟରେ ପ୍ରତିକ୍ରିୟା ଭଳି ବିଭିନ୍ନ ଦିଗକୁ ବିଚାର କରାଯାଏ। ସେପ୍ଟେମ୍ବର ୨୬ ଓ ୨୭ରେ ଜାତୀୟ ସୁନାମି ରେଡି ବୋର୍ଡ ସଦସ୍ୟମାନେ ବିଭିନ୍ନ ଉପକୂଳବର୍ତ୍ତୀ ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ସମୁଦାୟର ପ୍ରସ୍ତୁତି ଓ ସଚେତନତାର ଯାଞ୍ଚ କରିଥିଲେ। ପରିଦର୍ଶନ ପରେ ଏନଟିଆରବି ସଦସ୍ୟମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ☞ପୃଷ୍ଠା-୨

ୟୁପିଆଇ ଏମଡିଆର ବିବାଦ

କେନ୍ଦ୍ର ସରକାର ଓ ଆରବିଆଇକୁ ସୁପ୍ରିମକୋର୍ଟଙ୍କ ନୋଟିସ



ନୂଆଦିଲ୍ଲୀ, ୨୮/୯: ୧,୦୦୦ରୁ ଅଧିକ ମୂଲ୍ୟର ୟୁପିଆଇ (ବ୍ୟକ୍ତିରୁ ବ୍ୟବସାୟୀ) କାରବାର ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ ଲାଗୁ କରିବା ନେଇ ଦାଖଲ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ କାଉଣ୍ଟର ସତ୍ୟାପଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟା ବାଗଚି ଓ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ତେବେ ଏମଡିଆର ଲାଗୁ ନେଇ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏନ୍. ଭେଙ୍କଟରମଣ ଅଦାଲତଙ୍କୁ କହିଥିଲେ ଯେ, ୟୁପିଆଇ ବ୍ୟବହାର କରୁଥିବା ପ୍ରାୟ ୯୬ ପ୍ରତିଶତ ଲୋକ ଏହି ଦେୟରୁ ମୁକ୍ତ ରହିଛନ୍ତି। ଖଣ୍ଡପୀଠ ମଧ୍ୟ ଏହାକୁ ମୁଖ୍ୟତଃ ବୈଷୟିକ ପ୍ରସଙ୍ଗ ବୋଲି ମତ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ☞ପୃଷ୍ଠା-୨

୪ ସପ୍ତାହରେ ଜବାବ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଆପାର୍ଟମେଣ୍ଟ ପଞ୍ଜୀକରଣ ବ୍ୟବସ୍ଥାରେ ସରଳୀକରଣ

ବିଧାନସଭାରେ ଷ୍ଟାମ୍ପ ବିଲ୍-୨୦୨୬ ଉପସ୍ଥାପନ

ସାଧାରଣ କ୍ଷେତ୍ର ହସ୍ତାନ୍ତର ମାତ୍ର ୫୦,୦୦୦ ଷ୍ଟାମ୍ପ ଡ୍ୟୁଟି
EWS ବର୍ଗଙ୍କ ପାଇଁ ଷ୍ଟାମ୍ପ ଡ୍ୟୁଟିରେ ୯୦% ଛାଡ଼

ଭୁବନେଶ୍ୱର, ୨୮/୦୯ : ରାଜ୍ୟରେ ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ ଓ ହସ୍ତାନ୍ତର ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ ଓ ସୁଗମ କରିବା ଉଦ୍ଦେଶ୍ୟରେ ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍, ୨୦୨୬ ବିଧାନସଭାରେ ବିଚାର ପାଇଁ ଉପସ୍ଥାପିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଏହି ବିଲ୍ ଉପସ୍ଥାପନ କରିଛନ୍ତି ।

ଏହି ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଆପାର୍ଟମେଣ୍ଟର ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ହସ୍ତାନ୍ତରକୁ ସରଳ କରିବା, ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରେ ଅନାବଶ୍ୟକ ଆର୍ଥିକ ଭାର ହ୍ରାସ କରିବା ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ସାର୍ଥକୁ ସୁରକ୍ଷିତ ରଖିବା। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଅଧିନିୟମ, ୨୦୨୩ ଅନୁଯାୟୀ, ପ୍ରମୋଟରଙ୍କ ଦ୍ୱାରା ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର ହସ୍ତାନ୍ତର ପୂର୍ବରୁ ପ୍ରକଳ୍ପର ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକୁ Association of Allotteesଙ୍କ ସପକ୍ଷରେ ପଞ୍ଜୀକୃତ ଦଲିଲ ମାଧ୍ୟମରେ ହସ୍ତାନ୍ତର କରିବାର ବ୍ୟବସ୍ଥା ରହିଛି। ଏହି ସାଧାରଣ କ୍ଷେତ୍ର ଓ ସୁବିଧା ମଧ୍ୟରେ ପ୍ରକଳ୍ପର ଜମି ସହିତ ଗ୍ୟାରେଜ୍, ସିଡ଼ି, ଲିଫ୍ଟ ଆଦି ଅନ୍ତର୍ଭୁକ୍ତ।

ତେବେ ଏହି ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକ Association of Allotteesଙ୍କ ସପକ୍ଷରେ ହସ୍ତାନ୍ତର କରିବା ସମୟରେ ଲାଗୁଥିବା ଷ୍ଟାମ୍ପ ଡ୍ୟୁଟି ଯୋଗୁଁ ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପଡୁଥିଲା। ଏହି ପ୍ରକ୍ରିୟାକୁ ସରଳ କରିବା ଏବଂ ବୃହତ୍ତର ଜନସାର୍ଥକୁ ସୁରକ୍ଷିତ ରଖିବା ପାଇଁ ☞ପୃଷ୍ଠା-୨



ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ ଓଡ଼ିଶାବାସୀଙ୍କ ସ୍ୱାର୍ଥରେ: ଡା.ସମ୍ବିତ ପାତ୍ର

- ଖଣି ରାଜସ୍ୱ ବୃଦ୍ଧି ୫୫ରୁ ୬୦ ହଜାର କୋଟିରେ ପହଞ୍ଚିଲା ରାଜ୍ୟ ଆୟ
- ୧୮ ବର୍ଷ ଧରି ଓରିସେଡ ଆଇନ ସଂଶୋଧନ କଲେନି କାହିଁକି : ବିଜେପି
- ବିଜେଡି ଶାସନରେ ଖଣିଜ ଟିକସ ଟଙ୍କା ହରିଲୁଟ୍ : ଅପରାଜିତା ଷଡ଼ଙ୍ଗୀ
- ସଂସଦରେ ଏମ୍‌ଏମ୍‌ଡିଆର ଆଇନ ପାରିତ ପରେ ବିଜେଡିରହଙ୍ଗାମାହାସ୍ୟାସ୍ପଦ

ଭୁବନେଶ୍ୱର, ୨୮/୦୯ : ଭାରତବର୍ଷରେ ଖଣି କ୍ଷେତ୍ରକୁ ନିୟନ୍ତ୍ରଣ କରିବା ପାଇଁ ସର୍ବପ୍ରଥମେ ୧୯୫୭ ମସିହାରେ ଏମଏମଡିଆର ଆଇନ ପ୍ରଣୟନ କରାଯାଇଥିଲା। ଦୀର୍ଘ ୪୮ ବର୍ଷ ପରେ ଅର୍ଥାତ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ୨୦୧୫ ମସିହାରେ ଏହି ଏମଏମଡିଆର ଆଇନରେ ବୈପ୍ଳବିକ ସଂସ୍କାର ଆସିଥିଲା। ୨୦୧୫ ମସିହା ପୂର୍ବରୁ ଖଣି ଖାଦାନ କହିଲେ କେବଳ 'ଦୁର୍ନୀତି ଓ ଚୋରୀ'କୁ ବୁଝାଯାଉଥିଲା। ୨୦୧୫ ମସିହା ପୂର୍ବରୁ ଖଣି ଆବଣ୍ଟନରେ ସ୍ୱଚ୍ଛତା ନଥିଲା ଏବଂ ପ୍ରିୟାପ୍ରିତୀ, ପରିବାର ପ୍ରୀତି ତଥା ଦୁର୍ନୀତିର ଅଭିଯୋଗ ଆସୁଥିଲା। ୨୦୧୫ ସଂସ୍କାର ପରେ ଇ-ନିଲାମି ପ୍ରକ୍ରିୟା ଲାଗୁ କରାଗଲା, ଯାହା ଦ୍ୱାରା ରାଜ୍ୟ ଓ ଗରୀବଙ୍କ ସାର୍ଥକୁ ପ୍ରାଧାନ୍ୟ ଦେଉଥିବା ବ୍ୟକ୍ତି ବା ସଂସ୍ଥାକୁ ଖଣି ଖନନ ପାଇଁ ଅନୁମତି ମିଳିଲା। ଏହା ଦ୍ୱାରା ଓଡ଼ିଶାର ରାଜସ୍ୱ ଅଭୂତପୂର୍ବ ବୃଦ୍ଧି ପାଇଲା। ୨୦୧୪-୧୫ ମସିହା ପୂର୍ବରୁ ଓଡିଶା ସରକାର ଖଣି କ୍ଷେତ୍ରରୁ ବାର୍ଷିକ ମାତ୍ର ୩୩୦୦ କୋଟିରୁ ୫୦୦୦ କୋଟି ଟଙ୍କା ପାଉଥିବାବେଳେ ୨୦୧୫ ପରେ କ୍ରମାଗତ ଭାବେ ଏହି ପରିମାଣ ପ୍ରାୟ ୧୦ ଗୁଣା ବୃଦ୍ଧି ପାଇଁ ବର୍ତ୍ତମାନ ୫୫ ରୁ ୬୦ ହଜାର କୋଟି ଟଙ୍କାରେ ପହଂଚି ସାରିଛି ଏବଂ ଆଗାମୀ ବର୍ଷମାନଙ୍କରେ ଏହି ପରିମାଣ ଆହୁରି ବୃଦ୍ଧି ପାଇବ। ଏହା ବ୍ୟତୀତ ପ୍ରଥମ ଥର ପାଇଁ ଡିଏମ୍‌ଏଫ୍ ପାଣ୍ଠି ଗଠନ କରାଯିବା କାରଣରୁ ଓଡିଶାକୁ ପ୍ରାୟ ୩୭ ହଜାର କୋଟି ଟଙ୍କା ମିଳିଛି। ୨୦୧୫ ମସିହାରୁ ନିଲାମୀ ପ୍ରିମିୟମ ୧୫୦ ପ୍ରତିଶତ ବୃଦ୍ଧି ପାଇଛି ଏବଂ ରୟାଲ୍ଟିକୁ ୧୦ ପ୍ରତିଶତରୁ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ୨୦୧୫ ଏମଏମଡିଆର ଆଇନ ସଂଶୋଧନ କାରଣରୁ ଓଡ଼ିଶା ଭଳି ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହୋଇଛି। ସଂଘୀୟ ଢାଞ୍ଚା କ୍ଷୁର୍ଣ୍ଣ ହେବା ଓ ରାଜସ୍ୱ ଟିକସ ଆଦାୟ ଅଧିକାର ହ୍ରାସ ପାଇବା ଭଳି ବିରୋଧୀଙ୍କ ଅଭିଯୋଗ ସଂପୂର୍ଣ୍ଣ ନିରାଧାର ଓ ମିଛ। ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ ଓଡ଼ିଶା ଏବଂ ଓଡିଶାବାସୀଙ୍କ ସାର୍ଥରେ ବୋଲି ପୁରୀ ସାଂସଦ ଡା.ସମ୍ବିତ ପାତ୍ର କହିଛନ୍ତି।

ଖଣି ଅଂଚଳବାସୀ ତଥା ଆଦିବାସୀ ଓ ଗରୀବଙ୍କ କଲ୍ୟାଣ ପାଇଁ ୨୦୦୪ ମସିହାରେ ଓଡିଶା ସରକାର ଓରିସେଡ ଆଇନ ଆଣିଥିଲେ, ଯେଉଁଥିରେ ବକ୍ସାଇଟ (୨୦%), ଲୁହାପଥର (୧୫%) ଭଳି ଖଣିଜ ଉପରେ ଅତିରିକ୍ତ ଟିକସ ଲଗାଇବାର ପ୍ରାବଧାନ ଥିଲା। ଓରିସେଡ ଆଇନ ବିରୋଧରେ କେନ୍ଦ୍ରୀୟ ସଂସ୍ଥା ନାଲକୋ ମାନ୍ୟବର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଏବଂ ସେତେବେଳେ କେନ୍ଦ୍ରରେ କଂଗ୍ରେସ ସରକାର ଥିଲା। ମାତ୍ର ଓଡ଼ିଶା ହାଇକୋର୍ଟ ୨୦୦୫ ମସିହା ଡିସେମ୍ବର ମାସରେ ଉକ୍ତ ଆଇନ ଉପରେ ରହିତାଦେଶ ଲଗାଇଥିଲେ। ୨୦୦୬ ମସିହାରେ ତତ୍କାଳୀନ ଓଡିଶା ସରକାର ସୁପ୍ରିମକୋର୍ଟରେ ଏକ ଏସଏଲପି (ବିଶେଷ ଅନୁମତି ଯାଚନା) ଦାୟର କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଏକ ସିଭିଲ ସୁଟ୍‌ରେ ପରିଣତ ହୋଇଥିଲା। ଏହି ସିଭିଲ ସୁଟ୍ ଟି ୨୦୦୬ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ଧରି କୋର୍ଟରେ ବିଚାରଧିନ ହୋଇ ରହିଥିଲା। ତାଙ୍କ ଆଡଭୋକେଟ ଜେନେରାଲ କଣ କରୁଥିଲେ ? ଏହି ସମୟ ଅବଧିରେ ହାଇକୋର୍ଟ ଆଇନକୁ ସଂଶୋଧନ କରି ପୁନଃସ୍ଥାପିତ କରିବାକୁ ସୁଯୋଗ ଦେଇଥିଲେ ମଧ୍ୟ ତତ୍କାଳୀନ ବିଜେଡି ସରକାର ଆଇନରେ ଆବଶ୍ୟକ ସୁଧାର ଆଣିନଥିଲେ କାହିଁକି ଏବଂ କାହା ସାର୍ଥରେ ବୋଲି ଡା.ପାତ୍ର ପ୍ରଶ୍ନ କରିଛନ୍ତି ?

ରାଜ୍ୟଗୁଡିକ ୧ ଏପ୍ରିଲ ୨୦୦୫ ରୁ ୧ ଏପ୍ରିଲ ୨୦୨୬ ମଧ୍ୟରେ ☞ପୃଷ୍ଠା-୨



ମଙ୍ଗଳବାର ୨୯।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ପୁରୀ ଶ୍ରୀମନ୍ଦିରରେ...

କରିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହାକୁ ସ୍ୱାଗତ କରି ରାଜ୍ୟପାଳ ସେଚ୍ଛାସେବୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ସହ ଆଧୁନିକ ଦକ୍ଷତା ପ୍ରଦାନ ଉପରେ ଜୋର୍ ଦେଇଥିଲେ । ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଓଡ଼ିଶା ରାଜ୍ୟ କେନ୍ଦ୍ରର ସମ୍ମାନୀୟ ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ବିବରଣୀ ଦେଇଥିଲେ । ବୈଠକରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ପରିବହନ କମିଶନର ତଥା ଏସ୍‌ଟିଏ ଅଧକ୍ଷ ଅମିତାଭ ଠାକୁର, ଓଡ଼ିଶା ପୁଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍‌ର ସିଏମ୍‌ଡି ତଥା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅସଥି ଏସ୍‌ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଅନୁଗୋଳ ଆଲୁମିନିୟମ...

ଇକ୍ୱିଟି ସେୟାର ପିଛା ୨୩୦ ପ୍ରତିଶତ ହାରରେ ଏହି ଲାଭାଂଶ ଦିଆଯାଇଛି । ୨୦୨୫-୨୬ରେ କମ୍ପାନୀ ୫,୮୧୫.୭୬ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିଥିଲା । ଅନ୍ୟପକ୍ଷରେ, ଅନୁଗୋଳକୁ ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ନାଲ୍‌କୋ ଓ ଇଡ୍‌କୋ ପକ୍ଷରୁ ନିବେଶକଙ୍କୁ ଆହ୍ୱାନ ଦିଆଯାଇଛି । ଆସୋଚାମ୍ ସହଯୋଗରେ ଆୟୋଜିତ ରୋଡ୍‌ଶୋ'ରେ ୨୫୦ରୁ ଅଧିକ ଶିଳ୍ପପତି, ନିବେଶକ ଓ ଶିଳ୍ପ ସଂଘର ପ୍ରତିନିଧି ଯୋଗ ଦେଇଥିଲେ । କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଥିଲେ, ଦେଶର ଉତ୍ପାଦନ କ୍ଷମତା ବୃଦ୍ଧି ସହ ଆଲୁମିନିୟମ କ୍ଷେତ୍ରରେ ଭାଲ୍ୟୁ ଆଡିସନ୍ ଓ ମଜଭୁତ ଡାଉନଷ୍ଟ୍ରିମ୍ ଶିଳ୍ପ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ରହିଛି । ଉଚ୍ଚମାନର ଆଲୁମିନିୟମ ଉତ୍ପାଦର ଦେଶୀୟ ଉତ୍ପାଦନ ବୃଦ୍ଧି ମାଧ୍ୟମରେ ଆମଦାନୀ ନିର୍ଭରତା ହ୍ରାସ କରିବା ଉପରେ ମଧ୍ୟ ସେ ଜୋର ଦେଇଥିଲେ । ଏହି ରୋଡ୍‌ଶୋ'ରେ ଶିଳ୍ପ ନିବେଶ ସହ ନୂଆ ଉତ୍ପାଦନ ୟୁନିଟ୍, ନବସୃଜନ ଓ ରୋଜଗାର ସୃଷ୍ଟି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ନାଲ୍‌କୋର ରେକର୍ଡ ଲାଭାଂଶ ଏବଂ ଅନୁଗୋଳରେ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ନୂଆ ଦ୍ୱାର ଖୋଲିବାର ପଦକ୍ଷେପ ଏକାସାଙ୍ଗରେ କମ୍ପାନୀର ଆର୍ଥିକ ପ୍ରଦର୍ଶନ ଓ ଶିଳ୍ପ ସମ୍ପ୍ରସାରଣର ଦୁଇଟି ଦିଗକୁ ସାମ୍ନାକୁ ଆଣିଛି ।

ଲିଜ୍ ଜମିରେ ଚାଲିବ...

ବକେୟା ମାମଲାଗୁଡ଼ିକର କ୍ଷେତ୍ର ଯାଞ୍ଚ ଶୀଘ୍ର ସାରିବା ସହ ଜମି ବାସ୍ତବରେ କେଉଁ କାମରେ ବ୍ୟବହୃତ ହେଉଛି, ତାହା ଯାଞ୍ଚ ହେବ । ରାଜସ୍ୱ ସଚିବ କହିଛନ୍ତି, ସରକାରୀ ଜମି ହେଉଛି ସାର୍ବଜନୀନ ସମ୍ପଦ । ଏହାର ଅପବ୍ୟବହାର, ଅନଧିକୃତ ଦଖଲ କିମ୍ବା ଅନଧିକୃତ ଧାରଣକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ । ଜମି ସମ୍ପର୍କିତ କାର୍ଯ୍ୟରେ ଅଧିକାରୀମାନେ ନିରପେକ୍ଷ ଓ ଆଇନସମ୍ମତ ଭାବେ ଦାୟିତ୍ୱ ତୁଲାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଚିଠିରେ ଆହୁରି ସ୍ପଷ୍ଟ କରାଯାଇଛି ଯେ, ସରକାରୀ ଜମି ସମ୍ପର୍କିତ ମାମଲାରେ କୌଣସି ସାର୍ଥନିହିତ ଗୋଷ୍ଠୀ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଅନୈତିକ ମହଲ ସହ ଅଧିକାରୀଙ୍କ ସମ୍ପର୍କ ବା ସହଯୋଗ ପ୍ରମାଣିତ ହେଲେ ଶୃଙ୍ଖଳାଗତ ଓ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ହୋଇପାରେ । ଏହି ନିର୍ଦ୍ଦେଶ ପରେ ଜିଲ୍ଲାଗୁଡ଼ିକରେ ଦୀର୍ଘଦିନ ଧରି ଅବ୍ୟବହୃତ ଥିବା ସରକାରୀ ଜମି, ଲିଜ୍‌ର ସର୍ତ୍ତ ଉଲ୍ଲଂଘନ କରି ବ୍ୟବହୃତ ଜମି ଏବଂ ଅନ୍ୟ ଉଦ୍ଦେଶ୍ୟରେ ନିୟୋଜିତ ଜମିର ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବାର ଆଶା କରାଯାଉଛି ।

୧୦୦ ଉପକୂଳବର୍ତ୍ତୀ ଗ୍ରାମ...

ବୋର୍ଡର ପ୍ରୟାସ ଓ ଉପକୂଳବର୍ତ୍ତୀ ସମୁଦାୟର ପ୍ରସ୍ତୁତିକୁ ପ୍ରଶଂସା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ । ସୋମବାର ଭୁବନେଶ୍ୱର କନଭେନସନ୍ ସେଣ୍ଟରରେ ଏନଟିଆରବି ର ବୈଠକ ଅନୁଷ୍ଠିତ ହୋଇଥିଲା । ଇଏନ୍‌କଏସ୍‌ର ନିର୍ଦ୍ଦେଶକ ଡ. ବାଲକୃଷ୍ଣନ ନାୟାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ୬ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ହୋଇଥିବା କ୍ଷେତ୍ର ଯାଞ୍ଚର ସମୀକ୍ଷା କରାଯାଇଥିଲା । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରାଯାଇ ସ୍ଥାନୀୟ ଲୋକଙ୍କ ସହ ସୁନାମି ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା । ଉଲ୍ଲେଖଯୋଗ୍ୟ, ୨୦୧୯ରେ ଗଞ୍ଜାମର ଭେଙ୍କଟରାଇପୁର ଓ ଜଗତସିଂହପୁରର ନୋଲିଆସାହି ପ୍ରଥମେ 'ସୁନାମି ରେଡି' ଗ୍ରାମ ଭାବେ ୟୁନେସ୍କୋ-ଆଇଓସି ସୀକୃତି ପାଇଥିଲେ । ୨୦୨୪ରେ ଆଉ ୨୪ଟି ଗ୍ରାମ ଏହି ମାନ୍ୟତା ପାଇଥିଲେ । ଚଳିତ ବର୍ଷ ଆଉ ୭୫ଟି ଗ୍ରାମ ଯୋଡ଼ି ହେବା ସହ ଏହି ସଂଖ୍ୟା ୧୦୦ରେ ପହଞ୍ଚିଛି । ସୁନାମି ଭଳି ବିପର୍ଯ୍ୟୟ ସମୟରେ ସଚେତନତା, ପୂର୍ବ ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟାକୁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ ଉପକୂଳବର୍ତ୍ତୀ ସମୁଦାୟର ବିପର୍ଯ୍ୟୟ ପ୍ରତିରୋଧକ କ୍ଷମତା ବୃଦ୍ଧି ଦିଗରେ ସହାୟକ ହେଉଛି ।

ବିଧାନସଭାରେ ଷ୍ଟାମ୍ପ ବିଲ୍...

ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ର ଅନୁସୂଚୀ ଓ-ଇର ଅନୁଚ୍ଛେଦ ୬୩(ଗ)ରେ ସଂଶୋଧନ ପ୍ରସ୍ତାବ କରାଯାଇଛି । ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ପ୍ରମୋଟରଙ୍କଠାରୁ Association of Allotteesଙ୍କ ସପକ୍ଷରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ଦଲିଲ ଉପରେ ମାତ୍ର ?୫୦,୦୦୦ ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯିବ । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ହସ୍ତାନ୍ତର ଦଲିଲରେ ସାଧାରଣ କ୍ଷେତ୍ରର ଅବିଭକ୍ତ ଆନୁପାତିକ ଅଂଶକୁ ଅନ୍ତର୍ଭୁକ୍ତ କରି ୫ ପ୍ରତିଶତ ହାରରେ ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯିବ । ଏହା ଦ୍ୱାରା ଏକପଟେ ଆପାର୍ଟମେଣ୍ଟ ମାଲିକଙ୍କ ଉପରେ ଅନାବଶ୍ୟକ ଆର୍ଥିକ ଭାର ହ୍ରାସ ପାଇବା ସହିତ ଅନ୍ୟପଟେ ସରକାରୀ ରାଜସ୍ୱ ମଧ୍ୟ ସୁରକ୍ଷିତ ରହିବ ।

ଏହା ପୂର୍ବରୁ ଆପାର୍ଟମେଣ୍ଟର ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକ ହସ୍ତାନ୍ତର ସମ୍ବନ୍ଧୀୟ ପଞ୍ଜୀକରଣ ଦେୟକୁ ୨୦,୦୦୦ରେ ସୀମିତ କରାଯାଇଛି । ପ୍ରସ୍ତାବିତ ସଂଶୋଧନରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍‌ର ହସ୍ତାନ୍ତର ସମୟରେ ଲାଗୁଥିବା ୩%, ୪% ଓ ୫% ସ୍ଲାବ୍‌ଭିତ୍ତିକ ଷ୍ଟାମ୍ପ ଡ୍ୟୁଟିକୁ ସରଳ କରି ସମସ୍ତ ଆପାର୍ଟମେଣ୍ଟ ୟୁନିଟ୍ ହସ୍ତାନ୍ତର ପାଇଁ ୫% ଏକକ ହାର ଧାର୍ଯ୍ୟ କରାଯିବ । ପୂର୍ବ ବ୍ୟବସ୍ଥା ଅନୁଯାୟୀ ୫ ଲକ୍ଷ ପର୍ଯ୍ୟନ୍ତ ମୂଲ୍ୟର ଆପାର୍ଟମେଣ୍ଟ ପାଇଁ ୩%, ୫ ଲକ୍ଷରୁ ୧୫ ଲକ୍ଷ ପର୍ଯ୍ୟନ୍ତ ୪% ଏବଂ ୧୫ ଲକ୍ଷରୁ ଅଧିକ ମୂଲ୍ୟର ଆପାର୍ଟମେଣ୍ଟ ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ଲାଗୁ ହେଉଥିଲା । ଏଥିସହିତ, ଆର୍ଥିକ ଭାବେ ଦୁର୍ବଳ ବର୍ଗ (EWS) ପାଇଁ ସୁଲଭ ଆବାସ ଯୋଜନା ଅଧୀନରେ ଉପଲବ୍ଧ ଘର ଉପରେ ସରକାର ପୂର୍ବରୁ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଦେୟରେ ୯୦% ଛାଡ଼ ପ୍ରଦାନ କରିଛନ୍ତି ।

ୟୁପିଆଇ ଏମଡିଆର ବିବାଦ...

ଅଦାଲତଙ୍କୁ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଅନୁରୋଧ କରାଯାଇଥିଲେ ମଧ୍ୟ ଖଣ୍ଡପୀଠ ଏଥିରେ ରାଜି ହୋଇନଥିଲେ । ଆଇନଜୀବୀ ଅଞ୍ଜନ ଦତ୍ତଙ୍କ ପକ୍ଷରୁ ଏହି ଜନସାର୍ଥ ମାମଲା ଦାଖଲ କରାଯାଇଥିଲା । ଦାଖଲ ଆବେଦନ ଅନୁସାରେ, ୨,୦୦୦ରୁ ଅଧିକ ୟୁପିଆଇ କାରବାର ଉପରେ ଏମଡିଆର ଲାଗୁ କରିବା ପ୍ରସ୍ତାବକୁ ଚ୍ୟାଲେଞ୍ଜ କରାଯାଇଛି । ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ହେଉଥିବା ୟୁପିଆଇ ଟଙ୍କା ନେଣଦେଣ ଏବଂ କେତେକ ଛୋଟ ବ୍ୟବସାୟୀଙ୍କ କାରବାର ଏହାର ପରିସରରୁ ବାହାରେ ରହିବ । ଏହି ବ୍ୟବସ୍ଥାରେ ୭୫,୦୦୦ କିମ୍ବା ତା'ଠାରୁ ଅଧିକ କାରବାର କ୍ଷେତ୍ରରେ ଦେୟ ସର୍ବାଧିକ ୩୦୦ରେ ସୀମିତ ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ରେଳୱେ, ଟେଲିକମ୍, ବୀମା, ତୈଳ ଓ କୃଷି ଯନ୍ତ୍ରପାତି ଭଳି କେତେକ କ୍ଷେତ୍ର ପାଇଁ ଅଲଗା ଏମଡିଆର ହାର ଧାର୍ଯ୍ୟ ହୋଇଥିବା ଦାବି କରାଯାଇଛି । ଏହାବ୍ୟତୀତ ମ୍ୟୁଚୁଆଲ୍ ଫଣ୍ଡ, ସିକ୍ୟୁରିଟିଜ୍ ଓ ଷ୍ଟକ୍‌ବ୍ରୋକରଙ୍କ ମାଧ୍ୟମରେ ହେଉଥିବା କାରବାର ପାଇଁ ମଧ୍ୟ ଅଲଗା ହାର ଉଲ୍ଲେଖ କରାଯାଇଛି ।

ସଂଶୋଧିତ ଏମ୍‌ଏମ୍‌ଡିଆର...

ଥିବା ବକେୟା ଜୋରିମାନା ଅର୍ଥ ଖଲାପକାରୀଙ୍କଠାରୁ ଆଦାୟ କରିପାରିବେ ବୋଲି ଗତ ୨୫ ଜୁଲାଇ ୨୦୨୪ ମସିହାରେ 'ମାତା ବନାମ ସେଲ' କେସର ଶୁଣାଣୀ କରି ମାନ୍ୟବର ସୁପ୍ରିମକୋର୍ଟଙ୍କ ୯ ଜଣିଆ ଜଜ୍‌ଙ୍କ ଖଣ୍ଡପୀଠ ରାୟ ଦେଇଥିଲେ । ଏହାକୁ ଆଧାର କରି ବର୍ତ୍ତମାନ ବିରୋଧୀ ଦଳଗୁଡିକ ରାଜ୍ୟ ୧ ଲକ୍ଷ କୋଟି ଟଙ୍କା ହରାଇବାର ଅଭିଯୋଗ କରୁଛନ୍ତି, ତାହା ବାସ୍ତବରେ ସଂପୂର୍ଣ୍ଣ ମିଥ୍ୟା । ବିଜେଡି ସରକାର ଆଇନଗତ ସଂଶୋଧନ କରିନଥିବାରୁ ଏବଂ ୧୮ ବର୍ଷ ଧରି ମାମଲା ଗଡେଇ ଚାଲିଥିବାରୁ, ଆଜି ଓଡିଶା ପ୍ରାୟ ୬୨ ହଜାର କୋଟିର ବକେୟା ରାଜସ୍ୱ ହରାଇଛି । ରାଜ୍ୟଗୁଡିକ ପୁରୁଣା ବକେୟା ଟିକସ ଟଙ୍କା ପାଇବାର ସଂପୂର୍ଣ୍ଣ ଅଧିକାର ରହିଛି, କିନ୍ତୁ ଯେତେବେଳେ ସଠିକ୍ ଆଇନ ପ୍ରଣୟନ କରାଯାଇ ନାହିଁ ଏବଂ ଯେତେବେଳେ ଓଡିସେଡ ଆଇନ ବିଚାରଧିନ ଅଛି, ସେତେବେଳେ କେଉଁ ଆଧାରରେ ବକେୟା ଟଙ୍କା ଆଦାୟ କରାଯିବ ? ପ୍ରେମଓ୍ୱାର୍କ ନଥାଇ କେବଳ ନୀତିକୁ ଆଧାର କରି ବକେୟା ଟଙ୍କା ଆଦାୟ କରିବା 'କଂସା ଅଛି କିନ୍ତୁ ପଖାଳ ନାହିଁ' ସଦୃଶ । ଅର୍ଥାତ ଆଇନଗତ ସଂଶୋଧନ ନଥିବାରୁ ବାସ୍ତବରେ ଟିକସ ଆଦାୟ କରିବା ଅସମ୍ଭବ । ଆମ ରିପୋର୍ଟ ଧରି ବସିଛୁ, ଯେଉଁ ମାନେ ଆମ ବିରୋଧରେ ମିଛ କଥା କହୁଛନ୍ତି, ସେମାନେ କୁହନ୍ତୁ କେତେ ଟଙ୍କା ଆଦାୟ କରିଛନ୍ତି ବୋଲି ଡା.ପାତ୍ର ପ୍ରଶ୍ନ କରିଛନ୍ତି ।

ଓଡ଼ିଶାରେ ଖଣି ଖାଦାନ କ୍ଷେତ୍ରରେ ବ୍ୟାପକ ଭ୍ରଷ୍ଟାଚାର ଚାଲୁଥିବାର ୨୦୧୦ ମସିହାରେ ଶାହା କମିଶନ ରିପୋର୍ଟରେ ଉଲ୍ଲେଖ କରିଥିବା ଏବଂ ଖଣି ଦୁର୍ନୀତିରେ ଲିପ୍ତ ଥିବା ଖଣି ମାଲିକମାନଙ୍କ ଉପରେ ପାଖାପାଖି ୬୦ ହଜାର କୋଟି ଟଙ୍କାର ଜୋରିମାନା ଲଗାଇଥିବାର ଆମେ ସମସ୍ତେ ଭଲ ଭାବେ ଜାଣିଛୁ । କେନ୍ଦୁଝର, ସୁନ୍ଦରଗଡ, ମୟୁରଭଞ୍ଜ ଭଳି ଖଣିଜ ଜିଲ୍ଲାରେ ବ୍ୟାପକ ପରିବେଶ ନଷ୍ଟ ହେବା ସହ ସ୍ଥାନୀୟ ଆଦିବାସୀମାନଙ୍କୁ ଅସହ୍ୟ କଷ୍ଟ ସହିବା ସହିତ ବ୍ୟାପକ ଖଣି ଦୁର୍ନୀତି ହୋଇଛି ବୋଲି ୨୦୧୭ ମସିହାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ (ଜଷ୍ଟିସ ମଦନ ଲୋକୁର ଏବଂ ଜଷ୍ଟିସ ଦୀପକ ଗୁପ୍ତା) ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ । ସେହିପରି କେନ୍ଦୁଝର ଜିଲ୍ଲା ପାଇଁ ଗଠିତ ଡିଏମଏଫ ପାଣ୍ଠି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୬ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ସତ୍ତ୍ୱେ କେନ୍ଦୁଝର ଜିଲ୍ଲାବାସିଙ୍କ କୌଣସି ଉନ୍ନତି ହୋଇନଥିଲା । ତେଣୁ ଆଜି ବି କେନ୍ଦୁଝର ଜିଲ୍ଲାକୁ 'ରିଚ୍ ଲ୍ୟାଣ୍ଡ, ପୁଅର୍ ପିପୁଲ' ବୋଲି ଆଖ୍ୟା ଦିଆଯାଇଛି । ଏପରିକି ରାଜ୍ୟର ୩୦ ଟି ଜିଲ୍ଲା ମଧ୍ୟରୁ ତଳଆଡୁ ୨୪ ସ୍ଥାନରେ କେନ୍ଦୁଝର ଜିଲ୍ଲା ରହିଛି । ସେଥିପାଇଁ ପୂର୍ବ ବିଜେଡି ସରକାର ସଂପୂର୍ଣ୍ଣ ଦାୟୀ ବୋଲି ଡା.ପାତ୍ର କହିଛନ୍ତି । ବିଜେଡି ସରକାର ସମୟରେ ଡିଏମଏଫ ଟଙ୍କା ବ୍ୟାପକ ମାତ୍ରାରେ ବାଟମାରଣା ଓ ହରିଲୁଟ ହୋଇଥିବାର ସିଏଜି ରିପୋର୍ଟରେ ପ୍ରକାଶ ପାଇଛି । ୯୮୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟରୁ ୯୭୬ କୋଟି ଟଙ୍କା ଅଣ ପ୍ରଭାବିତ ଗ୍ରାମାଗୁଡିକରେ ଖର୍ଚ୍ଚ କରାଯାଇଛି । ଖଣି ପ୍ରଭାବିତ ୫୮୪ଟି ଗ୍ରାମ କୌଣସି ଅନୁଦାନ ନ ପାଇ ବଞ୍ଚିତ ହୋଇରହିଲେ । ବିନା ଗ୍ରାମସଭା ଅନୁମତିରେ ୧୭୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବାର ସିଏଜି ରିପୋର୍ଟରେ ପ୍ରକାଶ ପାଇଛି । ବିଜେଡି ଶାସନରେ ବ୍ୟାପକ ମାତ୍ରାରେ ଖଣିଜ ପଦାର୍ଥ ବାବଦରେ ଆଦାୟ ହୋଇଥିବା ଟିକସ ଟଙ୍କା ହରିଲୁଟ ହୋଇଛି ବୋଲି ଡା.ପାତ୍ର କହିଛନ୍ତି । ଖଣିଜ ସଂପଦ କେବଳ ସଂପତ୍ତି ନୁହେଁ, ଏହା ଜାତୀୟ ସୁରକ୍ଷା ମଧ୍ୟ ଜଡିତ । ସମଗ୍ର ଦେଶରେ ଖଣି ନୀତି ଓ ଟିକସରେ ସମାନତା ରହିବା ନିହାତି ଆବଶ୍ୟକ । ଯଦି ଦେଶ ଭିତରେ ଖଣିଜ ଦ୍ରବ୍ୟର ମୂଲ୍ୟ ଅଧିକ ହେବ, ତାହେଲେ ଶିଳ୍ପସଂସ୍ଥାଗୁଡିକ ଚୀନ କିମ୍ବା ବିଦେଶରୁ କଞ୍ଚାମାଲ ଆମଦାନୀ କରିବେ, ଯାହା ଭାରତୀୟ ଅର୍ଥନୀତି ପାଇଁ କ୍ଷତିକାରକ । କୋଇଲା, ଲୁହାପଥର, ବକ୍ସାଇଟ ଆଦି ଖଣିଜ ପଦାର୍ଥର ମୂଲ୍ୟ ବୃଦ୍ଧି ପାଇଲେ ଲୁହାଛଡ, ସିମେଂଟ, ବିଜୁଳି ଦର ମଧ୍ୟ ବୃଦ୍ଧି ପାଇବ । ୧୩ଶ ଅର୍ଥ ଆୟୋଗରେ ରାଜ୍ୟଗୁଡ଼ିକୁ ୩୨ ପ୍ରତିଶତ ମିଳୁଥିବାବେଳେ ୧୪ଶ ଅର୍ଥ ଆୟୋଗରେ ତାହାକୁ ୪୨ ପ୍ରତିଶତକୁ ବୃଦ୍ଧି କରାଯାଇଛି ଏବଂ ଏହା ଦ୍ୱାରା ଓଡିଶାକୁ କେନ୍ଦ୍ରୀୟ ଟିକସରୁ ମିଳୁଥିବା ଭାଗ ବହୁଗୁଣିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର 'ସବ୍‌କା ସାଥ୍, ସବ୍‌କା ବିକାଶ୍' ନୀତିରେ ଓଡିଶାର ଗରୀବ, ଆଦିବାସୀ ଓ ଶୋଷିତ ବର୍ଗଙ୍କ କଲ୍ୟାଣ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ଡା.ପାତ୍ର କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଛନ୍ତି ଯେ, ବିଜେଡିର ୨୫ ବର୍ଷର ଶାସନର କୁପରିଚାଳନା କାରଣରୁ ଓଡିଶା ଏବଂ ଓଡିଶାବାସୀ ପ୍ରାୟ ୧୦୩୨୦ କୋଟି ଟଙ୍କା କ୍ଷତି ସହିଛନ୍ତି । ୨୦୧୦ ରୁ ୨୦୧୩ ମଧ୍ୟରେ ୬୦ ହଜାର କୋଟି ଟଙ୍କା କ୍ଷତି ହୋଇଥିବାର ଶାହା କମିଶନଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି । ସିଏଜିଙ୍କ ୮ଟି ଅଡିଟ ରିପୋର୍ଟରେ ହଜାର ହଜାର କୋଟି ଟଙ୍କା କ୍ଷତି ଦର୍ଶାଯାଇଛି । ଓରିସେଡ ମାମଲାରେ ତତ୍କାଳୀନ ବିଜେଡି ସରକାର ପ୍ରଭାବଶାଳୀ ଭାବେ ନିଜ ପକ୍ଷ ରଖିବାରେ ବିଫଳ ହୋଇଥିଲେ, ଯାହା ଫଳରେ ମାନ୍ୟବର ହାଇକୋର୍ଟରେ ଏହା ରଦ୍ଦ ହୋଇଥିଲା । ଅନ୍ୟ ପଟେ ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ ସଂସଦରେ ପାରିତ ହେବା ପରେ ବିଜୁ ଜନତା ଦଳର ପ୍ରତିବାଦ ଓ ହଙ୍ଗାମା ଅତ୍ୟନ୍ତ ହାସ୍ୟାସ୍ପଦ । ଯିଏ ଦୋଷୀ, ସେମାନେ ହଙ୍ଗାମା କରୁଛନ୍ତି । ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ଏହି ସଂଶୋଧିତ ଆଇନର ଉଦ୍ଦେଶ୍ୟ ଓ ସ୍ପିରିଟକୁ ଭଲ ଭାବେ ପଢିଛୁ, ବୁଝିଛୁ । ଠିକ୍ ଉଦ୍ଦେଶ୍ୟ ନେଇ ଏହି ଆଇନ ଆସିଛି ।

ଯୋଗାଣ ବିଭାଗର 'ସେବା ସେତୁ' କାର୍ଯ୍ୟକ୍ରମ ଶୁଭାରମ୍ଭ

ନନ୍ଦପୁର ୨୮/୯ (ଶ୍ରୀରାମ ଖରା) କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ବାଡେଲ ପଞ୍ଚାୟତରେ ସୋମବାର ପଞ୍ଚାୟତ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜନ ଶୁଣାଣି ଅବସରରେ ପଞ୍ଚାୟତର ରାସନ୍ କାର୍ଡ ଧାରୀଙ୍କୁ ସଚେତନ ଲାଗି ଯୋଗାଣ ବିଭାଗର ସେବା ସେତୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ବିଡିଓ ଦୁର୍ଗା ପ୍ରସାଦ ଦୋରା କେନ୍ଦ୍ରୀୟ ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ୱାନ ନେସନ ୱାନ ରେସନ୍ କାର୍ଡ ପଲିସି ସମ୍ପର୍କରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ଓ ପଞ୍ଚାୟତ ବାସୀଙ୍କୁ ଅବଗତ କରିଥିଲେ । ଯୋଗାଣ ନୀରିକ୍ଷକ ବଳରାମ ଜେନା ସେବା ସେତୁ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ଯୋଗାଣ ବିଭାଗ ତରଫରୁ ପଞ୍ଚାୟତର ସମସ୍ତ ରାସନ୍ କାର୍ଡ ଧାରୀଙ୍କ ଇ-କେୱାଇସି, ରାସନ୍ କାର୍ଡ ସହିତ ମୋବାଇଲ ନମ୍ବର୍ ସଂଯୋଗ, ମିଳୁଥିବା ଚାଉଳର ମାନ ପରୀକ୍ଷା, ନୂତନ ରାସନ୍ କାର୍ଡ ଆବେଦନ ପ୍ରକ୍ରିୟା, ନାମ ସଂଯୋଗ ଓ ବାଦ୍ ଦେବାର ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ବୁଝାଇ ଥିଲେ । କାର୍ଯ୍ୟକ୍ରମରେ ବାଡେଲ ପଞ୍ଚାୟତ ସରପଞ୍ଚ ତୁଳା ହଂସା, ସମିତିସଭ୍ୟ ରାଧିକା ଖେମୁଣ୍ଡୁ, ସମସ୍ତ ୱାର୍ଡସଭ୍ୟ, ସିଡ଼ିପିଓ ମିନତି ବାଳା ପଟ୍ଟନାୟକ, ମଙ୍ଗଳ ସମ

ଅଜଣା ଗାଡ଼ି ଧକ୍କାରେ ୩ ଗୋରୁ ମୃତ

ପରଜଙ୍ଗ,୨୮।୯(ଅକ୍ଷର ଓଡ଼ିଶା): ପରଜଙ୍ଗ ବ୍ଲକ କାମାକ୍ଷାନଗର ଥାନା ସିଆରିମାଳିଆ ନିକଟ ୫୩ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ୩ଟି ଗୋରୁଙ୍କ ମୃତ୍ୟୁ । ଘଟଣାସ୍ଥଳରେ ଗାଡ଼ିର ଭାଙ୍ଗିଥିବା ନମ୍ବର ପ୍ଲେଟ୍ ପଡ଼ିଥିବା ଦେଖିବାକୁ ମିଳିଛି । ଦୁର୍ଘଟଣା ରୋକିବାକୁ ରାଜପଥରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ସରକାରଙ୍କୁ ଦାବି କରିଛନ୍ତି । ରାଜପଥରେ ଥିବା ଗୋରୁଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିବା ବେଳେ ୩ଟି ଗୋରୁଙ୍କ ମୃତ୍ୟୁ ଘଟିଛି ।ଦୁର୍ଘଟଣା ପରେ ଗାଡ଼ିଟି ଘଟଣାସ୍ଥଳରୁ ଚାଲିଯାଇଥିବା ଜଣାପଡ଼ିଛି । ତେବେ ଘଟଣାସ୍ଥଳରେ ଗାଡ଼ିର ଭାଙ୍ଗିଥିବା ନମ୍ବର ପ୍ଲେଟ୍ ପଡ଼ିଥିବା ଦେଖିବାକୁ ମିଳିଛି । ନମ୍ବର ପ୍ଲେଟ୍‌କୁ ଆଧାର କରି ଗାଡ଼ିଟିକୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।ଏହି ରାଜପଥରେ ବାରମ୍ବାର ଗୋରୁ ଓ ଅନ୍ୟ ପଶୁ ଦୁର୍ଘଟଣାର ଶିକାର ହେଉଥିବାରୁ ଏଭଳି ଦୁର୍ଘଟଣା ରୋକିବା ପାଇଁ ସରକାର ଓ ରାଜପଥ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ଓଡାପଡାରେ 'ସେବା ସଂକଳ୍ପ ଅଭିଯାନ', ୧୩ ଶ୍ରମିକ ପରିବାରକୁ ୧୨.୬୩ ଲକ୍ଷ ସହାୟତା

ଢେଙ୍କାନାଳ, ୨୮/୯ (ବିଜ୍ଞାନ ମହାନ୍ତି) ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଢେଙ୍କାନାଳ ତରଫରୁ ଆଜି ମଧ୍ୟାହ୍ନରେ ଓଡାପଡା ପଞ୍ଚାୟତ ସମିତି ପରିସରରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଭା.ପ୍ର.ସେ. ପ୍ରୋବେସନ ସୁଧା ଚୌହାନ, ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-କାର୍ଯ୍ୟନିର୍ବାହୀ ଅଧିକାରୀ ଦିପ୍ତିରଞ୍ଜନ ସେଠୀ, ଓଡାପଡା ବିଡିଓ ଦିଲ୍ଲୀପ କୁମାର ଷଡଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ଓ ସହାୟକ ଶ୍ରମ ଅଧିକାରୀ ଭବାନୀ ଶଙ୍କର ବେଜ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଓ ମନୋନୀତ ବ୍ୟକ୍ତିଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା । ୨ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ୪୮,୪୦୦ ଟଙ୍କା । ୪ ଜଣଙ୍କୁ ବିବାହ ସହାୟତା ବାବଦକୁ ୨,୦୦,୦୦୦ ଟଙ୍କା ଓ ୪ ଜଣ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧୦,୦୦,୦୦୦ ଟଙ୍କା, ୩ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦକୁ ୧୫,୦୦୦ ଟଙ୍କା, ସର୍ବମୋଟ ୧୩ ଜଣ ହିତାଧିକାରୀଙ୍କୁ ୧୨,୬୩,୪୦୦ ଟଙ୍କାର ସହାୟତା ରାଶି NEFT/RTGS ମାଧ୍ୟମରେ ସିଧା ସେମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ଏଥିସହ ୫୦ ଜଣ ନୂଆ ହିତାଧିକାରୀଙ୍କୁ ଶ୍ରମିକ କଲ୍ୟାଣ ବୋର୍ଡର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

ଶିକ୍ଷୟିତ୍ରୀ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

କାମାକ୍ଷାନଗର,୨୮/୯(ସୁମନ୍ତ ଜେନା) ଦୁଇ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ତେଜିଲା ଅସନ୍ତୋଷ । ବଦଳି ବାତିଲ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ । ବଦଳି ବାତିଲ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଅଭିଭାବକ ।ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଜୁରିଆରେ ଶିକ୍ଷୟିତ୍ରୀ ବଦଳିକୁ ନେଇ ତେଜିଛି ବିବାଦ । ବିଦ୍ୟାଳୟରେ ମୋଟ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଥିବାବେଳେ ଏଠାରୁ ୨ ଜଣ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ।ଦୁଇ ଶିକ୍ଷୟିତ୍ରୀଙ୍କ ବଦଳି ପରେ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେବ ଏବଂ ଏହାର ସିଧାସଳଖ ପ୍ରଭାବ ପିଲାଙ୍କ ପାଠପଢ଼ା ଉପରେ ପଡ଼ିବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି । ବଦଳି ଆଦେଶକୁ ବାତିଲ କରି ପୂର୍ବଭଳି ଶିକ୍ଷକ ବ୍ୟବସ୍ଥା ରଖିବାକୁ ଦାବି କରିଛନ୍ତି ।ଦାବି ପୂରଣ ନହେବାରୁ ଆଜି ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ବଦଳି ଆଦେଶ ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି ।''ବିଦ୍ୟାଳୟରେ ୬ ଜଣ ଶିକ୍ଷକ ଥିବାବେଳେ ୨ ଜଣ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି । ଏହାଦ୍ୱାରା ପିଲାମାନଙ୍କ ପାଠପଢ଼ା ପ୍ରଭାବିତ ହେବ । ତେଣୁ ବଦଳି ଆଦେଶକୁ ବାତିଲ କରାଯାଉ । ଦାବି ପୂରଣ ନହେଲେ ଆମର ଆନ୍ଦୋଳନ ଜାରି ରହିବ ।ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଏବେ ଖଜୁରିଆ ବିଦ୍ୟାଳୟରେ ଅସନ୍ତୋଷ ତେଜିଛି । ଏ ନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି ।

ରେଳପଥରୁ ବ୍ୟବସାୟୀଙ୍କ ମୃତ ଦେହ ଉଦ୍ଧାର

ପରଜଙ୍ଗ, ୨୮।୯(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦେଇ ଯାଇଥିବା ଅନୁଗୋଳ - ସୁକିନ୍ଦା ରେଳପଥ ର ଖଣ୍ଡୁଆଳମୁଣ୍ଡା - ମଝିକା ରେଳ ଲାଇନ୍ ମଧ୍ୟ ଭାଗ ରେ ଟ୍ରେନ୍ ସମ୍ମୁଖକୁ ଡେଇଁ ଜଣେ ବ୍ୟବସାୟୀ ଆତ୍ମହତ୍ୟା କରିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ ହୋଇଛି । ମୃତକ ଜଣକ ହେଉଛନ୍ତି କନ୍ଦରସିଂହା ଗ୍ରାମ ପଞ୍ଚାୟତ ଖଳିବାହଳ ଗ୍ରାମର ଚୁଡ଼ି ବ୍ୟବସାୟୀ ଗଣେଶ୍ୱର ନାଥ (୬୨) ବୋଲି ଜଣା ପଡିଛି ।ସୂଚନା ମୁତାବକ ରବିବାର ମଧ୍ୟାହ୍ନ ବେଳେ ଘରୁ ଖାଇସାରି ବାଇକ୍ ଯୋଗେ ବାହାରି ଆସିଥିଲେ କିନ୍ତୁ ଆଉ ରାତି ସୁଦ୍ଧା ଘରକୁ ଫେରି ନଥିଲେ ଫଳ ରେ ପରିବାର ଲୋକ ପାଖ ଗ୍ରାମ ସହ ବନ୍ଧୁ ବାନ୍ଧବଙ୍କୁ ପଚାରି ବୁଝିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନଥିଲେ । ସ୍ଥାନୀୟ ଲୋକମାନେ ମୃତ ଦେହ ଦେଖି ପୋଲିସ କୁ ଖବର ଦେଇଥିଲେ । ପରେ ଲୋକମାନଙ୍କ ଠାରୁ ଖବର ପାଇ ରାତି ୧୦ ଟା ପରେ ପରିବାର ଲୋକ ଘଟଣା ସ୍ଥଳ ରେ ପହଞ୍ଚି ମୃତ ଦେହ ଚିହ୍ନଟ କରିଥିଲେ, ମୃତ ଗଣେଶ୍ୱର ଙ୍କ ପାରିବାରିକ ସମସ୍ୟା ନେଇ ସେ ମାନସିକ ଚିନ୍ତାରେ ରହୁଥିଲେ । ତେଣୁ ଏଭଳି ନିଷ୍ପତି ନେଇଥିବା ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି । ପରଜଙ୍ଗ ଥାନା ସହାୟକ ଉପନିରକ୍ଷକ ଜୋସେଫ ପଟ୍ଟନାୟକ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୁବ୍ରତ କୁମାର ସାହୁ ପ୍ରକାଶ କରିଛନ୍ତି ।

ସନ୍ଧୁପୁରରେ ଢେଙ୍କାନାଳ ଶିଳ୍ପ ଶ୍ରମିକ କଲ୍ୟାଣ ସଂଘର ରକ୍ତଦାନ ଶିବିର, ୭୭ ୟୁନିଟ୍ ରକ୍ତ ସଂଗ୍ରହ

ଗଁଦିଆ, ୨୮/୦୯(ବେତୁଜୀ ପ୍ରସାଦ): ମାନବ ସେବା ହିଁ ମାଧବ ସେବା ଏହି ଆଦର୍ଶକୁ ଆଧାର କରି ଗଁଦିଆ ବ୍ଲକ ଅନ୍ତର୍ଗତ ସନ୍ଧୁଶ୍ରୀକ୍ଷେତ୍ର ସନ୍ଧୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଢେଙ୍କାନାଳ ଶିଳ୍ପ ଶ୍ରମିକ କଲ୍ୟାଣ ସଂଘ ପକ୍ଷରୁ ଏକ ଭବ୍ୟ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଆଲୋକ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଅଞ୍ଚଳର ବହୁ ସେଚ୍ଛାସେବୀ ଓ ଯୁବକମାନେ ସ୍ୱଚ୍ଛାତାର ସହ ରକ୍ତଦାନ କରି ସାମାଜିକ ଦାୟିତ୍ୱର ଅନନ୍ୟ ନିଦର୍ଶନ ସୃଷ୍ଟି କରିଛନ୍ତି । ଏହି ପବିତ୍ର ଶିବିରକୁ ବିଚିତ୍ରାନନ୍ଦ ରାଉତ ଏବଂ ଭାରତୀୟ ସାମ୍ବାଦିକ ମହାସଂଘର ଓଡ଼ିଶା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ମିଳିତ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସନ୍ଧୁପୁର ଭଳି ଏକ ଅଞ୍ଚଳରେ ଅତ୍ୟନ୍ତ ସଳ୍ପ ସମୟ ମଧ୍ୟରେ ଏଭଳି ଏକ ବୃହତ୍ ରକ୍ତଦାନ ଶିବିର ଆୟୋଜନ କରାଯାଇଥିବାରୁ ଏହା ସମସ୍ତଙ୍କର ସାମୂହିକ ପ୍ରୟାସର ଏକ ସଫଳ ଫଳ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି । କମିଟି ସଦସ୍ୟ ସ୍ମୃତି ରଞ୍ଜନ ସାଇଁ ସୂଚନା ଦେଇ କହିଥିଲେ ଯେ, ମାତ୍ର ଗୋଟିଏ ଦିନର ପ୍ରୟାସ ମଧ୍ୟରେ ଏହି ଶିବିର ଆୟୋଜନ କରିବା ସମ୍ଭବ ହୋଇପାରିଥିଲା । ଏଥିପାଇଁ ସଂଘର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନିଃସାର୍ଥପର ଭାବେ ସହଯୋଗର ହାତ ବଢ଼ାଇଥିଲେ । ଏହି ସଫଳ ଆୟୋଜନରେ ସୁବ୍ରତ ରାଉତ, ସମୀର ପରିଡ଼ା, ବସନ୍ତ ପରିଡ଼ା, ଅମିତି ସାଇଁ, ଦୀପକ ପରିଡ଼ା, ରତ୍ନାକର ସାମଲ, ବିଷ୍ଣୁ ସାମଲ, ଶୁଭ୍ରାଂଶୁ ସାଇଁ, କାମଦେବ ରାଉତ, ବିଶ୍ୱରଞ୍ଜନ ରାଉତ, ବିଜନ ରାଉତ, ଓମ୍ ପ୍ରକାଶ ସାଇଁ, ଏବଂ ସିପୁ ପରିଡ଼ା ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ଅନ୍ୟପକ୍ଷରେ, ଢେଙ୍କାନାଳ ରକ୍ତ ଭଣ୍ଡାରର କର୍ମଚାରୀ ପରମାନନ୍ଦ ପଣ୍ଡାଙ୍କ ସୂଚନାନୁଯାୟୀ, ଗତ ସେପ୍ଟେମ୍ବର ୨୬ ତାରିଖରେ ଏଥିପାଇଁ ଦରଖାସ୍ତ କରାଯାଇଥିଲା । ଶ୍ରୀ ପଣ୍ଡାଙ୍କ ସମେତ ରକ୍ତ ଭଣ୍ଡାରର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିଥିଲେ । ଦିନ ଶେଷରେ ସମସ୍ତଙ୍କ ନିଷ୍ଠାପର ପ୍ରୟାସରୁ ମୋଟ ୭୭ ୟୁନିଟ୍ ମୂଲ୍ୟବାନ ରକ୍ତ ସଂଗ୍ରହ କରାଯାଇପାରିଛି । ଆୟୋଜକମାନଙ୍କ ଏହି ମହାନ ପ୍ରୟାସ ଆଗାମୀ ଦିନରେ ସମାଜରେ ରକ୍ତଦାନ ପ୍ରତି ଥିବା ଭୟ ଓ ଭ୍ରାନ୍ତଧାରାକୁ ଦୂର କରିବା ସହ ରକ୍ତର ଆବଶ୍ୟକତା ପୂରଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା ପ୍ରକାଶ ପାଇଛି ।

ହିନ୍ଦୋଳରେ ପୁଣି ହାତୀ ଆକ୍ରମଣରେ ଜଣେ ମୃତ

ଖଜୁରିଆକଟା ୨୮/୯(ନୀଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ରେ ହାତୀ ମଣିଷ ଲଢେଇ ଥମିବାର ନାମ ନେଉନଥିବା ବେଳେ ଏଠାରେ ଶାସନ ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧି କୁମ୍ଭକର୍ଣ୍ଣ ନିଦ୍ରାରେ ।ପୁଣି ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣ ଜଣେ ଯୁବକର ମୃତ୍ୟୁ ଅଂଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।ଖବରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳ ବାଲିମି ଥାନା ଅନ୍ତର୍ଗତ ପାଟଲା ଗ୍ରାମର ବିଷ୍ଣୁ ନାଏକ (୪୫) ଆଜିକୁ ୩ଦିନ ଧରି ନିଖୋଜ ଥିବାବେଳେ ଥାନାରେ ଅଭିଯୋଗ ହୋଇଥିଲା । ମାତ୍ର ଆଜି ସକାଳୁ ବିଷ୍ଣୁ ଙ୍କ କ୍ଷତବିକ୍ଷତ ଶବ ଏକ ବିଲରୁ ଉଦ୍ଧାର କରିଛନ୍ତି ହିନ୍ଦୋଳ ବନବିଭାଗ ଅଧିକାରୀ ଓ ବାଲିମି ପୋଲିସ । ତେବେ ହାତୀ ଆକ୍ରମଣ କରି ଦଳିଚକଟି କଚାଡି ଦେଇଥିବାରୁ ବିଷ୍ଣୁ ଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ । ତେବେ ମୃତ ବିଷ୍ଣୁ ନାଏକଙ୍କର ୫ପୁଅଝିଅ ଥିବାବେଳେ ଅସହାୟ ପରିବାର କୁ ବନବିଭାଗ ଓ ସରକାରଙ୍କ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ତୁରନ୍ତ ଯୋଗାଇଦେବାକୁ ସ୍ଥାନୀୟ ଅଂଚଳବାସି ଓ ମୃତକ ପରିବାରଙ୍କ ପକ୍ଷରୁ ଦାବି କରିଛନ୍ତି।

ରେଳ ଧାରଣରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଖଜୁରିଆକଟା, ୨୮/(ନୀଳକଣ୍ଠ ଦାସ) : ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦ ପଞ୍ଚାୟତ ଅଧୀନ ଗୋଡିଡିହି ଗ୍ରାମ ରେ ଏକ ଅଭାବନୀୟ ଘଟଣା ଘଟି ଜଣେ ଯୁବକଙ୍କର ଜୀବନ ଚାଲି ଯାଇଥିବା ଜଣାପଡିଛି । ଖବର ନେବାରେ ଜଣାଗଲା ଯେ ଗୋଡିଡିହି ଗ୍ରାମ ର ବିକ୍ରମ ମହାରଣାଙ୍କ ପୁତ୍ର ମାନସ ମହାରଣା ୨୧ ବର୍ଷ ଓରଫ କାହ୍ନା ଗତ କାଲି ଘରୁ ବାହାରି ଆସି ଗୁଡିଆକାଟେଣି ଛକ ଆଡ଼କୁ ଯାଇ ସଂଧ୍ୟା ବେଳକୁ ଘରକୁ ଫେରୁଥିବା କିଛି ଲୋକ ଦେଖିଥିଲେ । କିନ୍ତୁ ସେ ନିଜ ଘରକୁ ପହଞ୍ଚି ନଥିଲେ । ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାକୁ ପାଇ ନଥିଲେ । ୨୭ତାରିଖ ରବିବାର ସକାଳୁ ଗ୍ରାମ ନିକଟରେ ଥିବା ରେଳ ଲାଇନ୍ ରେ ତାଙ୍କର ମୃତ ଦେହ ପଡିଥିବା ଦେଖିବାକୁ ମିଳିଥିଲା । ମୁହଁ ଟି ବିକୃତ ହୋଇ ଥିବା ଦେଖିବାକୁ ମିଳିଥିଲା । ଖବର ପାଇ ରେଳବାଇ ପୋଲିସ୍ ଓ ମୋଟଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ରେଳବାଇ ପୋଲିସ୍ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ନିମନ୍ତେ ଡାକ୍ତରଖାନାକୁ ନେଇ ଯାଇଥିଲେ । ତାଙ୍କର ମୃତ୍ୟୁ ଆତ୍ମହତ୍ୟା କି ଅନ୍ୟ କିଛି ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ ସୁତ୍ରରୁ ଜଣାପଡିଛି ।ଏହି ଦୁଃଖଦ ଘଟଣା ର ଖବରପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଉଦବେଗ ପ୍ରକାଶ କରିବା ସହିତ ସଠିକ ତଦନ୍ତ ନିମନ୍ତେ ରେଳବାଇ ବିଭାଗର S.P. ବିବେକା ନନ୍ଦ ଶର୍ମା କଟକ ପୋଲିସ ଅଧିକାରୀ ଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି । ମାନସ ମହାରଣା ଙ୍କର ପରଲୋକ ରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ନୂଆ ଏସପିଙ୍କୁ ଭେଟିଲା ଆମ୍ବେଦକର ସେବକ ସଂଘ, ନିଳପ୍ରସାଦ ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି

ଢେଙ୍କାନାଳ, ୨୮/୯ (ବିଜ୍ଞାନ ମହାନ୍ତି): ଢେଙ୍କାନାଳ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆମ୍ବେଦକର ସେବକ ସଂଘ, ଓଡ଼ିଶା ପକ୍ଷରୁ ସାଗତ ଓ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି । ଏହି ଅବସରରେ ସଂଘ ପକ୍ଷରୁ ନିଳପ୍ରସାଦ ଥାନା ଅନ୍ତର୍ଗତ ମଞ୍ଜୁରିପଡା ଗ୍ରାମରେ ଘଟିଥିବା ଆକ୍ରମଣ ଓ ନିର୍ଯାତନା ମାମଲା ନଂ ୧୪୩/୨୦୨୬ ସମ୍ପର୍କରେ ଏସପିଙ୍କୁ ଅବଗତ କରାଯାଇଥିଲା । ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ଗିରଫ, ପୀଡିତ ପରିବାରଙ୍କ ବୟାନ ରେକର୍ଡ, ପ୍ରମାଣ ସଂଗ୍ରହ ଓ ତ୍ୱରିତ ଚାର୍ଜସିଟ୍ ଦାଖଲ ପାଇଁ ଦାବି କରାଯାଇଥିଲା । ସଂଘର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଦୈତାରୀ ନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲିକ, ଉପଦେଷ୍ଟା ସୁବଳ ନାୟକ, ରାଜ୍ୟ ମହିଳା ନେତ୍ରୀ ସୁଜାତା ନାୟକ ଓ ମଞ୍ଜୁରିପଡାର ରମେଶ ମଲିକ, ନରହରି ମଲିକ, ପ୍ରକାଶ ମଲିକ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ ।

ବିନା ମେଟ୍ରାନରେ ଆବାସିକ ସେବାଶ୍ରମ ଛାତ୍ରୀ ନିବାସ

କାମାକ୍ଷାନଗର,୨୮/୯(ସୁମନ୍ତ ଜେନା) କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାନପୁରା ପଞ୍ଚାୟତର ଯନ୍ତାରିବୋଲ ସ୍ଥିତ ଆଦିବାସୀ ଆବାସିକ ସେବାଶ୍ରମ ଛାତ୍ରୀ ନିବାସରେ ଦୀର୍ଘ ଦିନ ଧରି ବିନା ମେଟ୍ରନ ରେ ଚାଲିଥିବାର ଅଭିଯୋଗ ହୋଇଛି । ଯନ୍ତାରିବୋଲ ସେବାଶ୍ରମ ବିଦ୍ୟାଳୟର ଆବାସିକ ଛାତ୍ରୀ ନିବାସରେ ଶିଶୁ ବାଟିକାରୁ ସପ୍ତମ ପର୍ଯ୍ୟନ୍ତ ଛାତ୍ରୀ ରହୁଛନ୍ତି କ୍ଷ ଛାତ୍ରୀମାନେ ଆବାସିକ ଛାତ୍ରୀ ନିବାସରେ ରହୁଥିବା ବେଳେ ଗତ ଜୁନ ମାସରୁ ଏହି ଆବାସିକ ଛାତ୍ରୀ ନିବାସ ରେ ମେଟ୍ରନ ରହୁ ନଥିବାର ଜଣାଯାଇଛି । ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷୟତ୍ରୀ ରହିଥିବା ବେଳେ ଆବାସିକ ଛାତ୍ରୀ ନିବାସରୁ ଦୁରେଇ ରଖିବା କେତେଦୂର ଯଥାର୍ଥ ତାହା ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି । ଆବାସିକ ଛାତ୍ରୀ ନିବାସରେ ଅପରାହ୍ନ ୪ ଟାରୁ ପୂର୍ବାହ୍ନ ଦଶ ଟା ମଧ୍ୟରେ ଛାତ୍ରୀ ମାନଙ୍କର କେତେବେଳେ କଣ ହେବ ସେଥିପାଇଁ ଦାୟିତ୍ୱ କାହାର ବୋଲି ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ଜୁନ ମାସରୁ ଏଠାରେ ଥିବା ମେଟ୍ରନଙ୍କୁ ବିର୍ଭନ୍ନ୍ନ ଆଳ ଦେଖାଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପରଠାରୁ ଏଠାରେ କାହାକୁ ଆବସ୍ଥାପିତ କରାଯାଇନାହିଁ । ବିଭାଗୀୟ ଜିଲା କତୃପକ୍ଷ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନଥିବାରୁ ସାଧରଣରେ ବିସ୍ମୟ ପ୍ରକାଶ ପାଇଛି । ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇ ଜଣେ ମେଟ୍ରନଙ୍କୁ ତୁରନ୍ତ ଏଠାରେ ନିଯୁକ୍ତ କରାଯିବା ସକାଶେ ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

ଡ଼ାପଡ଼ାରେ ଜନ ଶୁଣାଣୀ ଶିବିର ଅନୁଷ୍ଠିତ

ଖଜୁରିଆକଟା ୨

ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ପୁସ୍ତକଗୁଡ଼ିକୁ ବୈଠକଖାନାକୁ ଫେରାଇ ଆଣିବା

ଭାରତର ଶିକ୍ଷା ଆଲୋଚନା ଦୀର୍ଘ ସମୟ ଧରି ପହଞ୍ଚ (ଉପଲବ୍ଧତା) ଯଥା, ବିଦ୍ୟାଳୟ, ପାଠ୍ୟପୁସ୍ତକ, ଡିଜିଟାଲ ଭିତ୍ତିଭୂମିର ପ୍ରବେଶ ଆଦି ଉପରେ କେନ୍ଦ୍ରିତ ରହିଆସିଛି । ଏଗୁଡ଼ିକ ବେଶ ଗୁରୁତ୍ୱପୂର୍ଣ୍ଣ ଅବଶ୍ୟ, କିନ୍ତୁ ଆମେ ଭାରତୀୟ ଶିକ୍ଷାର ଏକ ନୂତନ ପର୍ଯ୍ୟାୟର ଦ୍ୱାରଦେଶରେ ଦଣ୍ଡାୟମାନ ହୋଇଥିବାରୁ, ଆମ ସମ୍ମୁଖରେ ସମାନ ଧରଣର ଆହୁରି ଅନେକ ଜରୁରୀ ପ୍ରଶ୍ନମାନ ଉଭା ହୋଇଛି: ଆମେ ପଢ଼ିବା ପାଇଁ ଏକ ପିଢ଼ି ସୃଷ୍ଟି କରୁଛୁ କି ?

ଏହି ପ୍ରଶ୍ନ ଭ୍ରାମାତ୍ମକ ଭାବରେ ସରଳ ଲାଗିପାରେ, କିନ୍ତୁ ଏହାର ପ୍ରଭାବ ଖୁବ୍ ବ୍ୟାପକ । ପରିଣାମସ୍ୱରୂପ - ରାଷ୍ଟ୍ରୀୟ ଇ-ପୁସ୍ତକାଳୟ (ଆଇ.ଇ.ପି.) କିମ୍ବା ଜାତୀୟ ଡିଜିଟାଲ ପାଠାଗାରକୁ ଜନ୍ମ ଦେଇଥିଲା । ଏହି ପ୍ଲାଟଫର୍ମକୁ କେବଳ ଏକ ଡିଜିଟାଲ ଅଭିଲେଖାଗାର ଭାବରେ ନୁହେଁ, ବରଂ ଘର, ବିଦ୍ୟାଳୟ ଏବଂ ଗୋଷ୍ଠୀ ଭିତରୁ ଭାରତର ପାଠ୍ୟ ସଂସ୍କୃତିକୁ ସମୃଦ୍ଧ କରିବାର ଏକ ଜୀବନ୍ତ ପ୍ରୟାସ ଭାବରେ ପରିକଳ୍ପନା କରାଯାଇଥିଲା ।

ଆଜି ରାଷ୍ଟ୍ରୀୟ ଇ-ପୁସ୍ତକାଳୟ (ଆର.ଇ.ପି.) ୨୩ଟି ଭାଷାରେ ୭,୦୦୦ +ରୁ ଅତ୍ୟନ୍ତ ଯତ୍ନର ସହିତ ସଂଗୃହୀତ ପୁସ୍ତକ ଆୟୋଜନ କରୁଛି, ଯାହା ଶହ ଶହ ପ୍ରକାଶକଙ୍କ ସହଭାଗୀତାରେ ବିକଶିତ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ର ଆଭିମୁଖ୍ୟ ସହିତ ସଂଯୁକ୍ତ । କିନ୍ତୁ ଏହାର ଉଦ୍ଦେଶ୍ୟ କେବେ ସୁଦ୍ଧା କେବଳ ଏକ ବିସ୍ତାରଶୀଳ ଭଣ୍ଡାରରେ ବୃଦ୍ଧି ପାଇବାର ନଥିଲା । ଏହି ପଦ୍ଧତି ଉଦ୍ଦେଶ୍ୟମୂଳକ ଭାବରେ ଆପଣାଯାଇଛି: ଏକ ଚୟନକୃତ, ପ୍ରାସଙ୍ଗିକ ଏବଂ ଗତିଶୀଳ ସଂଗ୍ରହକୁ ବଜାୟ ରଖିବା - ଯାହା ନିରନ୍ତର ଭାବରେ ସତେଜ ହୋଇଥାଏ, ଏପରି ଶୀର୍ଷକ ପ୍ରଚଳନ କରେ ଯାହା କାର୍ଯ୍ୟରେ ପ୍ରତିଧ୍ୱନିତ ହୁଏ ଏବଂ ଯେଉଁମାନେ ତାହା କରନ୍ତି ନାହିଁ ସେମାନଙ୍କୁ ଏହି ଅବସର ଦେଇଥାଏ । ଏହାର ମାତ୍ରା ମଧ୍ୟ ଅନୁରୂପ ଭାବରେ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପ୍ରାସଙ୍ଗିକତା, ଗୁଣବତ୍ତା ଏବଂ ନିରନ୍ତର କାର୍ଯ୍ୟ ତତୋଧିକ ମହତ୍ୱ ବହନ କରେ ।

ଭାରତର ଅନେକ ପିଲାଙ୍କ ପାଇଁ - ବିଶେଷକରି ଗ୍ରାମୀଣ, ଅର୍ଦ୍ଧ-ସହରୀ ଏବଂ ଅନୁନ୍ନତ ଅଞ୍ଚଳରେ ଯେଉଁମାନେ ବସବାସ କରନ୍ତି - ନିର୍ଦ୍ଧାରିତ ପାଠ୍ୟପୁସ୍ତକ ବାହାରେ ପୁସ୍ତକର ପ୍ରବେଶ ଏକ ବାସ୍ତବ ପ୍ରତିବନ୍ଧକ ହୋଇ ରହିଛି । ନିକଟତମ ବହି ଦୋକାନ ଅନେକ କିଲୋମିଟର ଦୂରରେ ଅବସ୍ଥିତ ହୋଇଥାଇପାରେ । ସ୍କୁଲ ପାଠାଗାରରେ ପୁରୁଣା ବହି ଥାଇପାରେ କିମ୍ବା ଏହା ସ୍କୁଲ ସମୟ ପରେ ଉପଲବ୍ଧ ହୋଇ ନଥାଏ । ପିଲାମାନଙ୍କ ପାଇଁ ଏହା କଳ୍ପନା ମାତ୍ର, କିନ୍ତୁ ତାହା ଉପଲବ୍ଧ ସାମଗ୍ରୀ ହୋଇପାରେ ନାହିଁ ।

ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ଏହି ବ୍ୟବଧାନକୁ ପୂରଣ କରେ: ଜଣେ ପିଲା, ଭୌଗୋଳିକ ଅବସ୍ଥିତି କିମ୍ବା ଉପାର୍ଜନ ନିର୍ବିଶେଷରେ, ଏବେ ତାଙ୍କ ଘରେ ପୂର୍ବରୁ ଥିବା ଡିଭାଇସ୍ ମାଧ୍ୟମରେ ହଜାର ହଜାର ଲୋକଙ୍କ ପାଠାଗାରରେ ସହଜରେ ପହଞ୍ଚିପାରିବ । ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ପଠନ ପାଇଁ ଏହା ଉପଲବ୍ଧ ହୋଇପାରିବ । ଏହା ହିନ୍ଦୀ ଏବଂ ଇଂରାଜୀ ବ୍ୟତୀତ ଅନ୍ୟ ଭାଷାରେ ପୁସ୍ତକ ପାଇବାର ସୁଯୋଗ ମଧ୍ୟ ପ୍ରଦାନ କରେ । କିନ୍ତୁ ଏହି ଉପକ୍ରମ କ'ଣ ନୁହେଁ ସେ ବିଷୟରେ ସ୍ପଷ୍ଟ ଅବଧାରଣା କରିବା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଏହାର ଉଦ୍ଦେଶ୍ୟ ଛୋଟ ପିଲାମାନଙ୍କୁ ଅଧିକ ସମୟ ସ୍କ୍ରିନ୍‌ରେ ବିତାଇବାକୁ ପ୍ରୋତ୍ସାହିତ କରିବା ନୁହେଁ । ବରଂ, ପରିବାରଗୁଡ଼ିକ ପାଖରେ ଆଗରୁ ଥିବା ଡିଭାଇସ୍‌ଗୁଡ଼ିକୁ ଅଧିକ ଅର୍ଥପୂର୍ଣ୍ଣ ଭାବେ ବ୍ୟବହାର କରିବା ପାଇଁ ଏହା ଏକ ଆହ୍ୱାନ । ଯେଉଁ ସମୟଟି ଅନ୍ୟଥା ନିଷ୍କ୍ରିୟ ଓ ଏକାକୀ ଭାବେ ବିତିପାରେ, କିମ୍ବା କ୍ଷତିକାରକ ସ୍କ୍ରୋଲିଂ ଓ ଅନୁପଯୁକ୍ତ ବିଷୟବସ୍ତୁ ଦେଖିବାରେ ନଷ୍ଟ ହୋଇପାରେ, ସେହି ସମୟକୁ ପରିବାର ସହ ମିଶି କିଛି ଉପଯୋଗୀ, ଆନନ୍ଦଦାୟକ ଓ ଜ୍ଞାନବର୍ଦ୍ଧକ କାର୍ଯ୍ୟରେ ପରିଣତ କରିବା ହେଉଛି ଏହାର ଉଦ୍ଦେଶ୍ୟ । ପିତାମାତା ଜଣେ ଛୋଟ ପିଲାକୁ ବଡ଼ ପାଟିରେ ପଢ଼ି ଶୁଣାଉଛନ୍ତି । ବଡ଼ ଭାଇଭଉଣୀ ଏକ କାହାଣୀ ଶୁଣାଉଛନ୍ତି । ଗୋଟିଏ ପରିବାର ଏକାଠି ପଢ଼ିବା ପାଇଁ ସମୟ ବାହାର କରୁଛନ୍ତି । ଏପରି ଏକ ସମୟରେ, ଯେତେବେଳେ ସ୍କ୍ରିନ୍‌ଗୁଡ଼ିକ ପ୍ରାୟତଃ ଲୋକମାନଙ୍କୁ ପରସ୍ପରଠାରୁ ଦୂରେଇ ନିଜ ନିଜ ଜଗତ ମଧ୍ୟରେ ସୀମିତ କରିଦିଏ, ସେହି ସମାନ ଡିଭାଇସ୍ ମାଧ୍ୟମରେ ପଢ଼ାଯାଉଥିବା ପୁସ୍ତକଗୁଡ଼ିକ ଲୋକମାନଙ୍କୁ ପୁଣି ପରସ୍ପର ସହ ଯୋଡ଼ିବାର ଶକ୍ତି ରଖିଥାଏ । ସ୍କ୍ରିନ୍ ସମୟ ନୁହେଁ, ପାରିବାରିକ ସମୟ ଭାବରେ ପଢ଼ନ୍ତୁ ।

ରାଷ୍ଟ୍ରୀୟ ଇ-ପୁସ୍ତକାଳୟର ଗଭୀରତର ଉଦ୍ଦେଶ୍ୟ କେବଳ ପ୍ଲାଟଫର୍ମର ପରିସଂଖ୍ୟାନରେ ସୀମିତ ନୁହେଁଚ ଏହାର ମୂଳ ଲକ୍ଷ୍ୟ ହେଉଛି ପାଠପଢ଼ାର ଅଭ୍ୟାସକୁ ପୁଣି ଘରର ବୈଠକଘରକୁ ଫେରାଇ ଆଣିବା । ପଠନ କେବଳ ଏକ ଶୈକ୍ଷିକ କାର୍ଯ୍ୟକଳାପ ନୁହେଁ । ଏହା ଏକ ସାମାଜିକ ଏବଂ ଭାବପ୍ରବଣତାର କାର୍ଯ୍ୟ ମଧ୍ୟ । ଯେତେବେଳେ ପରିବାର କିମ୍ବା ବନ୍ଧୁମାନେ ଏକତ୍ର ବସି ପଢ଼ାପଢ଼ି କରନ୍ତି, ସେମାନେ କଥାବାର୍ତ୍ତା, ପାରସ୍ପରିକ ସହାନୁଭୂତି ଏବଂ ପ୍ରତିଫଳନ ପାଇଁ ସୁଯୋଗ ସୃଷ୍ଟି କରନ୍ତି ଏହା ଏକ ସମାନ ଆଭିମୁଖ୍ୟର ଗୁଣ ଯାହା ବିଜ୍ଞପ୍ତି ଏବଂ ଚାହିଦା ଦ୍ୱାରା ଖଣ୍ଡିତ ଜୀବନରେ କ୍ରମଶଃ ବିରଳ ହେବାରେ ଲାଗିଛି । ଗବେଷଣା ଏହି ବିନ୍ଦୁରେ ସ୍ଥିର: ଯେଉଁ ପିଲାମାନଙ୍କୁ ପଢ଼ାଯାଏ ଏବଂ ଯେଉଁମାନେ ସେମାନଙ୍କ ଚାରିପାଖରେ ବୟସ୍କମାନଙ୍କୁ ପଢୁଥିବା ଦେଖନ୍ତି, ସେମାନଙ୍କଠାରେ କେବଳ ଦୃଢ଼ ସାକ୍ଷରତା ନୁହେଁ ବରଂ ସମୃଦ୍ଧ ଆନ୍ତରିକ ଜୀବନ ବିକଶିତ ହୋଇଥାଏ ।

ଭାରତର ଜାତୀୟ ସ୍ତୋତ୍ର: ବନ୍ଦେ ମାତରମ

ବନ୍ଦେ ମାତରମ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଏକ ରାଷ୍ଟ୍ରଭକ୍ତି କବିତା ଯାହା ନଭେମ୍ବର ୭ ତାରିଖ ୧୮୭୫ ରେ ବଙ୍ଗ ଦର୍ଶନ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ୧୮୮୨ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ଏହା ପ୍ରକାଶ ପାଇଥିଲା । ଏହା ଉଭୟ ସଂସ୍କୃତ ଏବଂ ବଙ୍ଗଳା ଭାଷାର ଏକ ମିଳିତ ଲିଖନୀ ଥିଲା । ଏହି କାଳଜୟୀ କବିତାଟି ଏକ ଜଣାଣ ଅଟେ ଯେଉଁଥିରେ ମା' ଦୁର୍ଗାଙ୍କୁ ଭାରତ ମାତାଙ୍କ ଅବତାର ସହିତ ତୁଳନାକରି ତାଙ୍କର ବନ୍ଦନା କରାଯାଇଛି ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି କବିତାର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏହି କବିତାଟି ପ୍ରଥମଥର ପାଇଁ ରବୀନ୍ଦ୍ରନାଥ ଟାଗୋର ୧୮୯୬ ମସିହାର କଂଗ୍ରେସ ଅଧିବେଶନରେ ଆବୃତ୍ତି କରିଥିଲେ । ୧୯୫୦ ମସିହାରେ ଭାରତ ଯେତେବେଳେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ପରିଚୟ ପାଇଲା ସେତେବେଳେ ଏହି କବିତାଟିର ଦୁଇଟି ଛନ୍ଦ ସରକାରୀ ଭାବରେ ଭାରତ ଗଣରାଜ୍ୟର ରାଷ୍ଟ୍ରଗାନ କରିଦିଆଯାଇଥିଲା ।

ବଙ୍କିମ ଚନ୍ଦ୍ର ଚାଟାର୍ଜୀ ନୂଆକରି ତିଆରି ହୋଇଥିବା କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ଦୁଇଜଣ ସ୍ନାତକଙ୍କ ମଧ୍ୟରୁ ଜଣେଥିଲେ । ପାଠପଢାପରେ ସେ ପ୍ରଥମେ ଜିଲ୍ଲା ମାଜିଷ୍ଟ୍ରେଟ ଓ ପରେ ଜିଲାପାଳ ଭାବରେ କାର୍ଯ୍ୟାରମ୍ଭ କରିଥିଲେ । ସେ ୧୮୫୭ରେ ଆନ୍ଦୋଳନ ବିଷୟରେ ଜାଣିବାକୁ ଇଚ୍ଛୁକ ଥିଲେ । ସେତେବେଳେ ଫିରଙ୍ଗି ସରକାର 'ଗଡ୍ ସେଭ୍ ଦି କ୍ୱିନ୍' (God save the queen) କୁ ଜାତୀୟ ଗାନ କରିବାକୁ ଚେଷ୍ଟା ଚଳାଇଥିଲା ଯାହାକୁ ସ୍ୱାଧୀନତାବାଦୀମାନେ ଗ୍ରହଣ କରିପାରି ନଥିଲେ ଯାହା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଏହି କବିତାଟି ଲେଖିବାକୁ ପ୍ରେରଣା ଦେଇଥିଲା । ଏହା ପରବର୍ତ୍ତୀ କାଳରେ ସରକାରୀ ସ୍ତରରେ ଅନୁମୋଦିତ ହୋଇଥିଲା ।

ବନ୍ଦେ ମାତରମ ଏମିତି ଏକ ପ୍ରେରଣାଦାୟୀ ସଂଗୀତ ଥିଲା ଯାହା ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଫିରଙ୍ଗିମାନଙ୍କ ବିରୋଧରେ ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ରକ୍ତରେ ଶିହରଣ ଖେଳାଇ ଦେଇଥିଲା । ଅନେକ ଧାରଣା, ଅନଶନରେ ବନ୍ଦେ ମାତରମ ସ୍ଲୋଗାନ ଦିଆଯାଉଥିଲା । ଫିରଙ୍ଗିମାନେ ଭୟଭୀତ ହୋଇ ଏହାକୁ ଅନ୍ୟାୟ ଭାବରେ ଘୋଷଣାକରି ବନ୍ଦେ ମାତରମ ଗାନ କରୁଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜେଲରେ ଭର୍ତ୍ତି କରିଦେଉଥିଲେ । ଲାଲା ଲଜପତରାୟ ଲାହୋର ଠାରୁ ଏକ ସନ୍ଦର୍ଭ ଆରମ୍ଭ କରିଥିଲେ ଯାହାର ନାମଥିଲା ବନ୍ଦେ ମାତରମ । ହୀରାଲାଲ ସେନ ୧୯୦୫ ରେ ଭାରତର ପ୍ରଥମ ରାଜନୀତିକ ଫିଲ୍ମ ନିର୍ମାଣ କରିଥିଲେ ଯାହାର ଅନ୍ତରେ ବନ୍ଦେ ମାତରମ ଥିଲା । ୧୯୦୭ ମସିହା ଅଗଷ୍ଟ-୨୨ ତାରିଖରେ ମାଡାମ ଭିକାଜୀ ରୁସ୍ତମ କାମା ଷ୍ଟୁଟ୍ ଗର୍ଟ୍, ଜର୍ମାନୀଠାରେ ଭାରତର ପ୍ରଥମ ତ୍ରିରଙ୍ଗା ଜାତୀୟ ପତାକା ଯାହାକୁ ସେ ବୀର ସାବରକର ଓ ଶ୍ୟାମଜୀ କୃଷ୍ଣ ବର୍ମାଙ୍କ ସହିତ ମିଶି ଡିଜାଇନ୍ କରିଥିଲେ ତାହାକୁ ଉତ୍ତୋଳନ କରିଥିଲେ ଯାହାର ମଝିରେ ବନ୍ଦେ ମାତରମ ଲେଖାଯାଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମର ସେ ଜଣେ ପ୍ରମୁଖ ତଥା ସାହସୀ ମହିଳା ଥିଲେ । ସେ ବିଦେଶ ମାଟିରେ ପ୍ରଥମକରି ଭାରତର ଜାତୀୟ ପତାକା ଉଡାଇ ଇତିହାସ ରଚିଥିଲେ । ତାଙ୍କର ଏହି ଅସୀମ ସାହସ ଏବଂ ଦେଶପ୍ରେମ ପାଇଁ ତାଙ୍କୁ 'ଭାରତୀୟ ବିପ୍ଳବର ଜନନୀ' ବୋଲି କୁହାଯାଏ ।

୨୦୨୫ ମସିହା ନଭେମ୍ବର ୭ ତାରିଖ ରେ ଭାରତର ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଥିଲା । ଏହି ସଂଗୀତର ଅର୍ଥ ହେଲା ମା'ଙ୍କ ବନ୍ଦନା । ଏହି ସଂଗୀତ ଅଗଣିତ ସ୍ୱାଧୀନତା ସଂଗ୍ରାମୀ , ରାଷ୍ଟ୍ର ନିର୍ମାତାଙ୍କ ପିଢିଙ୍କୁ ଅନୁପ୍ରାଣିତ କରିବା ସହିତ ଭାରତର ଜାତୀୟ ପରିଚୟ ଏବଂ ସାମୂହିକ ଭାବନାରେ ପରିଣତ ହୋଇଛି । ଏହି ସଂଗୀତ ଅନେକ ବର୍ଷ ଧରି ଭାରତର ସଭ୍ୟତାଗତ , ରାଜନୈତିକ ଏବଂ ସାଂସ୍କୃତିକ ଚେତନାର ଅଭିନ୍ନ ଅଙ୍ଗ ହୋଇ ଆସିଛି । ବନ୍ଦେ ମାତରମର ଇତିହାସ, ସାହିତ୍ୟ, ଜାତୀୟତାବାଦ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମକୁ ଯୋଡି ଆସିଛି । ୧୯୦୭ ମସିହା ଏପ୍ରିଲ ୧୬ ତାରିଖରେ ଇଂରାଜୀ ଦୈନିକ 'ବନ୍ଦେ ମାତରମ'ରେ ଶ୍ରୀ ଅରବିନ୍ଦ ଏହି ଗୀତର ଗୋଟିଏ ଅଂଶକୁ ପ୍ରକାଶ କରିଥିଲେ । ଏଥିରେ ସେ ଗୀତର ରଚନା ଏବଂ ଇତିହାସ ସଂପର୍କରେ ସୂଚନା ଦେଇଥିଲେ ।

ପ୍ରଶାନ୍ତ କୁମାର ନାୟକ
ଭୁବନେଶ୍ୱର, ୮୨୪୯୬୫୦୪୧୪

ବଙ୍କିମ ଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪) ଉନବିଂଶ ଶତାବ୍ଦୀର ବଂଗରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ସେ ଜଣେ ଔପନ୍ୟାସିକ, କବି ଓ ପ୍ରାବନ୍ଧିକ ରୂପେ ବଙ୍ଗୀୟ ବୌଦ୍ଧିକ ଏବଂ ସାହିତ୍ୟିକ ଇତିହାସରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି । ତାଙ୍କର ଯୋଗଦାନ ଭାରତୀୟ ଜାତୀୟତାବାଦର ଉଦ୍ରେକକୁ ପ୍ରଭାବିତ କରିଥିଲା ।

ଅକ୍ଟୋବର, ୧୯୦୫ ରେ ଉତ୍ତର କଲିକତାରେ ବନ୍ଦେ ମାତରମ ସଂପ୍ରଦାୟ ପ୍ରତିଷ୍ଠା କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ମାତୃଭୂମିକୁ ଏକ ଲକ୍ଷ୍ୟ ଏବଂ ଧାର୍ମିକ ଉତ୍ସାହ ରୂପେ ପ୍ରୋତ୍ସାହିତ କରିବା । ଏହାର ସଦସ୍ୟମାନେ ପ୍ରତ୍ୟେକ ଦିନ ପ୍ରଭାତ ଫେରି ସମୟରେ ବନ୍ଦେ ମାତରମ ଗାନ କରୁଥିଲେ। ଏହି ପ୍ରଭାତ ଫେରୀରେ ରବୀନ୍ଦ୍ର ନାଥ ଟାଗୋର ମଧ୍ୟ ବେଳେବେଳେ ଯୋଗଦାନ କରୁଥିଲେ । ୨୦ ମଇ, ୧୯୦୬ ରେ ବରିସଲ (ବର୍ତ୍ତମାନର ବାଂଲାଦେଶ)ରେ ଅଭୂତପୂର୍ବ ବନ୍ଦେ ମାତରମ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏଥିରେ ହିନ୍ଦୁ ଓ ମୁସଲିମଙ୍କ ସମେତ ହଜାର ହଜାର ଲୋକ ସାମିଲ ହୋଇଥିଲେ । ସେହି ବର୍ଷ ବନ୍ଦେ ମାତରମ ପତ୍ରିକାର ଶୁଭାରମ୍ଭ ହୋଇଥିଲା । ଏହାର ପ୍ରଥମ ସଂପାଦକ ଥିଲେ ବିପିନ ଚନ୍ଦ୍ର ପାଲ୍ । ଶ୍ରୀ ଅରବିନ୍ଦ ପରବର୍ତ୍ତୀ କାଳରେ ଏହାର ଯୁଗ୍ମ ସଂପାଦକ ରୂପେ ଯୋଗଦେଇ ଥିଲେ । ଏହା ଏକ ପ୍ରଭାବୀ ସଂପାଦକୀୟ ଜରିଆରେ ଭାରତର ଜାଗରଣର ଉପକରଣ ପାଲଟିଥିଲା । ବନ୍ଦେ ମାତରମ ଗୀତ ଓ ସ୍ଲୋଗାନର ପ୍ରଭାବ ବୃଦ୍ଧି ପାଉଥିବା ଦେଖି ବ୍ରିଟିଶ ସରକାର ଏହା ଉପରେ ଅଙ୍କୁଶ ଲଗାଇଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ବନ୍ଦେ ମାତରମ ଭାରତର ସଂଗ୍ରାମୀ ଗୀତ ପାଲଟି ଯାଇଥିଲା । ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଏହା ବିପ୍ଳବର ବହ୍ନି ଜାଳିଥିଲା । ଜାତି, ଧର୍ମ, ବର୍ଣ୍ଣ ଏବଂ ଭାଷା ନିର୍ବିଶେଷରେ ଏହା ସବୁ ଭାରତୀୟଙ୍କୁ ଏକତାର ସୂତ୍ରରେ ବାନ୍ଧି ଦେଇଥିଲା । ରାଜନୈତିକ ସଭା , ଶୋଭାଯାତ୍ରା, ଆନ୍ଦୋଳନ ଆଦିରେ ଏହା ପ୍ରେରଣାର ଗୀତ ପାଲଟିଥିଲା । ଏହା କେବଳ ବିଦ୍ରୋହ ନିମନ୍ତେ ପ୍ରେରଣା ଯୋଗାଇନଥିଲା, ବରଂ ସାଂସ୍କୃତିକ ଗୌରବ ଏବଂ ଆଧ୍ୟାତ୍ମିକ ଉତ୍ସାହକୁ ଜାଗ୍ରତ କରିବା ସହିତ ଭାରତର ସ୍ୱାଧୀନତା ପାଇଁ ମୂଳଦୁଆକୁ ମଜବୁତ କରିଥିଲା ।

୨୪ ଜାନୁଆରି, ୧୯୫୦ ରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ସ୍ୱାଧୀନତା ଆନ୍ଦୋଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ବନ୍ଦେ ମାତରମ ଜାତୀୟ ସଂଗୀତ 'ଜନ ଗଣ ମନ' ଭଳି ସମାନ ମାନ୍ୟତା ପାଇବା ଉଚିତ ଏବଂ ସମାନ ଭାବରେ ସମ୍ମାନିତ ହେବା ଉଚିତ । ଏହାକୁ ଆଧାରକରି ସ୍ୱାଧୀନ ଭାରତର ଜାତୀୟ ସଂଗୀତ ଭାବରେ ରବୀନ୍ଦ୍ର ନାଥ ଟାଗୋରଙ୍କ 'ଜନ ଗଣ ମନ' କୁ ଗ୍ରହଣ କରାଯାଇଥିଲା ଏବଂ ବଙ୍କିମ ଚନ୍ଦ୍ରଙ୍କ 'ବନ୍ଦେ ମାତରମ' କୁ ଜନ ଗଣ ମନ ସହିତ ସମାନ ମର୍ଯ୍ୟାଦା ଦେଇ ଜାତୀୟ ଗୀତ ଭାବରେ ଗ୍ରହଣ କରାଯାଇଥିଲା ।

ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଜୁନ୍ ୨୬ , ୧୮୩୮ ରେ ପଶ୍ଚିମବଙ୍ଗର ଚବିଶ ପ୍ରଗଣା ଜିଲ୍ଲାର କନ୍ଥଲପଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବଙ୍କିମ ଚନ୍ଦ୍ରଙ୍କୁ ଯେତେବେଳେ ମାତ୍ର ୨୭ ବର୍ଷ ବୟସ ହୋଇଥିଲା , ସେତେବେଳେ ସେ ତାଙ୍କର ପ୍ରଥମ ବଙ୍ଗଳା ଉପନ୍ୟାସ ଦୁର୍ଗେଶ ନନ୍ଦିନୀ ୧୮୬୫ ରେ ରଚନା କରିଥିଲେ । ଏହି ମହାନ କ୍ରାନ୍ତିକାରୀ ୮ ଅପ୍ରେଲ ୧୮୯୪ ରେ ମାତ୍ର ୫୬ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ ।

ସମାଜର ଦର୍ପଣ

ଯେତେବେଳେ ଶିଶୁଟିଏ ଜନ୍ମନିଏ ବାପା ମାଆର ଆଖିର ତାରା ହୋଇଥାଏ । ସେମାନେ ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତର କାମନା ସହ କେମିତି ଜଣେ ପ୍ରତିଷ୍ଠିତ ନାଗରିକ ହୋଇପାରିବ ସେଥିପାଇଁ ଚେଷ୍ଟିତ ଥାଆନ୍ତି । ଭଲ ପରିବେଶ, ସୁସଂସ୍କାର, ଉତ୍ତମ ବନ୍ଧୁ ଗୋଟିଏ ମଣିଷକୁ ସୁନାଗରିକ ହେବାରେ ସାହାଯ୍ୟ କରିଥାଏ । ତଦ୍ ସହିତ ତାହାର ଅନ୍ତର୍ନିହିତ ଗୁଣ ତାକୁ ଜୀବନରେ ସଫଳତା ପାଇବାରେ ସହାୟକ ହୋଇଥାଏ । ବୟୋଜ୍ୟେଷ୍ଠଙ୍କୁ ଯିଏ ସମ୍ମାନ ଦେଇ ଜାଣେ, ରାଗ, କ୍ରୋଧକୁ ନିୟନ୍ତ୍ରଣ କରିପାରେ ଏବଂ ସମସ୍ତଙ୍କୁ ସ୍ନେହ, ଶ୍ରଦ୍ଧା ବାଣ୍ଟି ଚାଲେ ସିଏ ସବୁଠି ଆଦରର ପାତ୍ର ହୋଇଥାଏ ।ଆଉ ସେହି ମଣିଷ ହିଁ ତା'ର ପିତାମାତାର ସପ୍ନକୁ ସାକାର କରିବାରେ ସକ୍ଷମ ହୋଇଥାଏ ଏବଂ ନିଜ ଅଞ୍ଚଳ, ଜିଲ୍ଲା ତଥା ରାଜ୍ୟରେ ସୁନାମ ଅର୍ଜନ କରିଥାଏ ।

ମାତ୍ର ସମାଜରେ ଆଜିର ପିଲା କୌଣସି ପ୍ରକାର ବ୍ୟବହାର ଶିଖି ପାରୁ ନାହାନ୍ତି । ମା' କୁ ପୂର୍ବ କାଳରୁ ପ୍ରଥମ ଗୁରୁ ମାନ୍ୟତା ମିଳିଛି । ହେଲେ ଆଜି ତାକୁ ନିଜ ସନ୍ତାନ ଅଣଦେଖା କରୁଛି । ଜନ୍ମରୁ ଶିଶୁର ଭଲମନ୍ଦ ବିଚାର କରୁଥିବା ମା' ଦୁନିଆ ଆଗରେ ଅସମ୍ମାନିତ ହେଉଅଛି । ଏକଲବ୍ୟ ଗୁରୁ ଦକ୍ଷିଣା ସରୂପ ତାଙ୍କ ବୃଦ୍ଧା ଅଙ୍ଗୁଠି କାଟି ଦେଇଥିଲେ । କିନ୍ତୁ ଆଜି ସେହି ଗୁରୁ ଶିଷ୍ୟ ସମ୍ପର୍କ ଦେଖିବାକୁ ମିଳୁନି । ମଧୁର ସମ୍ପର୍କ ପରିବର୍ତ୍ତେ ହିଂସା, ଅହଂକାର, ଅଭିମାନ, ପ୍ରତିଶୋଧର ଭାବନା ବଢିବାରେ ଲାଗିଛି । ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି । ସେଥିପାଇଁ ଆଜି ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିଛି । ଶିକ୍ଷା ଓ ଶିକ୍ଷକଙ୍କର ମୂ

ମଙ୍ଗଳବାର ୨୯।୯।୨୦୨୬

ବିଶେଷ ସମ୍ପାଦକୀୟ

ଅକ୍ଷର
AKHYARA ODISHA ଓଡ଼ିଶା

ଅମର ସହିଦ ଭଗତ ସିଂହ ଓ ଅମୃତ ପିଢ଼ି’

ଭାରତୀୟ ସାଧୀନତା ଆନ୍ଦୋଳନର ଇତିହାସ ପୃଷ୍ଠାରେ ଯେଉଁ କେତେଜଣ ବିରଳ ବ୍ୟକ୍ତିତ୍ୱ ନିଜ ରକ୍ତରେ ମୁକ୍ତିର ଅମର ଗାଥା ଲେଖିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ହେଉଛନ୍ତି ଶହୀଦ-ଏ-ଆଜମ ଭଗତ ସିଂହ। ଭଗତ ସିଂହ କେବଳ ଏକ ନାମ ନୁହେଁ, ବରଂ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ, ଅଦମ୍ୟ ସାହସ ଏବଂ ମାତୃଭୂମି ପ୍ରତି ଅତୁଳନୀୟ ସମର୍ପଣର ଏକ ଜୀବନ୍ତ ପ୍ରତୀକ। ସେ ଥିଲେ ଇତିହାସର ଏକ ଜ୍ୱଳନ୍ତ ଅଗ୍ନିଶିଖା। ୧୯୦୭ ମସିହା ସେପ୍ଟେମ୍ବର ୨୮ ତାରିଖରେ ପଞ୍ଜାବର ଲାଇଲପୁର ଜିଲ୍ଲାର ବଙ୍ଗା ଗ୍ରାମରେ ଏହି ମହାନ ବିପ୍ଳବୀ ଜନ୍ମଗ୍ରହଣ କରିଥିଲେ। ଯେଉଁ ବୟସରେ ସାଧାରଣ ଯୁବକମାନେ କ୍ୟାରିୟର, ସଂସାର ଏବଂ ବ୍ୟକ୍ତିଗତ ଭୋଗବିଳାସର ସପ୍ନ ଦେଖନ୍ତି, ମାତ୍ର ୨୩ ବର୍ଷ ବୟସରେ ସେହି ବୟସରେ ଭଗତ ସିଂହ ହସିହସି ଫାଶୀଖୁଣ୍ଟକୁ ଆଲିଙ୍ଗନ କରିଥିଲେ। ତାଙ୍କ ଜୀବନର ପ୍ରତିଟି କ୍ଷଣ ଥିଲା ରାଷ୍ଟ୍ରପ୍ରେମରେ ଉଦ୍‌ବୁଦ୍ଧ। ଆଜି ଭାରତ ଯେତେବେଳେ ସାଧୀନତାର ‘ଅମୃତ କାଳ’ ଅତିକ୍ରମ କରୁଛି, ସେତେବେଳେ ଆମର ଏହି ‘ଅମୃତ ପିଢ଼ି’ ପାଇଁ ଭଗତ ସିଂହଙ୍କ ଚିନ୍ତାଧାରା ଓ ଆଦର୍ଶ ଅଧିକ ପ୍ରାସଙ୍ଗିକ ହୋଇପଡ଼ିଛି।

ଭଗତ ସିଂହଙ୍କୁ ଅନେକ ସମୟରେ କେବଳ ଜଣେ ବନ୍ଧୁକଧାରୀ ବିପ୍ଳବୀ ଭାବରେ ସୀମିତ କରିଦିଆଯାଏ, କିନ୍ତୁ ବାସ୍ତବରେ ସେ ଥିଲେ ଏକ ଉଚ୍ଚକୋଟୀର ଦାର୍ଶନିକ, ପ୍ରଖର ଅଧ୍ୟୟନଶୀଳ ଚିନ୍ତକ ଓ ଦୂରଦୃଷ୍ଟିସମ୍ପନ୍ନ ଲେଖକ। ସେ ନିଜେ କହିଥିଲେ ‘ବିପ୍ଳବର ତରବାରି କେବଳ ବିଚାରର ଶାଣିତ ପଥରରେ ଘଷିହେଲେ ହିଁ ଧାରୁଆ ହୁଏ।’ ସେ କେବଳ ବ୍ରିଟିଶ ଶାସକମାନଙ୍କୁ ଭାରତରୁ ବାହାର କରିବାକୁ ଚାହୁଁନଥିଲେ, ବରଂ ଶୋଷଣମୁକ୍ତ ସମାଜ ଗଠନ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ତାଙ୍କ ପାଇଁ ସାଧୀନତା କେବଳ ଶାସନ କ୍ଷମତାର ହସ୍ତାନ୍ତର ନଥିଲା। ଗୋରା ଇଂରେଜ ଯାଇ କଳା ଭାରତୀୟ ଶାସକ ଆସିଲେ ଏବଂ ଗରିବ, କୃଷକ ତଥା ଶ୍ରମିକମାନଙ୍କ ଜୀବନରେ କୌଣସି ପରିବର୍ତ୍ତନ ନଆସିଲେ ତାହା ପ୍ରକୃତ ସାଧୀନତା ନୁହେଁ ବୋଲି ସେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ।

ତାଙ୍କର ଦାର୍ଶନିକ ଚିନ୍ତନ ଥିଲା ତର୍କ, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ମାନବବାଦ ଉପରେ ଆଧାରିତ। କାରାଗାର ମଧ୍ୟରେ ଥାଇ ମଧ୍ୟ ସେ ଶହ ଶହ ବିଶ୍ୱସ୍ତରୀୟ ପୁସ୍ତକ ଅଧ୍ୟୟନ କରିଥିଲେ। ତାଙ୍କର ପ୍ରସିଦ୍ଧ ନିବନ୍ଧ ‘ମୁଁ କାହିଁକି ନାସ୍ତିକ ?’ କେବଳ ଏକ ଧାର୍ମିକ ବିତର୍କ ନୁହେଁ, ବରଂ ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଭାଗ୍ୟବାଦ ବିରୁଦ୍ଧରେ ମାନବୀୟ ବିବେକ ଓ ଯୁକ୍ତିର ଏକ ଶକ୍ତିଶାଳୀ ଘୋଷଣାପତ୍ର। ସେ ଯୁବସମାଜକୁ ପରମ୍ପରାକୁ ଅନ୍ଧ ଭାବେ ଅନୁକରଣ ନକରି ପ୍ରଶ୍ନ କରିବାକୁ ଏବଂ ସତ୍ୟ ଅନୁସନ୍ଧାନ କରିବାକୁ ଶିଖାଇଥିଲେ।

ମନୋଜ କୁମାର ଶତପଥୀ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩, ନୟାଗଡ଼, ୯୯୩୮୫୫୯୫୬୮

ଭଗତ ସିଂହଙ୍କ ହୃଦୟ ମାନବୀୟ କରୁଣା ଓ ସମବେଦନାରେ ପରିପୂର୍ଣ୍ଣ ଥିଲା। ୧୯୧୯ ମସିହାରେ ଘଟିଥିବା ଜାଲିଆନାୱାଲାବାଗ୍ ନରସଂହାର ବେଳେ ସେ ମାତ୍ର ବାର ବର୍ଷର ବାଳକ ଥିଲେ। ସେଠାକାର ରକ୍ତରଞ୍ଜିତ ମାଟିକୁ ଏକ କାଚ ବୋତଲରେ ସାଇତି ରଖି ସେ ସାରା ଜୀବନ ଦେଶର ବେଦନାକୁ ନିଜ ଭିତରେ ଧାରଣ କରିଥିଲେ। ସାମାଜିକ ସମାନତା ଓ ଭ୍ରାତୃଭାବ: ସେ ଜାତିଭେଦ, ଛୁଆଁଅଛୁଆଁ ଭେଦଭାବ ଏବଂ ସାମ୍ପ୍ରଦାୟିକତାର ଘୋର ବିରୋଧୀ ଥିଲେ। ୧୯୨୬ ମସିହାରେ ସେ ଯେତେବେଳେ ‘ନୌଜୱାନ ଭାରତ ସଭା’ ପ୍ରତିଷ୍ଠା କଲେ, ସେଥିରେ ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ଏକାଠି ବସାଇ ଭୋଜନ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା, ଯାହା ସାମାଜିକ ସମାନତାର ଏକ ଅନନ୍ୟ ଦୃଷ୍ଟାନ୍ତ ଥିଲା। ଅହିଂସାତ୍ମକ ଉଦ୍ଦେଶ୍ୟ ଓ ନୈତିକ ସାହସ: ୧୯୨୯ ମସିହାରେ କେନ୍ଦ୍ରୀୟ ବିଧାନସଭାରେ ବୋମା ବିସ୍ଫୋରଣ କରିବା ସମୟରେ ତାଙ୍କର ଉଦ୍ଦେଶ୍ୟ କାହାକୁ ମାରିବା ନଥିଲାଟ ତାହା ଥିଲା ଶୂନ୍ୟ ସ୍ଥାନରେ ଫିଙ୍ଗାଯାଇଥିବା ସାଧାରଣ ଧୂଆଁ ବୋମା, ଯାହାଦ୍ୱାରା ବଧିର ବ୍ରିଟିଶ ଶାସନ ନିଷ୍ପେଷିତ ଜନତାର ଚିତ୍କାର ଶୁଣିପାରିବ। ବିସ୍ଫୋରଣ ପରେ ପଳାୟନ ନକରି ସେମାନେ ନିଜ ଇଚ୍ଛାରେ ଗିରଫ ହୋଇଥିଲେ, ଯାହା ତାଙ୍କର ଅସୀମ ନୈତିକ ଦୃଢ଼ତାକୁ ପ୍ରମାଣ କରେ।

ଲାହୋର ଜେଲରେ ରାଜନୈତିକ ବନ୍ଦୀମାନଙ୍କୁ ସମ୍ମାନଜନକ ବ୍ୟବହାର, ଉତ୍ତମ ଖାଦ୍ୟ ଓ ପୁସ୍ତକ ଯୋଗାଇବା ଦାବିରେ ସେ ୧୧୬ ଦିନ ଧରି ଐତିହାସିକ ଅନଶନ କରିଥିଲେ। କ୍ରୂର ଯାତନା ସତ୍ତ୍ୱେ ସେ କେବେହେଲେ ନିଜ ନୈତିକ ଧର୍ମରୁ ବିଚ୍ୟୁତ ହୋଇନଥିଲେ। ଦେଶପ୍ରେମ ଭଗତ ସିଂହଙ୍କ ପାଇଁ କୌଣସି ଆବେଗପୂର୍ଣ୍ଣ ସ୍ଲୋଗାନ ନଥିଲା, ତାହା ଥିଲା ଏକ ଜୀବନ୍ତ ଯଜ୍ଞ। ଯେତେବେଳେ ତାଙ୍କ ପରିବାର ତାଙ୍କ ବିବାହ ସ୍ଥିର କରିବାକୁ ଚାହିଁଲେ, ସେ ଘର ଛାଡ଼ି ପଳାଇଥିଲେ ଏବଂ ପିତାଙ୍କୁ ଚିଠି ଲେଖି ଜଣାଇଥିଲେ ‘ମୋର ଜୀବନ ଭାରତର ସାଧୀନତା ଭଳି ଏକ ମହାନ ଉଦ୍ଦେଶ୍ୟ ପାଇଁ ସମର୍ପିତ। ତେଣୁ ଏହି ସଂସାରର କୌଣସି ଭୋଗବିଳାସ ବା ବ୍ୟକ୍ତିଗତ ବନ୍ଧନ ମୋତେ ଆକର୍ଷିତ କରିପାରିବ ନାହିଁ। ମାତୃଭୂମିର ସେବା ହିଁ ମୋ ଜୀବନର ଏକମାତ୍ର ବ୍ରତ।’

୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଯେତେବେଳେ ତାଙ୍କୁ, ସୁଖଦେବ ଏବଂ ରାଜଗୁରୁଙ୍କୁ ଫାଶୀ ଦେବା ପାଇଁ ଡକାଗଲା, ସେତେବେଳେ ସେ ଲେନିନଙ୍କ ଜୀବନୀ ପଢୁଥିଲେ। ମୃତ୍ୟୁଦଣ୍ଡ ପୂର୍ବରୁ ସେ ଶାନ୍ତ କଣ୍ଠରେ କହିଥିଲେ, ‘ଗୋଟିଏ ବିପ୍ଳବୀ ଅନ୍ୟ ଜଣେ ବିପ୍ଳବୀ ସହିତ ସାକ୍ଷାତ କରୁଛି, ଟିକେ ଅପେକ୍ଷା କର। ‘ଫାଶୀ ମଞ୍ଚକୁ ଯିବା ବେଳେ ତାଙ୍କ ମୁହଁରେ କୌଣସି ଭୟ ନଥିଲା, ବରଂ ‘ଇନକ୍ୱିଲାବ ଜିନ୍ଦାବାଦ’ ଏବଂ ‘ଭାରତ ମାତା କି ଜୟ’ ଧ୍ୱନିରେ ଲାହୋର ଜେଲ୍ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅନନ୍ୟ ଆତ୍ମବଳିଦାନ ସମଗ୍ର ଭାରତୀୟ ଜନମାନସରେ ସାଧୀନତାର ଅଗ୍ନି ପ୍ରଜ୍ୱଳିତ କରିଥିଲା।

ଆଜିର ଭାରତ ସାଧୀନତାର ଶତବାର୍ଷିକୀ ଆଡ଼କୁ ଅଗ୍ରସର ହେଉଛି। ଆଜିର ଯୁବପିଢ଼ି ହେଉଛନ୍ତି ‘ଅମୃତ ପିଢ଼ି’। ଆଜି ଆମକୁ ଦେଶ ପାଇଁ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡ଼ିବ ନାହିଁ, କିନ୍ତୁ ଦେଶ ପାଇଁ ଜୀଇଁବାକୁ ହେବ, ଦେଶକୁ ଗଢ଼ିବାକୁ ହେବ।

ଆଜିର ଯୁବପିଢ଼ି ଯଦି କେବଳ ଭର୍ଚୁଆଲ୍ ଦୁନିଆ ଓ ସ୍ୱାର୍ଥପରତାର ସୀମା ଭିତରେ ବନ୍ଦୀ ରହିବେ, ତେବେ ଭଗତ ସିଂହଙ୍କ ସପ୍ନ ଅଧୁରା ରହିଯିବ। ଅମୃତ ପିଢ଼ି ନିଜ ଭିତରେ ଦାର୍ଶନିକ ଗଭୀରତା, ନୈତିକ ନିଷ୍ଠା ଏବଂ ମାନବୀୟ ମୂଲ୍ୟବୋଧକୁ ଜାଗ୍ରତ କରିବା ଉଚିତ। ଦେଶରୁ ଦାରିଦ୍ର୍ୟ, ଅନିୟମିତତା, ଦୁର୍ନୀତି ଏବଂ ସାମାଜିକ ଅସମାନତାକୁ ଦୂର କରି ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ କରିବା ହିଁ ହେବ ଭଗତ ସିଂହଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ବିପ୍ଳବୀ ଭଗତ ସିଂହ କେବଳ ଅତୀତର ଇତିହାସ ନୁହଁନ୍ତି, ସେ ଆଜିର ବର୍ତ୍ତମାନ ଏବଂ ଆଗାମୀ ଭବିଷ୍ୟତର ମାର୍ଗଦର୍ଶକ। ତାଙ୍କ ଜନ୍ମଜୟନ୍ତୀ ଅବସରରେ ଆମେ ପ୍ରତ୍ୟେକେ ସଂକଳ୍ପବଦ୍ଧ ହେବାଆମ ଚିନ୍ତାରେ ବିପ୍ଳବ ଆସୁ, ଆମ କର୍ମରେ ସମର୍ପଣ ରହୁ ଏବଂ ଆମ ହୃଦୟରେ ମାତୃଭୂମି ପାଇଁ ଅକ୍ଷୟ ପ୍ରେମ ଜାଗ୍ରତ ରହୁ। ସେହି ଅମର ଜ୍ୟୋତିର ଶିଖା ଅମୃତ ପିଢ଼ିର ହୃଦୟରେ ଚିରକାଳ ଜଳୁଥାଉ।

ଜୟ ଜୱାନ ଜୟ କିଷାନ

ଜୟ ଜୱାନ ଜୟ କିଷାନ ଏହି ଦୁଇଟି ଶବ୍ଦ ନୁହେଁ, ଏହି ଦୁଇଟି ଭାରତର ପ୍ରାଣ। ଜୟ ଜୱାନ ଜୟ କିଷାନ। ଏହି ମନ୍ତ୍ର ଦେଇଥିଲେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ। ଛୋଟ ଦେହ, ସାଦା ଧୋତି, କିନ୍ତୁ ହୃଦୟରେ ଅଦମ୍ୟ ସାହସ। ଉନିଶହ ପଇଁଷଠି ମସିହାରେ ଯେତେବେଳେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କଲା ଓ ଦେଶରେ ଅନ୍ନ ସଙ୍କଟ ଦେଖା ଦେଲା, ସେତେବେଳେ ଦେଶକୁ ଏକ ନୂଆ ଦିଗ ଦରକାର ଥିଲା। ଶାସ୍ତ୍ରୀଜୀ ଏହି ମନ୍ତ୍ର ଦେଲେ। ଏହି ମନ୍ତ୍ର ଆଜି ବି ଭାରତକୁ ବଞ୍ଚାଇ ରଖିଛି। ଜୱାନ ମାନେ କିଏ ? ଯିଏ ସୀମାରେ ଛିଡା ହୋଇ ରାତି ଦିନ ଜଗି ରହିଛି। ଶୀତରେ ହିମାଳୟର ବରଫରେ, ଗରମରେ ରାଜସ୍ଥାନର ମରୁଭୂମିରେ, ବର୍ଷାରେ ଅରୁଣାଚଳର ଜଙ୍ଗଲରେ। ସେ ନିଜ ଘର, ପରିବାର, ନିଜ ସୁଖ ଛାଡି ଆମ ପାଇଁ ଛିଡା ହୋଇଛି। ଆମେ ଯେତେବେଳେ ରାତିରେ ଶୋଇଥାଉ, ସେ ଜାଗିଥାଏ। ଆମେ ଯେତେବେଳେ ପର୍ବ ପାଳୁ, ସେ ବନ୍ଧୁକ ଧରି ଛିଡ଼ା ହୋଇଥାଏ। ତା’ର ଜୟ ନ ହେଲେ ଦେଶ ନାହିଁ। ଏହା ଶାସ୍ତ୍ରୀଜୀ ବୁଝିଥିଲେ। ସେ ନିଜେ ଜୱାନଙ୍କ ସହ ସୀମାକୁ ଯାଇଥିଲେ, ସେମାନଙ୍କ ସହ ଖାଇଥିଲେ। ସେ କହିଥିଲେ ଜୱାନର ସାହସ ହିଁ ଦେଶର ସୀମା ନୁହେଁ, ଦେଶର ସମ୍ମାନ ରକ୍ଷା କରେ।ଆଉ କିଷାନ ମାନେ କିଏ ? ଯିଏ ଖରାରେ ପୋଡି, ବର୍ଷାରେ ଭିଜି ଆମ ପାଇଁ ଅନ୍ନ ଫଳାଏ। ଆମ ଥାଳିରେ ଯେଉଁ ଭାତ ଅଛି, ସେ ତା’ ଝାଳରେ ତିଆରି। ଆମେ ଯଦି ଭୋକିଲା ରହିବା, ତେବେ କୌଣସି ବନ୍ଧୁକ ଦେଶକୁ ରକ୍ଷା କରି ପାରିବ ନାହିଁ। ଉନିଶହ ପଇଁଷଠିରେ ଆମେରିକା ପିଏଲ ଚାରିଶହ ଅସୀ ଯୋଜନାରେ ଗହମ ଦେଉଥିଲା ଓ ତାକୁ ନେଇ ଆମକୁ ଧମକ ଦେଉଥିଲା। ଶାସ୍ତ୍ରୀଜୀ ଦେଶବାସୀଙ୍କୁ କହିଲେ ସପ୍ତାହରେ ଥରେ ଉପବାସ କରନ୍ତୁ। ସେ ନିଜେ ନିଜ ପରିବାରରେ ଉପବାସ ଆରମ୍ଭ କଲେ। ଦେଶ ଶୁଣିଲା। ଆଉ କିଷାନକୁ କହିଲେ ଅଧିକ ଅନ୍ନ ଫଳାଅ। ସେହିଠାରୁ ସବୁଜ ବିପ୍ଳବର ବୀଜ ପଡ଼ିଲା। ଆଜି ଭାରତ କେବଳ

ଦାଶରଥୀ ଶତପଥୀ
ପୂର୍ବତନ ସଚିବ, ଓଡିଶା ବିଧାନସଭା, ଭୁବନେଶ୍ୱର, ୯୩୩୭୪୪୯୩୭୩

ନିଜ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଅନ୍ନ ଫଳାଉଛି। ଏହା ହେଉଛି ଜୟ କିଷାନର ଜୟ। ଜୱାନ ଓ କିଷାନ ଭିତରେ ଏକ ଗଭୀର ସମ୍ପର୍କ ଅଛି। ଅଧିକାଂଶ ଜୱାନ କିଷାନର ପୁଅ। ଗାଁରୁ ଯାଇଥିବା ପୁଅ ସୀମାରେ ଦେଶ ଜଗୁଛି। ଆଉ ତା’ ବାପା ଗାଁରେ ଜମି ଜଗୁଛି। ଜଣେ ଦେଶର ସୀମା ଜଗେ, ଅନ୍ୟ ଜଣେ ଦେଶର ପେଟ ଜଗେ। ଦୁହେଁ ଜଗୁଆଳି। ସେଥିପାଇଁ ଏହି ନାରା ଏତେ ଶକ୍ତିଶାଳୀ। ମୁଁ ପ୍ରଶାସନରେ ଥିଲା ବେଳେ ଦେଖିଛି ଯେତେବେଳେ ବନ୍ୟା ହୁଏ, ବାତ୍ୟା ହୁଏ, ପ୍ରଥମେ ଜୱାନ ଆସେ ଉଦ୍ଧାର କରିବାକୁ, ଆଉ ତା’ପରେ କିଷାନ ପୁଣି ଜମିରୁ ଜୀବନ ଫେରାଏ। ଏହି ଦୁଇ ହାତ ଉପରେ ଓଡ଼ିଶା ଠିଆ ହୋଇଛି, ଭାରତ ଠିଆ ହୋଇଛି। ଆଜି ଏହି ନାରାର ଅର୍ଥ ଆହୁରି ବଢି ଯାଇଛି। ପରେ ଅଟଳ ବିହାରୀ ବାଜପେୟୀ ଏଥିରେ ଜୟ ବିଜ୍ଞାନ ଯୋଡିଲେ, ଏବେ ଜୟ ଅନୁସନ୍ଧାନ ମଧ୍ୟ ଯୋଡା ହୋଇଛି। କିନ୍ତୁ ମୂଳ ଦୁଇଟି ସ୍ତମ୍ଭ ସେହି ଅଛି। କାରଣ ବିଜ୍ଞାନ ଯଦି କିଷାନ ପାଖରେ ନ ପହଞ୍ଚେ, ତାହାର ଅର୍ଥ ନାହିଁ। ଯଦି ବିଜ୍ଞାନ ଜୱାନକୁ ଶକ୍ତି ନ ଦିଏ, ତାହାର ଅର୍ଥ ନାହିଁ।ଆଜି ଆମ କର୍ତ୍ତବ୍ୟ କଣ ? କେବଳ ନାରା ଦେଲେ ହେବ ନାହିଁ। ଜୱାନକୁ ସମ୍ମାନ ଦେବା ଅର୍ଥ ତା’ ପରିବାରକୁ ସମ୍ମାନ ଦେବା। ଯେତେବେଳେ ଜଣେ ସହିଦର ପରିବାର ସାହାଯ୍ୟ ମାଗେ, ସେତେବେଳେ ଛିଡା ହେବା। କିଷାନକୁ ସମ୍ମାନ ଦେବା ଅର୍ଥ ତା’ ଫସଲର ସଠିକ ଦାମ ଦେବା, ତା’ ପିଲାଙ୍କୁ କୃଷିକୁ ଘୃଣା ନ କରିବା ଶିଖାଇବା। ଆଜି ପିଲାମାନେ କିଷାନ ହେବାକୁ ଲାଜ କରୁଛନ୍ତି। ଏହା ବଦଳାଇବାକୁ ପଡିବ। କାରଣ ଯେଉଁ ଦେଶ ନିଜ କିଷାନକୁ ଭୁଲେ, ସେ ଦେଶ ଭୋକିଲା ରହେ। ଯେଉଁ ଦେଶ ନିଜ ଜୱାନକୁ ଭୁଲେ, ସେ ଦେଶ ପରାଧୀନ ହୁଏ।ଶାସ୍ତ୍ରୀଜୀ ଚାଲିଗଲେ ତାସକେଣ୍ଟରେ, କିନ୍ତୁ ତାଙ୍କ ନାରା ଅମର ଅଛି। ପ୍ରତ୍ୟେକ ଅକ୍ଟୋବର ଦୁଇରେ ଯେତେବେଳେ ଆମେ ତାଙ୍କୁ ମନେ ପକାଉ, ସେତେବେଳେ ମନେ ପକାଇବା ଯେ ଏହି ନାରା କେବଳ ନାରା ନୁହେଁ, ଏହା ଏକ ଶପଥ। ଆସନ୍ତୁ ଏହି ଅକ୍ଟୋବରରେ ଆମେ ଶପଥ ନେବା, ଆମେ ଆମ ଜୱାନ ଓ କିଷାନଙ୍କୁ ଭୁଲିବା ନାହିଁ। ସେମାନଙ୍କ ଜୟ ହେଲେ ହିଁ ଭାରତର ଜୟ ହେବ।

ଭାରି ସୁଧାର ସେ ଅଟୋଭାଇ

ବସ୍ କଣ୍ଡକ୍ଟରକୁ ଦେଢ଼ଶହ ଟଙ୍କା ଦେବାପରେ ପକେଟରେ ଖୁଚୁରା ହିସାବରେ ମାତ୍ର ତିରିଶ ଟଙ୍କା ଥିଲା। ପାଞ୍ଚ ଶହ ଟଙ୍କିଆ ନୋଟ୍ ଦେଇଥିଲେ କଣ୍ଡକ୍ଟର ଶହେ ଅଶି ଟଙ୍କା ରଖି ଦେଇଥାନ୍ତା। ଅନଲାଇନ ପେମେଣ୍ଟ କଲେ ଆମ ବସ୍ ଶହେ ବୟାଳିସ୍ ଟଙ୍କା ନିଏ । କିନ୍ତୁ ଏ ପ୍ରାଇଭେଟ ବସ୍ କଣ୍ଡକ୍ଟର ଲୋକ ଦେଖି ମନମୁଖୀ ଚାର୍ଜ କରନ୍ତି । ଧୂର୍ଜଟି ଜାଣେ ଆଉ ଦିନେ ଚଷମା ପିନ୍ଧା ଗ୍ରହାଣୁପୁଞ୍ଜ ନାମଧାରୀ ଗେଡା କଣ୍ଡକ୍ଟର ପାଞ୍ଚ ଟଙ୍କା ସକାସେ ଭାରି ଝାମେଲା କରିଥିଲା। ଅବଶ୍ୟ ସେ ବହୁ କଷ୍ଟରେ ଧ୍ୱାଜିବ୍ ଭଡ଼ା ରଖିଲା । ପାଞ୍ଚଟଙ୍କା କି ଦଶଟଙ୍କା ସେମାନେ ନେଲେ ଯେତିକି ବାଧେନାହିଁ ତାଠାରୁ ଅଧିକ ବାଧା ଲାଗେ ସେମାନେ ଯେତେବେଳେ ଲୋକଙ୍କୁ ବସ୍ତାରେ ଲଦି ନେଲାପରି ପାସେଞ୍ଜରଙ୍କୁ ଉଠାନ୍ତି । ସିଇଟ୍ ସବୁ ଏତେ ଛୋଟ ଯେ ଦୁଇ ଜଣିଆ ସିଇଟରେ ଦେଢଜଣ ଜାଗା ହୁଅନ୍ତି । ଆଇଲ୍ ଧାରରେ ବସିଥିବା ପାସେଞ୍ଜର କେତେ କାହାଠାରୁ ଧକ୍କା ଖାଇ ଥିବ ତାହାର ହିସାବ କରିବା କାଠିକର ପାଠ। ଧୂର୍ଜଟି କଚେରୀ ପାଖରେ ଓହ୍ଲାଇ ଆଗକୁ ପାଦ ଥାପିଲା । ମାଆ ଝିଅ ତାକୁ ଅନୁସରଣ କଲେ ।

ଗୋଟିଏ କିଲୋମିଟରଠାରୁ କମ୍ ରାସ୍ତା ଅତିକ୍ରମ କଲେ ସେମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯିବେ। ଧୂର୍ଜଟି ଆଗକୁ ଆଗକୁ ମାଡି ଚାଲୁଥାଏ। ପରିନ୍ଦା ଓ ଶେଫାଳି ତା ପଛେ ପଛେ ଚାଲୁଥିଲେ। ଫ୍ଲାଏ ଓଭର ପାଖରେ ସେମାନେ ପହଞ୍ଚିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗର ପରୀକ୍ଷା ନୀରିକ୍ଷା ହେବ। କଚେରୀ ପାଖରେ ଉପରେ ପଡି ଅଟୋବାଲାଟା ଗାଡିରେ ଯିବାକୁ ଡାକିଲା ଓ ଧୂର୍ଜଟିକୁ ଷାଠିଏ ଟଙ୍କା କହିଲା । ପାଖରେ ଖୁଚୁରାର ଅଭାବ ସହିତ ଦୂରତା କମ ଥିବାରୁ ତିରିଶ ଟଙ୍କାରେ ନେଇ ଯାଇ ପାରିବ କି ନାହିଁ ଧୂର୍ଜଟି ପ୍ରଶ୍ନ କରିବାରୁ ବହକାଳିଆ ଅଟୋବାଲା ମୁହଁ ଛିଞ୍ଚାଡି କହିଲା, ‘ତିରିଶ ଟଙ୍କାରେ ଅଟୋରେ ନଯାଇ କାର୍ ଭଡା କରି ପଳାଅ ।’ ସହରାଞ୍ଚଳର ଅଟୋବାଲା, ରିକ୍ସାବାଲା, ଟ୍ରଲିବାଲା, ଫୁଟପାଥର ଦୋକାନବାଲାଙ୍କ କଥାବାର୍ତ୍ତାରେ ଶାଳିନତା ନଥାଏ। ତେଣୁ ତା ବ୍ୟଙ୍ଗାତ୍ମକ ମନ୍ତବ୍ୟକୁ ଦେହକୁ ନନେଇ ସେମାନେ ଆଗକୁ ଚାଲିଲେ ।

ଆଉ ଗୋଟିଏ ଅଟୋ ଆସି ତାଙ୍କ ପାଖରେ ଲାଗିଗଲା । ତିରିଶ ଟଙ୍କା କଥା କହିବାରୁ ସେ ବି ତେଣ୍ଟା ବାଣ ମାରିଲା, ‘ତିନିଜଣ ତିରିଶିରେ ନଯାଇ ଆଉ କମେଇ ଦେଲେ ଭଲ ହୁଅନ୍ତା ....। ଭାରି ଟେମ୍ପୋରେ ବସିଲା ବାଲା ।’

ତିନିଜଣ ଆଗକୁ ଚାଲିଲେ । ତୃତୀୟ ଅଟୋଟି ପାଖକୁ ଲାଗି ଆସିଲା । -‘ଶହେଟଙ୍କା ଦିଅ, ଛାଡିଦେବି ।’ -‘ଚାଲ ମ ଚାଲି ଚାଲି ଯିବା । ଏହି ଖୋଜେ ବାଟକୁ ଶହେଟଙ୍କା କାହିଁକି ଦବା ?’ ପରିନ୍ଦା କଥାରେ ଶେଫାଳି ତାଳ ଦବାରୁ ଅଟୋବାଲା ସହିତ କିଛି ଆଲୋଚନା ନକରି ମାଉସୀମା ମନ୍ଦିର ଆଡକୁ ସେମାନେ ଚାଲିଲେ।

ଆଗେ ଅଟୋବାଲା କି ରିକ୍ସାବାଲା ପ୍ରାୟ ଅଣଓଡ଼ିଆ ଥିଲେ । ପଇସା ନପଚାରି ସବାର ହେଲେ ସେମାନେ ଟଙ୍କା ଝଡେଇ ନିଅନ୍ତି। କିଛିବର୍ଷ ତଳେ ବାଦାମବାଡିରୁ ଚୌଧୁରୀ ବଜାର ଯିବାକୁ ବାହାରି ଧୂର୍ଜଟି ଯେତେବେଳେ ରିକ୍ସାବାଲାକୁ ତୁମେ, ଆପଣ ବ୍ୟବହାର କଲା ଠିକ୍ ସେହି ତେଲେଙ୍ଗା ରିକ୍ସାପୁଲର ଧୂର୍ଜଟିକୁ ତୁ ତା ଲଗେଇ କଥା କହିଲା ଓ ଲକ୍ଷ୍ୟ ସ୍ଥଳରେ ଛାଡି ଟଙ୍କା ନେଇ ଚାଲିଗଲା । ତେଲୁଗୁ ରିକ୍ସାବାଲା ଜାଣିନଥାନ୍ତି ତୁ-ତା ଓ ଆଜ୍ଞା-ଆପଣ ଭିତରର ତାରତମ୍ୟ। ସେଥିପାଇଁ ସେମାନେ କୁକୁରଙ୍କୁ ତମେ ସମ୍ବୋଧନ କଲାବେଳେ ମଣିଷମାନଙ୍କୁ ତୁ-ତା କରିଥାନ୍ତି। ଇଏ ତ ନବେ ଦଶକର କଥା । ବର୍ତ୍ତମାନ ଶିକ୍ଷା ସଂସ୍କାରରେ ଯଥେଷ୍ଟ ଉନ୍ନତି ହେବା ପରେ ତୁ-ତା ପରିବର୍ତ୍ତେ ତୁମେ-ଆପଣର ବ୍ୟବହାର ଅଧିକ ହେଉଛି। ସମାଜରେ ସେବା ପ୍ରଦାନକାରୀ ମଣିଷମାନଙ୍କ ତୀର୍ଯ୍ୟକ୍ତ କଥାବାର୍ତ୍ତାରେ କିଛି ଗ୍ରାହକ ଅସନ୍ତୁଷ୍ଟ ହେଉଛନ୍ତି। ବାହାର ଜାଗାରେ କାହା ବିଦ୍ରୁପାତ୍ମକ

ନିର୍ବିକାର ପ୍ରଭାତ
ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୬୩୫୨୭୬

ବାକ୍ୟକୁ ମନରେ ନଧରି ଧୂର୍ଜଟି ଆଗକୁ ଚାଲିଲା । ପ୍ରତିକ୍ରିୟାଶୀଳ ହେଲେ ହିଁ ବିପଦ। ଶୁଣି ନଶୁଣିବାର ଅଭିନୟ କରି ଯଥା ସମ୍ଭବ ସେମାନେ ଦୂରେଇ ଗଲେ ।

ଚାଲିବାବେଳେ ଶେଫାଳି ଆଖି ପଡିଲା ରାସ୍ତା ଧାରରେ ଠିଆ ହୋଇଥିବା ଗୋଟେ ଅଟୋ ଉପରେ । ଆଗ ଟାୟାର ପାଖରେ ପଡିଥିଲା କୋଡ଼ିଏ ଟଙ୍କିଆ ନୋଟ୍ ଖଣ୍ଡେ । ପରିନ୍ଦା ଝିଅକୁ ବାରଣ କଲେ,-‘ଲୋକ

ମଙ୍ଗଳବାର ୨୯।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ସେତୁ ନିର୍ମାଣ ଅଧାପନ୍ତରିଆ, ଜୀବନକୁ ବାଜି ଲଗାଇ ରାସ୍ତା ପାର ହେଉଛନ୍ତି ଯାତ୍ରୀ

ଧର୍ମଶାଳା ୨୮।୯ (ଅକ୍ଷର ଓଡ଼ିଶା): ଯାଜପୁରରୁ ଢେଙ୍କାନାଳକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ମଞ୍ଜୁରୀପଡ଼ା - ପିଙ୍ଗୁଆ ରାସ୍ତାରେ ସେତୁ ନିର୍ମାଣ କାର୍ଯ୍ୟ ଧୀମା ଗତିରେ ଚାଲିଥିବା ଯୋଗୁଁ ସ୍ଥାନୀୟ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ହେବ ସେତୁ କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ବେଳେ ଲୋକେ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ପାରି ହେଉଥିବାର ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ କାର୍ଯ୍ୟ ଶେଷ ହେବାରେ ଅହେତୁକ ବିଳମ୍ବ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛିଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ସ୍କୁଲ-କଲେଜ ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଓ ସାଧାରଣ ଜନତା ଯାତାୟାତ କରିଥାନ୍ତି। ବିକଳ୍ପ ନିରାପଦ ଅସ୍ଥାୟୀ ରାସ୍ତା (ଡାଇଭର୍ସନ) ନଥିବାରୁ ଲୋକେ ଜୀବନକୁ ବାଜି ଲଗାଇ ଖାଲଖମାରେ ପରିପୂର୍ଣ୍ଣ କାଦୁଅ ଓ ବିପଦପୂର୍ଣ୍ଣ ବାଟ ଦେଇ ଗାଡ଼ିମୋଟର ନେଇ ଯିବାଆସିବା କରୁଛନ୍ତି। ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ଦେଖାଦେଇଛି ।ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସରଦେଇପୁରରେ ଚାଷୀ ନେତାଙ୍କ ନୂଆଖାଇ ଭେଟଘାଟ ଓ ବନ୍ଧୁ ମିଳନ

ଭୁବନେଶ୍ୱର, ୨୮।୯ (ଅକ୍ଷର ଓଡିଶା): ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ଦ୍ୱାରା ଆୟୋଜିତ ନୂଆଖାଇ ଭେଟଘାଟ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱର ଉତ୍ତରା ଛକ ନିକଟସ୍ଥ ସରଦେଇପୁର ପିଡବ୍ଲ୍ୟୁଡି ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଚାଷୀ ନେତା ଓ କର୍ମକର୍ତ୍ତା ସାମିଲ ହୋଇଥିଲେ ।କାର୍ଯ୍ୟକ୍ରମରେ ମହେଶ୍ୱର ସାହୁ ତାଙ୍କ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ଲୋକଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତେ ମିଳିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି, ବିରୋଧୀ ଦଳଗୁଡ଼ିକ ଡବଲ ଇଞ୍ଜିନ ସରକାରକୁ ବଦନାମ କରିବା ପାଇଁ କରୁଥିବା ବିଭିନ୍ନ ଷଡ଼ଯନ୍ତ୍ର ଓ ଅପପ୍ରଚାରକୁ ମୁକାବିଲା କରିବାକୁ ଶ୍ରୀ ସାହୁ ଉପସ୍ଥିତ ଚାଷୀ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ। ଦେଶରେ ବିଶୃଙ୍ଖଳା ଓ ଅସ୍ଥିରତା ସୃଷ୍ଟି ପାଇଁ ବିରୋଧୀ ଦଳର ଉଦ୍ୟମକୁ ପ୍ରତିରୋଧ କରିବା ସହ ତଥ୍ୟଭିତ୍ତିକ ଭାବେ ଏହାର ମୁକାବିଲା କରିବାକୁ ସେ ଚାଷୀ ନେତାମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସାଇଁ (ଲୁଲୁ) ଓ ଗୋବିନ୍ଦ ପ୍ରଧାନ ପରିଚାଳନା କରିଥିଲେ। ନୂଆଖାଇ ଅବସରରେ ଆୟୋଜିତ ଏହି ବନ୍ଧୁ ମିଳନରେ ଚାଷୀ ନେତାମାନେ ପରସ୍ପର ମଧ୍ୟରେ ଭାବ ବିନିମୟ କରିବା ସହ ନୂଆଖାଇର ଭାଇଚାରା, ସୌହାର୍ଦ୍ଦ୍ୟ ଓ ସାମାଜିକ ଏକତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ମୁଖପାତ୍ର ଲକ୍ଷ୍ମଣ ପଣ୍ଡା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ବିପିନ ଦାସ, ନବ ଦତ୍ତା, ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ବରିଷ୍ଠ ନେତା ପୃଥ୍ୱୀରାଜ ଜୁଅଁର, ବସନ୍ତ ନାୟକ, ଶଙ୍କର୍ଷଣ ଜେନା, କୈଳାସ ବାରିକ, ପାଣ୍ଡବ ଧଳ, ସୁବଳ ବେହେରା, ଅଜୟ ସାଇଁ, ଜ୍ଞାନ ରଞ୍ଜନ ସାଇଁ, ସଞ୍ଜୀବ ରଣା, ଅଶୋକ ରଥ, ସୁଶ୍ରୀ ମନୀଷା ଚିନ୍ମୟୀ ବେହେରା, ଶ୍ରୀମତୀ ପୂର୍ଣ୍ଣିମା ଦାସ, ସୁଶ୍ରୀ ଝଂଶୀ ରାଣୀ ଦାସ, ଶ୍ରୀମତୀ ଉର୍ମିଳା ସେଠୀ, ଶ୍ରୀମତୀ ମାନିନୀ ଷଡ଼ଙ୍ଗୀ, ସୁରଥ ସେଠୀ, ଯଶୋବନ୍ତ ସେଠ୍, ସାନ୍ତୋନୁ ସେଠୀ, ବିଜୟ ପଣ୍ଡା, ଟଂଜନ ବରାଳ, ଲକ୍ଷ୍ମୀଧର ତ୍ରିପାଠୀ, ଅଜୟ ପ୍ରଧାନ, ବିକ୍ରମ ରାଉତରାୟ, ଜଗନ୍ନାଥ ମହାପାତ୍ର, ସନ୍ତୋଷ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ଶ୍ରୀନିବାସ ପ୍ରଧାନ ଓ ବସନ୍ତ ପଟ୍ଟନାୟକଙ୍କ ସମେତ ଶତାଧିକ ନେତୃତ୍ୱ ଉପସ୍ଥିତ ଥିଲେ ।ନୂଆଖାଇ ଭେଟଘାଟ ଓ ବନ୍ଧୁ ମିଳନ ଅବସରରେ ଚାଷୀ ନେତାମାନଙ୍କ ଏହି ସମାଗମ ଭାବ ବିନିମୟ ଓ ସାଙ୍ଗଠନିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଏକ ସୂଯୋଗ ଦେଇଥିଲା।

ସୋନପୁରରୁ ଛାତ ଉପରୁ ବିପୁଳ ନିଶା ଜବତ ୨ ଜଣ ଗିରଫ

ସୁବର୍ଣ୍ଣପୁର,୨୮।୯(ସଂଗ୍ରାମ ମହାପାତ୍ର): ସୁବର୍ଣ୍ଣପୁର ସଦର ମହକୁମା ଜନମୁରା ଏକ ବେକ୍ତିଙ୍କ ଛାତ ଉପରେ କପ୍ ସିରପ, ବାରିଆଡେ ଗଦା ଗଦା ଗଞ୍ଜେଇ ମହଜୁଦ ଥିଲା । ଖେଳନା ପିସ୍ତଲ ଦେଖାଇ କରୁଥିଲେ ନିଶା କାରବାର୍। ଘରନୁ ଚଳାଇଥିଲେ ନେଟୱାର୍କ। ହେଲେ ପଡ଼ିଗଲେ ପୁଲିସ ହାବୁଡ଼ରେ। ସୁବର୍ଣ୍ଣପୁର ପୋଲିସ କୌଣସି ସୂତ୍ର ରୁ ଖବର ପାଇଁ ଆଜି ରେଡ କରିଥିଲେ। ପ୍ରଚୁର ପରିମାଣର କଫସିରାପ ସହ ଗଞ୍ଜେଇ ଜବତ ହେବା ସହ ୨ଜଣ କୁ ଅଟକ ରଖିଛି । ଅନୁସନ୍ଧାନ ଚାଲିଛି ଆଗାମୀ ଦିନରେ ସମସ୍ତ ଘଟଣା ଫର୍ଦାପାସ ହବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ପ୍ରକାଶ।

ବଣିଆ ସାହି ଗଜଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ



ଦେବଗଡ଼ ୨୮।୯ (ଅକ୍ଷର ଓଡ଼ିଶା): ଦେବଗଡ଼ ସହରସ୍ଥିତ ବଣିଆ ସାହି ଗଜଲକ୍ଷ୍ମୀ ପୂଜା କମିଟି-୨୦୨୬ର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଗଜଲକ୍ଷ୍ମୀ ପୂଜାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତାମାନଙ୍କୁ ମନୋନୀତ କରାଯାଇଛି ।ନୂତନ କମିଟିର ସଭାପତି ଭାବେ ସୁବାଷ ପୃଷ୍ଟି, ଉପସଭାପତି ଭାବେ ହରେକୃଷ୍ଣ ସାହୁ, ସାଧାରଣ ସମ୍ପାଦକ ଭାବେ ପବନ ବେହେରା, ସହ-ସମ୍ପାଦକ ଭାବେ ବବଲୁ ସାହୁ, କୋଷାଧ୍ୟକ୍ଷ ଭାବେ ସିପୁନ ସାହୁ, ସହ-କୋଷାଧ୍ୟକ୍ଷ ଭାବେ ମିକୁ ଖାଡ଼ିରନ୍, ସାଂସ୍କୃତିକ ସମ୍ପାଦକ ଭାବେ ବୁଟୁ ଠାକୁର ଏବଂ ସହ-ସାଂସ୍କୃତିକ ସମ୍ପାଦକ ଭାବେ ବୁଧୁ ସାହୁଙ୍କୁ ମନୋନୀତ କରାଯାଇଛି ।ନୂତନ କର୍ମକର୍ତ୍ତାମାନେ ଆଗାମୀ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରିବା ସହ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

ଡାବୁଗାଁରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଭୂମି ପୂଜନ ଅନୁଷ୍ଠିତ

ଡାବୁଗାଁ ୨୮।୯, (ଅକ୍ଷର ଓଡ଼ିଶା): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ମାସ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ନିମନ୍ତେ ଆଜି ପୂଜା କମିଟି ତରଫରୁ ଅଙ୍ଗୀ ନଦୀ କୂଳରେ ଭୂମି ପୂଜନ କରାଯାଇ ମୂର୍ତ୍ତି ନିମନ୍ତେ ନଦୀ ପଠାରୁ ମାଟି ସଂଗ୍ରହ କରାଯାଇଥିଲା। ସୂଚନା ଥାଉ କି ୨୦୧୫ ମସିହାରୁ ଡାବୁଗାଁ ରେଲି ସାହି ସ୍ଥିତ ମା ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିସରରେ ଗଜଲକ୍ଷ୍ମୀ ଙ୍କ ପୂଜା କମିଟି ତରଫରୁ ପାଳନ ହୋଇ ଆସୁଛି। ସୁନ୍ଦର ସାଜସଜ୍ଜା, ତୋରଣ ଓ ଆଲୋକମାଳା ରେ ପୂଜା ମଣ୍ଡପ ନିକଟରେ ମା ଗଜଲକ୍ଷ୍ମୀ ପୂଜା ପାଇ ଆସୁଛନ୍ତି। ଭୂମି ପୂଜନ ସମୟରେ ମୁଖ୍ୟ ପୂଜକ ଚୈତନ୍ୟ ଦାସ,ସହଯୋଗୀ ପୂଜକ ତ୍ରିପତି ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଜଲକ୍ଷ୍ମୀ ପୂଜା କମିଟିର ଜଗନ୍ନାଥ,କେଶବ,ପାପନା, ସୁଦର୍ଶନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଅବକାରୀ ଟିମର ଚଢ଼ାଉ, ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ଆମ୍ବୁଲାନ୍ସରେ ହେଉଥିଲା ଚାଲାଣ, ୬ ଗିରଫ

ଫିରିଙ୍ଗିଆ, ୨୮।୯ (ମନୋଜ ସାହୁ): ଅବକାରୀ ସୁପରିଟେଣ୍ଡ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ଅବକାରୀ ମୋବାଇଲ ଟିମ ପୃଥକ ସ୍ଥାନରେ ଚଢ଼ାଉ କରିବା ସହ ୧ କୁଇଣ୍ଟାଲ ୨୧ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଆମ୍ବୁଲାନ୍ସ ଗାଡ଼ି ସହ ତିନି ଗାଡି ଏବଂ ଗଞ୍ଜେଇ ଚାଲାଣ ରେ ସମ୍ପୃକ୍ତ ୬ ଜଣ ଗଞ୍ଜେଇ ଚାଲାଣ କାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଅବକାରୀ ମୋବାଇଲ ଟିମ ଟିକାବାଲି ଥାନା ଅଧୀନ ଲାଇନ ପଡା ରାସ୍ତାରେ ଏକ ଆମ୍ବୁଲାନ୍ସକୁ ଅଟକାଇ ଥିଲେ ଆମ୍ବୁଲାନ୍ସରେ ତନଖି ପରେ ଆମ୍ବୁଲାନ୍ସରୁ ଷାଠିଏ କେଜି ଗଞ୍ଜେଇ ଓ ଗଞ୍ଜେଇ ଚାଲାଣ ରେ ବ୍ୟବହୃତ ଆମ୍ବୁଲାନ୍ସ ଗାଡି ଏବଂ ଆମ୍ବୁଲାନ୍ସ ଗାଡିର ଡ୍ରାଇଭର ବାଲେଶ୍ୱର ଜିଲ୍ଲା ଖନ୍ତା ପଡା ଥାନା କୁଲି ଗାଁ ର ଦୁର୍ଗା ଶଙ୍କର ପାଣିଗ୍ରାହୀ (୨୬) ଏବଂ ଆମ୍ବୁଲାନ୍ସର ହେଲ୍ପର ସେହି ବାଲେଶ୍ୱର ଜିଲ୍ଲାର ସହଦେବ ଖୁଣ୍ଟା ଥାନା ଆଜିମା ବାଦ ଗାଁର ମହେଶ୍ୱର ନନ୍ଦୀ (୩୦) କୁ ଗିରଫ କରିଥିଲେ ଗଞ୍ଜେଇ ଚାଲାଣ କରୁଥିବା ଆମ୍ବୁଲାନ୍ସକୁ ପାଇଲଟ ଦେଉଥିବା ଅନ୍ୟ ଏକ ଏକ୍ସୁଭି ଗାଡ଼ିକୁ ସେହି ଲାଇନ ପଡା ଗାଁରେ ଅଟକାଇ ୨୧ କେଜି ଗଞ୍ଜେଇ ଜବତ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ଖନ୍ତା ପଡା ଥାନା ମହମଦାବାଦ ଗାଁ ର ଡ୍ରାଇଭର ଯାଦୁନାଥ ସାହୁ (୪୨) ଏବଂ ସେହି ମହମଦାବାଦ ଗାଁ ର ବଳଭଦ୍ର ସାହୁ (୨୮) ବର୍ଷ କୁ ଗିରଫ କରିଥିଲେ। ସେହିଭଳି ଟିକାବାଲି ଥାନା ଶଙ୍କରାଖୋଲ ଠାରେ ଏକ ବୋଲେରୋ ଡାଲା ଗାଡି କୁ ଅଟକାଇ ଗାଡ଼ିରୁ ୪୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା କୁଜୁଡିଆ ଥାନା ନୀଳଗିରି ଗାଁ ର ଦିବାକର ପାତ୍ର (୪୬) ଓ ସେହି ନୀଳ ଗିରି ଗାଁର ଭାସ୍କର ପାତ୍ର (୩୯) କୁ ଗିରଫ କରି ପୃଥକ ୨ ଟି ମାମଲା ରେ କୋର୍ଟ ଚାଲାଣ କରାଯାଇଥିବା ଡେପୁଟି ସୁପାରିଟେଣ୍ଡ ସତ୍ୟଜିତ ଖଟୁଆ ସୂଚନା ଦେଇଛନ୍ତି ଏହି ଚଢାଉ ରେ ମୋବାଇଲ ଟିମ ର ଅଧିକାରୀ ରଙ୍କନିଧି ମଲିକ, ଏସ ଆଇ ପ୍ରକାଶ ଚନ୍ଦ୍ର ମଲିକ, ଏମ ଏଚ୍ଜୀବ କୁମାର, ମିନତୀ ଗାଉଁଡିଆ, ଜ୍ଞାନ ପ୍ରକାଶ ସାହୁ ସଦଳେ ବଳେ ସାମିଲ ଥିଲେ।

ମଣ୍ଡଳ ସ୍ତରୀୟ ଚିତ୍ରାଙ୍କନ ଓ ବକୃତା ପ୍ରତିଯୋଗିତା ଅନୁଷ୍ଠିତ

କବି ସୂର୍ଯ୍ୟନଗର ୨୮।୯ (ବିବେକାନନ୍ଦ ସାହୁ): ସ୍ଥାନୀୟ ପି.ଏମ୍. ଶ୍ରୀ ଚନ୍ଦ୍ରଶେଖର ହାଇସ୍କୁଲ୍ ପରିସରରେ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ ଓ ବକୃତା ପ୍ରତିଯୋଗିତା ଉତ୍ସାହ ଓ ଆନନ୍ଦର ସହିତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମଣ୍ଡଳ ଅଧୀନରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଭା ପ୍ରଦର୍ଶନ କରିଥିଲେ। ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତା ଓ କଳ୍ପନାଶକ୍ତିର ପରିଚୟ ଦେଇଥିବା ବେଳେ, ବକୃତା ପ୍ରତିଯୋଗିତାରେ ନିଜର ଚିନ୍ତାଧାରାକୁ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ-ମିହିର କୁମାର ଶତପଥି , ବି.ଇ.ଓ -ଅଭିମନ୍ୟୁ ସାହୁ,ଏବିଓ -ଜୟସେନ ସେଠି ,ପରିଚାଳକ-ମାମିନି ଆଚାର୍ଯ୍ୟ ବିଚାରକମଣ୍ଡଳୀ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହିତ ସେମାନଙ୍କ ମଧ୍ୟରେ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି ବକ୍ତା ମାନେ ମାତବ୍ୟକ୍ତ କରିଥିଲେ।

ଲଗାଣ ବର୍ଷାରେ ଜଳାର୍ଣ୍ଣବ ହେଲା ଟାୱାର ପରିସର, ମୋବାଇଲ ସେବା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା,୨୮।୯ (ଅକ୍ଷର ଓଡ଼ିଶା): ଗତ ୩ ଦିନ ଧରି ଲଘୁ ଚାପ ଜନିତ ଲଗାଣ ବର୍ଷାର ପ୍ରଭାବରେ ଭାପୁର ବ୍ଲକ ଅଧୀନ ଫତେଗଡ ଗ୍ରାମସ୍ଥିତ ଏକ ମୋବାଇଲ ଟାୱାର ପରିସର ଜଳାର୍ଣ୍ଣବ ହୋଇ ପଡିଛି ।ଫଳରେ ଗତ ୭ ଦିନ ଧରି ଭାପୁର ଓ ଫତେଗଡ ଅଞ୍ଚଳବାସୀ ମୋବାଇଲ ସେବା ପରି ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଜଳାର୍ଣ୍ଣବ ହୋଇଥିବା ମୋବାଇଲ ଟାୱାରରୁ ଜଳ ନିଷ୍କାସନ ଦିଗରେ ମୋବାଇଲ କମ୍ପାନୀ କର୍ତ୍ତୃପକ୍ଷ ନତୁବା ସ୍ଥାନୀୟ ପ୍ରଶାସନ କେହି ହେଲେ ଧ୍ୟାନ ଦେଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି ।ଏବେ ବି ଉକ୍ତ ମୋବାଇଲ ଟାୱାର ପରିସରରେ ୪ ଫୁଟ ଉଚ୍ଚରେ ବର୍ଷା ପାଣି ଜମି ରହିଥିବା ପରିଲକ୍ଷିତ ହେଉଛି ।ଅଞ୍ଚଳବାସୀ ଏ ସଂପର୍କରେ ମୋବାଇଲ ସେବା ପ୍ରଦାନକାରୀ ସଂପୃକ୍ତ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି ।ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଲଗାଣ ବର୍ଷାରେ ଭାଙ୍ଗିଲା ଘର, ବେସାହାରା ହେଲେ ମୋହନଙ୍କ ପରିବାର

ଡାବୁଗାଁ ୨୮।୯ (ଅକ୍ଷର ଓଡିଶା): ବଙ୍ଗୋପସାଗର ରେ ସୃଷ୍ଟି ଲଘୁଚାପ ପ୍ରଭାବରେ ନବରଙ୍ଗପୁର ଜିଲ୍ଲାରେ ବୁଧବାର, ଗୁରୁବାର ଓ ଶୁକ୍ରବାର ଅବିଶ୍ରାନ୍ତ ଲଗାଣ ବର୍ଷା ହୋଇଥିଲା। ଯୋ ଦ୍ୱାରା ପୁରା ଜିଲ୍ଲାରେ ବିଭିନ୍ନ ନଦୀ ର ଜଳସ୍ତର ବୃଦ୍ଧି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଘର ଭାଙ୍ଗିବା ସହ ରାସ୍ତା ଉପରେ ଗଛ ଉପାଡ଼ି ପଡ଼ିଥିଲା । ତେବେ ଲଗାଣ ବର୍ଷାରେ ଝରିଗାଁ ବ୍ଲକ ଧାମଣା ଗୁଡା ପଞ୍ଚାୟତ ଅନ୍ତର୍ଗତ ନାଗ ଯୋଡି ଗ୍ରାମର ମହୋନ ଚନ୍ଦ୍ର ପନକା ଙ୍କ ମାଟି ଘର ଭାଙ୍ଗି ଯାଇଥିଲା। ଶୁକ୍ରବାର ରାତ୍ର ୧୧ ଘଣ୍ଟ ସମୟରେ ପରିବାର ର ସମସ୍ତେ ଶୋଇଥିବା ଅବସ୍ଥାରେ ହଠାତ୍ ଘର ର ସମ୍ମୁଖ ଓ ପଛ କାନ୍ଥ ପଡି ଯାଇଥିଲା। ତେବେ ମୋହନ ପନକାଙ୍କ ପରିବାର ଉପରେ କାନ୍ଥ ପଡି ନ ଥିବା ବେଳେ ବହୁତ୍ ବଡ ଅଘଟଣରୁ ପରିବାର ବର୍ତ୍ତି ଯାଇଥିଲେ। ଘର ର ଅନ୍ୟ କାନ୍ଥ ମଧ୍ୟ ଫାଟ ଦେଇ ଦୁର୍ବଳ ହୋଇଥିବା ବେଳେ କୌଣସି ମୁହୂର୍ତ୍ତରେ ଘର ଟି ସମ୍ପୂର୍ଣ୍ଣ ମାଟିରେ ମିଶିଯିବା ସମ୍ଭାବନା ରହିଛି। ଲଗାଣ ବର୍ଷା ଯୋଗୁ ଘର ପଡ଼ିଯିବା ଭୟରେ ମୋହନ ପନକା ଙ୍କ ପରିବାର ଲୋକେ ଘର ନିକଟରେ ପଲିଥିନ୍ ଟାଙ୍ଗୀ ଖୋଲା ମେଲାରେ ରହୁଛନ୍ତି। ମୋହନ ପନକା ନିଜ ସ୍ତ୍ରୀ ଓ ୪ ପୁଅ ଝିଅ ସହ ରହୁଥିବା ବେଳେ କୁଲି ମଜୁରୀ କରି ପରିବାର ପୋଷଣ କରୁଛନ୍ତି। ଯାହା ରୋଜଗାର କରନ୍ତି ସେଥିରେ ପରିବାର ଦୁଃଖ କଷ୍ଟରେ ଚଳନ୍ତି। ତେବେ ଏହି ଅସହାୟ ସମୟରେ ମୋହନ ପନକା ଙ୍କୁ ନୂତନ ଘର କରିବା ସମ୍ଭବ ନ ଥିବାରୁ ପ୍ରଶାସନ ତରଫରୁ ଏହି ଗରିବ ଓ ଅସହାୟ ପରିବାରକୁ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

୭ ଦିନ ହେଲା ଅନ୍ଧାରରେ ବୁଚିଆଗୁଡା ଗ୍ରାମବାସୀ ସମାଧାନ ନହେଲେ ବ୍ଲକ କାର୍ଯ୍ୟାଳୟ ଘେରାଉ ଚେତାବନୀ

ପାପଡ଼ାହାଣ୍ଡି, ୨୮।୯ (ଅକ୍ଷର ଓଡ଼ିଶା)ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଳପୁର ପଂଚାୟତ ଅଧିନ ବୁଚିଆଗୁଡା ଓ ଗୋପୀଗୁଡାର ଦୁଇ ସାହି ଝାରବନ୍ଧଗୁଡା, ଝରିଗୁମ୍ଫାସାହିରେ ୭ ଦିନ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଯୋଗୁଁଲୋକେ ଅନ୍ଧାରରେ ରହୁଛନ୍ତି। ଦୀର୍ଘଦିନ ୭ଧରି ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ବିଦ୍ୟୁତ୍ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ସନ୍ଧ୍ୟା ହେଲେ ହିଂସ୍ରଜନ୍ତୁ ଭୟ ରହୁଥିବାରୁ ଘରୁ କେହି ବାହାରିବା ମୁସ୍କିଲ ହୋଇପଡ଼ିଛି ।ବିଦ୍ୟୁତ୍ ନଥିବା ଯୋଗୁଁ ମୋବାଇଲ୍ ଚାର୍ଜ ହୋଇପାରୁ ନାହିଁ ।ଦୈନନ

ମଙ୍ଗଳବାର ୨୯।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଗଜପତି: ପର୍ଯ୍ୟଟନ ଦିବସରେ ସମସ୍ତ ପର୍ଯ୍ୟଟନ କେନ୍ଦ୍ର ବନ୍ଦ

ପାରଳାଖେମୁଣ୍ଡି, ୨୮।୯(ତାରିଣୀ ପ୍ରସାଦ ପଣ୍ଡା): ବିଶ୍ୱ ପର୍ଯ୍ୟଟନ ଦିବସ ଅଟେ। ହେଲେ, ଗଜପତି ଜିଲ୍ଲାର ସୁପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ଯ୍ୟଟନ କେନ୍ଦ୍ର ସମେତ ଗଣ୍ଡାହାତୀ ଜଳପ୍ରପାତ ଆଦି ଜିଲ୍ଲାରେ ରହିଥିବା ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଗୁଡିକୁ ଜିଲ୍ଲା ପ୍ରଶାସନ ତରଫରୁ ପର୍ଯ୍ୟଟକମାନଙ୍କ ପ୍ରବେଶକୁ ନିଷେଧ କରାଯାଇ ବନ୍ଦ ରଖାଯାଇଛି। ପ୍ରତେକ ବର୍ଷ ଆଜିର ଏହି ପର୍ଯ୍ୟଟନ ଦିବସରେ ଗଜପତି ଜିଲ୍ଲାର ସମସ୍ତ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକମାନଙ୍କ ବେଶ ଭିଡ଼ ଜମୁଥିଲା. ହେଲେ ଆଜିର ଏହି ପର୍ଯ୍ୟଟନ କେନ୍ଦ୍ର ଗୁଡିକ ବନ୍ଦ ରହିବା ଯୋଗୁଁ ସମସ୍ତ କେନ୍ଦ୍ର ଗୁଡିକ ବିନା ପର୍ଯ୍ୟଟକଙ୍କ ଯୋଗୁଁ ଖାଲି ପଡିଛି। ଏହାର ମୁଖ୍ୟ କାରଣ ହେଲା ଅର୍ଣ୍ଣବ ବାତ୍ୟା ଯୋଗୁଁ ଲଗାଣ ବର୍ଷା ଦ୍ୱାରା ଗଜପତି ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ରହିଥିବା ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଠାରେ ଭୂଷ୍ଖଳନ ଦ୍ୱାରା ମାଟି ଅତଡ଼ା ଓ ପଥର ଖସିବା, ଝରଣାରେ ଜଳପ୍ରବାହ ବୃଦ୍ଧି ଓ ରାସ୍ତା ଅବରୋଧ ଆଶଙ୍କା ଥିବାରୁ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପ୍ରଶାସନ ପକ୍ଷରୁ ସାଧାରଣଙ୍କ ପ୍ରାଣରକ୍ଷା ଓ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଗୁଡିକରେ ପର୍ଯ୍ୟଟକଙ୍କୁ ପ୍ରବେଶ ପାଇଁ କଟକଣା ଜାରି କରାଯାଇଛି ବୋଲି ଗଜପତି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ. ସଂଗ୍ରାମ ଜଣାଇଛନ୍ତି।

ମନରେଗା ପାଣ୍ଠି ହରିଲୁଟ୍

ସୁବର୍ଣ୍ଣପୁରର କନିଷ୍ଠ ଯନ୍ତ୍ରୀ ସୁପ୍ରିୟା ଗୁରୁ କାର୍ଯ୍ୟରୁ ନିଲମ୍ବିତ

ସୁବର୍ଣ୍ଣପୁର:୨୮।୯(ସଂଗ୍ରାମ ମହାପାତ୍ର): ସୁବର୍ଣ୍ଣପୁର ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ରକ୍ଷା ପଞ୍ଚାୟତରେ ସରକାରୀ ଯୋଜନାର ଅର୍ଥ ଆତ୍ମସାତ୍ କରିବା ମାମଲାରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଖପୁରାପୁରରୁ ବଳମାନଟିକିରା ଏବଂ ରାଜନଗର ରାସ୍ତାର ଉନ୍ନତୀକରଣ ନାମରେ ଏମଜିଏନ୍ଆର୍ଇଜିଏସ୍ (**MGNREGS**) ପାଣ୍ଠିରୁ ପ୍ରାୟ ୧୩ ଲକ୍ଷରୁ ଅଧିକ ଟଙ୍କା ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଉଲୁଣ୍ଡା ବ୍ଲକ୍ର ପୂର୍ବତନ କନିଷ୍ଠ ଯନ୍ତ୍ରୀବର୍ତ୍ତମାନ ସୋନପୁର ବ୍ଲକ୍ରେ କାର୍ଯ୍ୟରତ ସୁପ୍ରିୟା ଗୁରୁଙ୍କୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ନିଲମ୍ବିତ କରିଛି।ଜିଲ୍ଲା ପ୍ରଶାସନର ତଦନ୍ତ ରିପୋର୍ଟ ଏବଂ ପୂର୍ବତନ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସୁପାରିସ ଆଧାରରେ ବିଭାଗୀୟ ଚିଠି ନଂ. ୨୨୩୭୦୧ ଅନୁଯାୟୀ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ନିଲମ୍ବନ କାଳରେ ସୁପ୍ରିୟା ଗୁରୁଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆସୁଛି ପାର୍ବଣ ଋତୁ, ଧରାପୃଷ୍ଠରେ କାଶତଣ୍ଡୀର ସମ୍ଭାର

ଖଣ୍ଡପଡ଼ା ୨୮।୯ (ଅକ୍ଷର ଓଡ଼ିଶା) ପାର୍ବଣ ଋତୁର ଆଗମନରେ ଧରାପୃଷ୍ଠରେ କାଶତଣ୍ଡୀର ସମ୍ଭାର ଦେଖିବାକୁ ମିଳିଛି। ନଦୀ ପଠା,କୃଷି କ୍ଷେତ୍ରର ହୁଡା,ଗୋଚର ଜମି ଓ ସଂରକ୍ଷିତ ଜଙ୍ଗଲ ଜମିରେ ଯେଉଁଠି ଦେଖିବ ସେଇଠି ପ୍ରକୃତିରାଣୀ କାଶତଣ୍ଡୀରେ ସଜେଇ ହୋଇଛି।ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ପାର୍ବଣ ଋତୁ ଆରମ୍ଭ ପୂର୍ବରୁ ପ୍ରକୃତିରାଣୀ କାଶତଣ୍ଡୀର ସମ୍ଭାର ଯୋଗୁଁ ଧଳାରଙ୍ଗରେ ସଜେଇ ହୋଇଛି।ଏହା ପ୍ରକୃତିପ୍ରେମୀଙ୍କୁ ବେଶ ଆନନ୍ଦ ଦେଉଥିବା ବେଳେ ଧରାପୃଷ୍ଠରେ ଜଗତଜନନୀ ମା ଦୁର୍ଗାଙ୍କ ଆଗମନକୁ ସତେ ଯେମିତି କାଶତଣ୍ଡୀର ସମ୍ଭାର ସ୍ୱାଗତ କରୁଥିବା ଜଣାପଡିଛି।

ସିଆରପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ

ଜଗଦୀଶ ବିଶିଙ୍କ ଦେହାନ୍ତ

ସୁବର୍ଣ୍ଣପୁର, ୨୮।୯(ସଂଗ୍ରାମ ମହାପାତ୍ର) : ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଏକ ଦୁଖଦଃ ଘଟଣା ଘଟିଛି। ଖବର ରୁ ପ୍ରକାଶ ଯେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ସିଆରପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶିଙ୍କ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପରେ ନିଜ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଡୁଙ୍ଗୁରିପାଲି ଏଫସିଆଇ ଛକଠାରୁ ମହୁଲପାଲି ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ନିଆଯାଇଥିଲା। ଶୋଭାଯାତ୍ରାରେ ବହୁ ସଂଖ୍ୟକ ଲୋକ ସାମିଲ ହୋଇ ଜଗଦୀଶ ବିଶିଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ତାଙ୍କ ଗ୍ରାମର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି।

ଲଗାଣ ବର୍ଷାରେ ନଷ୍ଟ ହୋଇଥିବା ପରିବା ଓ ଧାନ ଚାଷକୁ ବୁଲି ଦେଖିଲେ ଦୁଇ ବିଧାୟକ

ପୁରୁଷୋତ୍ତମପୁର, ୨୮।୯ (ପ୍ରସନ୍ନ କୁମାର ଦାଶ): ପୁରୁଷୋତ୍ତମପୁର ବ୍ଲକର ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ୧୫ ଗୋଟି ପଞ୍ଚାୟତ ମଧ୍ୟରୁ କିଛି ପଞ୍ଚାୟତର ଚାଷ ଜମିରେ ବନ୍ୟା ପାଣି ପସି ଧାନ ଓ ପରିବା ଚାଷ କ୍ଷୟ କ୍ଷତି ସ୍ଥିତିକୁ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ତହସିଲଦାର ବିନୋଦ ବେହେରା ଇ ତହସିଲ ଆରାଇ ସୁପର ଭାଇଜର ମାନେ, ବ୍ଲକ ଅଧକ୍ଷା ପିଙ୍କି ବେହେରା, ସମାଜ ସେ ?ା ଜଗତ ବନ୍ଧୁ ପଣ୍ଡା, ତାପସ ବେହେରା ଓ ମାନ ଭଞ୍ଜନ ଗୌଡ଼, ବଡ଼ ବରଙ୍ଗାସମିତି ସଭ୍ୟ ବିଷ୍ଣୁ ରେଡ଼ୀ ଚାଷୀଙ୍କ ସହ ମିଶି ବିଭିନ୍ନ ପଞ୍ଚାୟତ ବୁଲି ଦେଖି ଚାଷୀଙ୍କ ସମସ୍ୟା ଶୁଣି ଥିଲେ। ସେହିପରି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳ ତଥା ପୁରୁଷୋତ୍ତମପୁର ବ୍ଲକର ୧୧ଗୋଟି ପଞ୍ଚାୟତ ରେ ଲଘୁଚାପ ଜନିତ ବର୍ଷା ଓ ନଦୀ, ନାଳ ପାଣି ମାଡି ଏକର ଏକର ଧାନ ଓ ପରିବା ଚାଷ ନଷ୍ଟ ହୋଇଯାଇଛି ଲଘୁଚାପ ବର୍ଷା ଯୋଗୁଁ। ଯାହାଦ୍ୱାରା ଏକର, ଏକର ଚାଷ ଜମି ରେ ଲାଗିଥିବାବିଭିନ୍ନ ଫସଲ ଓ ଫଳୁଥିବା ଏବଂ ଫଳିବାକୁ ଥିବା ଧାନ ସହିତ ବିଭିନ୍ନ ପରିବା ଚାଷ ନଷ୍ଟ ହୋଇଯାଇଛି। ଧାର କରଜ କରି ଚାଷ କରିଥିବା ଚାଷୀ ଆଜି ଚିନ୍ତାରେ ରହିଛି। ଦୀର୍ଘ ଆଠ ରୁ ଦଶ ଦିନ ଧରି ଚାଷ ଜମିରେ ପାଣି ରହିବା ଦ୍ୱାରା ବିଭିନ୍ନ ପରିବା ଚାଷ ନଷ୍ଟ ହୋଇ ଯାଇଛି।

ଚାଷୀଟି ପନିପରିବା ଓ ଧାନ ଚାଷ କରି କିଛି ପରିବାର ପ୍ରତି ପୋଷଣ ସହିତ ସାଉକାର ର ଋଣ ପରିଶୋଧ କରିବାର ଯେଉଁ ଲକ୍ଷ ରଖିଥିଲା ଅବପାତ ବର୍ଷାରେ ତାହା ଧୂଳିସାତ ହୋଇ ଗଲା, ଉଜୁଡି ଗଲା ତାର ସଂସାର, ସରକାର ଯଦି ତାକୁ ସହଯୋଗ ନକରିବେ ତେବେ ଧାରା କରଜ କରିଥିବା ଚାଷୀଟି ଆତ୍ମ ହତ୍ୟା ହି କରିବ ବୋଲି ମତଦେଇଛନ୍ତି। ତେବେ ଜନ ପ୍ରତିନିଧି ହୋଇ ଥିବା ବିଧାୟକ ଚାଷୀ ମାନଙ୍କ ପାଖକୁ ଯାଇ ସେମାନଙ୍କ ଉଜୁଡି ଥିବା କ୍ଷୟ କ୍ଷତି ଫସଲକୁ ବୁଲି ଦେଖି ସେମାନଙ୍କ ଅଭାବ ଅସୁବିଧା କୁ ସରକାର ଙ୍କ ସହିତ ବିଭାଗୀୟ ମନ୍ତ୍ରୀ ଙ୍କ ସହ କଥାବାର୍ତ୍ତା କରି ଏବଂ ଜିଲ୍ଲା ପାଳଙ୍କ ସହ କଥା ହୋଇ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସବୁ ସୁବିଧା ଏବଂ ବ୍ୟବସ୍ଥା କରିବି ବୋଲି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉପସ୍ଥିତରହି ପୁରୁଷୋତ୍ତମପୁର ତହସିଲଦାରଙ୍କ ଉପସ୍ଥିତିରେ ଫସଲର କ୍ଷୟ କ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ ଓ ତହସିଲଦାରବିନୋଦ କୁମାର ବେହେରା, ସୁପର ଭାଇଜର, ଓ ପାଖରେ ଥିବା ଆରାଇଙ୍କୁ ତୁରନ୍ତ ରିପୋର୍ଟ କରି ଦେବା ପାଇଁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଘୁମୁସର ଓ ଆସ୍କା ବିଜେପି ସମ୍ପାଦକ ଶ୍ରୀକାନ୍ତ କୁମାର ପଣ୍ଡା, ବିଧାୟକ ପ୍ରତିନିଧି ମନୋଜ କୁମାର ଦାଶ, ପାଣ୍ଡିଆ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ସାଇଁ, ପାଣ୍ଡିଆ ମଣ୍ଡଳ ସମ୍ପାଦକ ରାଜୀବ ଲୋଚନ ବେହେରା, ପବିତ୍ର ସାବତ, କୃଷ୍ଣ ବିଷୋୟୀ ଟଙ୍କା ଛାଇ ଶକ୍ତି କେନ୍ଦ୍ର ପ୍ରମୁଖ, ପାଣ୍ଡିଆ ସରପଞ୍ଚପ୍ରତିନିଧି ସନ୍ତୋଷ ସେଠୀ ଓ କୈଳାଶ ସେଠୀଙ୍କ ସହ ବହୁ ନେତା କର୍ମୀ, ସରପଞ୍ଚ, ସମିତି ସଭ୍ୟ ଓ ୧୧ ଗୋଟି ପଞ୍ଚାୟତର ପଦାଧିକାରୀ, ନେତା ଉପସ୍ଥିତ ଥିଲେ।

ସାଳନ୍ଦୀରେ ବଢ଼ିଲା ଜଳସ୍ତର, ପାଣିରେ ବେହାଲ ଭଦ୍ରକବାସୀ !

ଧନାଟୋଲାନୂଆନଗର, ଦୁର୍ଗାପୁର ପର୍ଯ୍ୟନ୍ତ ପାଣି ଘେରରେ ତଳିଆ ଅଞ୍ଚଳ

ଭଦ୍ରକ ୨୮।୯ (ଅକ୍ଷର ଓଡ଼ିଶା): ଭଦ୍ରକ ଜିଲ୍ଲାରେ ପୁଣି ଚିନ୍ତା ବଢ଼ାଇଛି ବନ୍ୟା ପରିସ୍ଥିତି। ଭଦ୍ରକ ଜିଲ୍ଲା ଦେଇ ପ୍ରବାହିତ ସାଳନ୍ଦୀ ନଦୀରେ ଜଳସ୍ତର ବଢ଼ିବା ପରେ ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ପାଣି ପଶିଛି।କୁଆଁସ, ବେସୁଦେପୁର, ସନ୍ତିଆ, ଧନାଟୋଲା, ନୂଆନଗର, ଦୁର୍ଗାପୁର ସମେତ ବିଭିନ୍ନ ତଳିଆ ଅଞ୍ଚଳ ଏବେ ପାଣି ଘେରରେ। ଘର ଭିତରକୁ ବନ୍ୟାଜଳ ପଶିଯିବାରୁ ଲୋକଙ୍କ ଦୈନନ୍ଦିନ ଜୀବନ ଏକପ୍ରକାର ଅଚଳ ହୋଇପଡ଼ିଛି।ସାଳନ୍ଦୀ ନଦୀରେ ହଠାତ୍ ଜଳସ୍ତର ବୃଦ୍ଧି ପାଇବା ପରେ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି।ଘରଦ୍ୱାରଠାରୁ ରାସ୍ତାଘାଟସବୁଠି ଦେଖିବାକୁ ମିଳୁଛି ପାଣିର ଚିତ୍ର। ଅନେକ ଲୋକଙ୍କ ଘରେ ପାଣି ପଶିଯିବାରୁ ଘରେ ଥିବା ଆସବାବପତ୍ର ଓ ବହୁମୂଲ୍ୟ ସାମଗ୍ରୀ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି।ସବୁଠାରୁ ବଡ଼ ସମସ୍ୟା ହୋଇଛି ଖାଦ୍ୟ ଓ ରହିବା। ପାଣି ଘେରରେ ରହି ଲୋକମାନେ ଖାଇବା, ପିଇବା ଓ ଦୈନନ୍ଦିନ ଆବଶ୍ୟକତା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଅନ୍ୟପଟେ, ବନ୍ୟାଜଳ ଆହୁରି ବଢ଼ିଲେ ପରିସ୍ଥିତି ଅଧିକ ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ ପ୍ରଭାବିତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ୍, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସହାୟତା ପହଞ୍ଚାଇବାକୁ ଦାବି ହେଉଛି। ପାଣି ଘେରରେ ଭଦ୍ରକର ତଳିଆ ଅଞ୍ଚଳ, ବଢୁଛି ଲୋକଙ୍କ ଦୁର୍ଦ୍ଦଶା।

ଚାନ୍ଦଲି ପାହାଡ଼ରେ 'ବିଶ୍ୱ ପର୍ଯ୍ୟଟନ ଦିବସ' ପାଳିତ

ବଲାଙ୍ଗୀର, ୨୮।୯ (ଦେବେନ୍ଦ୍ର ପୋଡ଼): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଚାନ୍ଦଲି ପାହାଡ଼ ପରିସରରେ 'ବିଶ୍ୱ ପର୍ଯ୍ୟଟନ ଦିବସ' ଅତ୍ୟନ୍ତ ଉତ୍ସାହ ଓ ଆଡ଼ମ୍ବର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଏହି ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଲୁକ୍କାୟିତ ପର୍ଯ୍ୟଟନ କ୍ଷେତ୍ରର ବ୍ୟାପକ ପ୍ରଚାରପ୍ରସାର କରିବା ସହ ଆଞ୍ଚଳିକ ସାମାଜିକ-ଆର୍ଥିକ ବିକାଶକୁ ଗତିଶୀଳ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ଏବଂ ଓଡ଼ିଶା ମାଇନିଂ କର୍ପୋରେସନ୍ (OMC)ର ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୧୩, ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟର ପ୍ରଥମ ଆନ୍ତର୍ଜାତୀୟ 'ଓ.ଏମ୍. ସି. ପୁରୀ କୋଷ୍ଟାଲ୍ ମାରାଥନ୍'ର ସଚେତନତା ନିମନ୍ତେ ଏକ ଜିଲ୍ଲାସ୍ତରୀୟ 'ପ୍ରୋମୋ ରନ୍' ଆୟୋଜିତ ହୋଇଥିଲା। ମେହେରକାଟାରୁ ଚାନ୍ଦଲି ପାହାଡ଼ ପର୍ଯ୍ୟନ୍ତ ଆୟୋଜିତ ଏହି ଦୌଡ଼ରେ ଶହ ଶହ ଯୁବକ, ପ୍ରକୃତିପ୍ରେମୀ ଓ ସେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ ମଞ୍ଜୁ ଖୋମାରି, ଦେଓଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ କୁମାର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ବରିଷ୍ଠ ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା ଓ ଲକ୍ଷ୍ମଣ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ବିଜେଡିରେ ଯୋଗଦେଲେ ୨୪ ପରିବାର

ପାତ୍ରପୁର, ୨୮।୯: (କୁରସ ରେଡି) ଗଞ୍ଜାମ ଜିଲ୍ଲା ଚିକିଟୀ ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଖୟାରାଗାଁ ପଞ୍ଚାୟତ ଅନ୍ତର୍ଗତ ଲାଲ କମ୍ପାଗାଁ ଗ୍ରାମ୍ୟ ମଣ୍ଡପଠାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲାଲ କମ୍ପାଗାଁ ଗ୍ରାମର ପ୍ରାୟ ୨୪ଟି ପରିବାର ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି।ଦଳୀୟ ନେତାମାନଙ୍କ କହିବାନୁସାରେ, ପୂର୍ବତନ ମନ୍ତ୍ରୀ ଉଷା ଦେବୀ ଓ ତାଙ୍କ ପୁତ୍ର ତଥା ଚିକିଟର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓଙ୍କ ଜନସମ୍ପର୍କ, ସେବା ମନୋଭାବ ଓ ଲୋକଙ୍କ ସହ ସୁସମ୍ପର୍କ ନୂତନ ଭାବେ ଦଳରେ ଯୋଗଦେଇଥିବା ପରିବାରଗୁଡ଼ିକୁ ପ୍ରଭାବିତ କରିଛି। ଏହି କାରଣରୁ ସେମାନେ ବିଜେଡିରେ ଯୋଗଦେଇଥିବା ଦଳ ପକ୍ଷରୁ କୁହାଯାଇଛି।ଖୟାରାଗାଁ ପଞ୍ଚାୟତ ବିଜେଡି ନେତୃତ୍ୱରେ ପାଇଲା ଜଗବନ୍ଧୁ ରେଢ଼ୀଙ୍କ ସମେତ ପି. ଡିଲେଶ, କେ. ପେରାୟା, ବି. ବୈରାଗୀ, ପି. ମୁକୁନ୍ଦା, ବି. ମୁରଲି, କେ. ପୁରୁଷୋତ୍ତମ, କେ. ମୁକୁନ୍ଦା, କେ. ସ୍ୟାମନାଥ, କେ. କୁରମାୟା, ଡି. ପୁରୁଷୋତ୍ତମ, କେ. ଡିଲେଶ, ଏମ୍. ହିଟଲର, ପି. ଗଣେଶ, ଡି. ଚିନ୍ନାମ୍ମା ଓ କେ. ଲକ୍ଷ୍ମୀଙ୍କ ସମେତ ବିଭିନ୍ନ ପରିବାର ବିଜେଡିରେ ସାମିଲ ହୋଇଥିବା ଦଳ ପକ୍ଷରୁ ପ୍ରକାଶ କରାଯାଇଛି।ମିଶ୍ରଣ ପର୍ବରେ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ନୂତନ ଭାବେ ଦଳରେ ଯୋଗଦେଇଥିବା ପରିବାରଗୁଡ଼ିକୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ତାଙ୍କ ମା' ତଥା ପୂର୍ବତନ ମନ୍ତ୍ରୀ ଉଷା ଦେବୀ ଏବଂ ସେ ଜନସାଧାରଣଙ୍କୁ କେବେ ମିଛ ପ୍ରତିଶ୍ରୁତି ଦେଇନାହାନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ମିଛ ପ୍ରତିଶ୍ରୁତି ଦେବେ ନାହିଁ।ଏଥିସହ ବର୍ତ୍ତମାନର ବିଧାୟକ ଜନସାଧାରଣଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବା ଶ୍ରୀରୂପ ଦେଓ ଅଭିଯୋଗ କରିଥିଲେ। ତାଙ୍କ ଦଳରେ ଦୀର୍ଘଦିନ ଧରି ରହିଥିବା କିଛି ନେତା ମଧ୍ୟ କିଛିଦିନ ପୂର୍ବରୁ ତାଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ଏବେ ବିଜେଡିରେ ସାମିଲ ହେଉଥିବା ସେ ଦାବି କରିଥିଲେ।ଏହି ମିଶ୍ରଣ ପର୍ବରେ ପାତ୍ରପୁର ବ୍ଲକ ବିଜେଡି ସଭାପତି ରାମନାଥ ପାଣିଗ୍ରାହୀ, ୩୩ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଯୋଶଦା ସବର, ବରିଷ୍ଠ ବିଜେଡି ନେତା ସଚିଦାନନ୍ଦ ରାଜଗୁରୁ, ବାପୁଜୀ ବିଷୋୟୀ, ବିଜୟ କୁମାର ପ୍ରଧାନ, ଶଶାଙ୍କ ପାଣିଗ୍ରାହୀ, ଭଗବତୀ ପାଣିଗ୍ରାହୀ, ଭଗବାନ ପାତ୍ର, ଜ୍ୟୋତି ରେଢ଼ୀ, ନାଗମା ରାଓ, ଖୟାରାଗାଁ ସରପଞ୍ଚ କେ. ଜ୍ୟୋତି ରେଢ଼ୀ, ସମିତି ସଭ୍ୟା ଏନ୍. ସାନ୍ତାମ୍ମାଙ୍କ ସମେତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ଓ ଆଙ୍ଗନ କା ଉତ୍ସବ ପାଳିତ

ରଣପୁର ୨୮।୯(ଅକ୍ଷର ଓଡ଼ିଶା): ସେପ୍ଟେମ୍ବର ୯ ତାରିଖରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ ୯ମ ରାଷ୍ଟ୍ରୀୟ ପୋଷଣ ଉତ୍ସବ ପାଳନ କରାଯାଉଅଛି। ଓଡିଶା ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ୍ରମେ ଓ ରଣପୁର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏବଂ ଲାଖପଡା ଅଙ୍ଗନବାଡି କେନ୍ଦ୍ର କର୍ମଚାରୀ ମିଳି ମହାପାତ୍ରଙ୍କ ଆବାହକତ୍ୱରେ ରବିବାରଦିନ ଲାଖପଡା ଅଙ୍ଗନବାଡି କେନ୍ଦ୍ର ପରିସରରେ ଜାତୀୟ ପୋଷଣ ଦିବସପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବଳଭଦ୍ରପୁର ସରପଞ୍ଚ ସଞ୍ଜୟ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରଣପୁର ସମନ୍ୱତ ଶିଶୁ ବିକାଶ ଅଧିକାରୀଣି ସୁପ୍ରଭା ପାଣ୍ଡେ, ଓ ସମ୍ମାନିତ ଅତିଥିଭାବେ ରଣପୁର ଅଙ୍ଗନବାଡି ପର୍ଯ୍ୟବେକ୍ଷକ ନାଗରିକ ଦାମୋଦର ପ୍ରଧାନ, ୱାର୍ଡମେମ୍ବରଙ୍କ ପ୍ରତିନିଧି ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ସେହିପରି ରଣପୁର ବିଜ୍ଞାପିତ ଅଞ

ବିଶ୍ୱ ପର୍ଯ୍ୟଟନ ଦିବସରେ କୈଳାସରେ ସ୍ୱଚ୍ଛତା ଅଭିଯାନ

ଦେବଗଡ଼ ୨୮ ।୯ (ଅକ୍ଷର ଓଡ଼ିଶା): ତିଲେଇବଣୀ ବ୍ଲକ ଟାଇଁସର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୈଳାସ ପର୍ଯ୍ୟଟନସ୍ଥଳୀରେ ରବିବାର ପୂର୍ବାହ୍ନ ୭ଟା ୩୦ ମିନିଟ୍ ସମୟରେ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନ ଅଧୀନରେ 'ପରିଷ୍କାର ପର୍ଯ୍ୟଟନ ସ୍ଥଳ ବିଶ୍ୱ ପର୍ଯ୍ୟଟନ ଦିବସ' ଶୀର୍ଷକରେ ଏକ ସତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ପର୍ଯ୍ୟଟନସ୍ଥଳୀକୁ ପରିଷ୍କାର ଓ ସ୍ୱଚ୍ଛ ରଖିବା ସହ ପର୍ଯ୍ୟଟକଙ୍କ ମଧ୍ୟରେ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ସ୍ଥାନ ସଫେଇ କରାଯିବା ସହ ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଦେବଗଡ଼ ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ ଏବଂ ତିଲେଇବଣୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ମିସ୍ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ ।ସ୍ୱଚ୍ଛ ଓ ସୁନ୍ଦର ପର୍ଯ୍ୟଟନସ୍ଥଳୀ ଗଠନ ସହ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା ।

ଗଜପତି ଅବକାରୀ ବିଭାଗର ସଫଳତା, ବିପୁଳ ମହୁଲି ପୋଚ, ଦେଶୀ ମଦ ଜବତ: ୩ ଗିରଫ

ପାରଳାଖେମୁଣ୍ଡି, ୨୭/୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଅବକାରୀ ବିଭାଗକୁ ଏକ ବଡ଼ ଧରଣର ସଫଳତା ମିଳିଥିବା ସୂଚନା ମିଳିଛି । ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣର ପୋଚ, ଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ଗଜପତି ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ପାଇଁ ବେଆଇନ ମଦ ଓ ଚୋରା ଗଞ୍ଜେଇ କାରବାରକୁ ସମ୍ପୂର୍ଣ ରୂପେ ବିଲୋପ କରିବା ପାଇଁ ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ସାରା ଜିଲ୍ଲାରେ ଅବକାରୀ ବିଭାଗ ତରଫରୁ କ୍ରମାଗତ ଭାବେ ବିଭିନ୍ନ ପେଟ୍ରୋଲିଂ ଓ ଚଢାଉ ଜାରି ରହିଛି । ଏହି ଅବସରରେ ଗଜପତି ଜିଲ୍ଲାର ଅଡବା ଅଞ୍ଚଳରେ ଅବକାରୀ ମୋବାଇଲ ଏବଂ ବିଭାଗୀୟ ଟିମର ମିଳିତ ଚଢାଉ ଯୋଗୁଁ ଜିଲ୍ଲା ଅବକାରୀ ବିଭାଗକୁ ଏହି ସଫଳତା ମିଳିଛି । ଅଡବା ଥାନା ଅନ୍ତର୍ଗତ ବିରିକୋଟ ଅଞ୍ଚଳରେ ଅବକାରୀ ଓ ମୋବାଇଲ ଟିମ୍ ପକ୍ଷରୁ ବନ ପାହାଡ଼ ଘେରା ଅଞ୍ଚଳରେ ଚଢ଼ଉ କରାଯାଇ ଦେଶୀ ମଦ ପ୍ରସ୍ତୁତ ପାଇଁ ଲୁଚାଇ ରଖା ଯାଇଥିବା ୪ ହଜାର ଲିଟର ମହୁଲି ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି. ସେହିପରି ବିରିକୋଟ ଗ୍ରାମ ନିକଟରେ ବେଆଇନ ଭାବେ ଚାଲିଥିବା ଦେଶୀ ମଦ ରନ୍ଧା ଭାଟିକୁ ଭାଙ୍ଗି ଚୁରମାର କରାଯାଇଛି । ଏଠାରେ ୩୦୭ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି । ଏଥିସହ ବିରିକୋଟ ବଜାରରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହୋଇଥିବା ଅଭିଯୋଗରେ ୨ ଗୋଟି ଦୋକାନକୁ ଚଢାଉ କରାଯାଇ ବିଦେଶୀ ମଦ ଜବତ କରାଯାଇଛି. ଏହି ୩ ଗୋଟି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି ବୋଲି ମୋହନା ଅବକାରୀ ଅଧିକାରୀ ଦଣ୍ଡ ଶବର ଓ ଗଜପତି ଜିଲ୍ଲା ଅବକାରୀ ମୋବାଇଲଟିମର

ଭାପୁର ବ୍ଲକ, ବଡସହରା ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଉପରେ ପୁଣି ନଜର ପକାଇଲା ଭିଜିଲାନ୍ସ ଟିମ

ଖଣ୍ଡପଡା ୨୮ ।୯ (ଅକ୍ଷର ଓଡ଼ିଶା): ଦୀର୍ଘ ମାସର ବ୍ୟବଧାନ ପରେ ଭାପୁର ବ୍ଲକର ବଡସହରା ପଞ୍ଚାୟତ ଉପରେ ପୁଣି ନଜର ପକାଇଛି ରାଜ୍ୟ ଭିଜିଲାନ୍ସ ଟିମ । ପ୍ରକାଶଥାଉକି ଭାପୁର ବ୍ଲକ ଅଧୀନ ସମଗ୍ର ବଡସହରା ପଞ୍ଚାୟତରେ ଗତ ୨୦୧୮ ରୁ ୨୦୨୨ ମସିହା ମଧ୍ୟରେ ସମାପ୍ତ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆଖିବୁଜା ଦୁର୍ନୀତି ହୋଇଥିବା ନେଇ ସେହି ସମୟରେ ଅଭିଯୋଗ ଉଠାଇ ସ୍ଥାନୀୟ ପଞ୍ଚାୟତବାସୀ ରାଜ୍ୟ ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ।ତେବେ ଅଭିଯୋଗ ଆଧାରରେ ନୟାଗଡ଼ ଭିଜିଲାନ୍ସ ଟିମ ଗତ ୨୦୨୧-୨୨ ମସିହାରେ ପ୍ରାରମ୍ଭିକ ଭାବେ ତଦନ୍ତ ଆରମ୍ଭ କରି ଫେରି ଯାଇଥିଲେ ।ଏବେ ପୁର୍ନବାର ଭିଜିଲାନ୍ସ ଟିମ ଭାପୁର ଅଞ୍ଚଳର କାର୍ଯ୍ୟ ଉପରେ ନଜର ପକାଇ ଘଟଣାର ଖୋଳତାଡ ଆରମ୍ଭ କରିଥିବା ସୂଚନା ମିଳିଛି । ଭିଜିଲାନ୍ସ ଟିମର କାର୍ଯ୍ୟକଳାପ ଉପରେ ଏବେ ସମସ୍ତଙ୍କର ନଜର ରହିଛି ।ତେବେ ସେହି ସମୟରେ ହୋଇଥିବା ସମସ୍ତ କାର୍ଯ୍ୟର ଦସ୍ତାବିଜ ଭିଜିଲାନ୍ସର ମୁଖ୍ୟ କାର୍ଯ୍ୟାଳୟକୁ ଧରି ଆସିବା ପାଇଁ ଗତ ୩ ଦିନ ତଳେ ଭାପୁର ବ୍ଲକ ପ୍ରଶାସନକୁ ଏକ ପତ୍ର ଆସିଥିଲା । ରାଜ୍ୟ ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶ ମୁତାବକ ବଡସହରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସେ ସଂପର୍କିତ ସମସ୍ତ ଦସ୍ତାବିଜ ଭିଜିଲାନ୍ସ କାର୍ଯ୍ୟାଳୟରେ ତୁରନ୍ତ ଦାଖଲ କରିଥିବା ନେଇ ପ୍ରଶାସନ ସୂତ୍ରରୁ ଜଣାପଡିଛି ।

୬୫ତମ ସାହାଣୀ କପ ଫୁଟବଲ ଚାମ୍ପିଅନସିପ - ୨୦୨୬

ପ୍ରଥମ ମ୍ୟାଚରେ ବରଗଡ଼ ଦଳ ୭-୧ ରେ ବିଜୟୀ

ସୁବର୍ଣ୍ଣପୁର, ୨୮ ।୯(ସଂଗ୍ରାମ ମହାପାତ୍ର): ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାହାଣୀ କପ ଫୁଟବଲ ର ଚତୁର୍ଥ ଦିବସ ପ୍ରଥମ ମ୍ୟାଚ ଯାଜପୁର ଏବଂ ବରଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଦଳ ୭-୧ ଗୋଲ ରେ ବିଜୟୀ ହୋଇଥିବା ବେଳେ ବରଗଡ଼ ଦଳର ୭ ନମ୍ବର ଜର୍ସି ବିଜନ ବରିହା ୫ ମିନିଟ, ୬୨ ମିନିଟ ଓ ୩୭ ମିନିଟ ରେ ୩ ଗୋଟି ଗୋଲ ସ୍କୋର କରି ମେନ ଅଫ ଦ ମ୍ୟାଚ ପୁରସ୍କାର ପାଇଥିଲେ । ସେହିପରି ୯ ନମ୍ବର ଜର୍ସି ପ୍ରଶାନ୍ତ ବାଗ ୪୪ ମିନିଟ ରେ ଓ ୩୧ ମିନିଟ ରେ ଦୁଇଟି ଗୋଲ ସ୍କୋର କରିଥିଲେ । ୨୫ ନମ୍ବର ଜର୍ସି ଦିନେଶ ପଧାନ, ଓ ୧୧ ନମ୍ବର ଜର୍ସି. ଶୁଭା ବାଗ ଗୋଟିଏ ଗୋଟିଏ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ । ପ୍ରଥମ ମ୍ୟାଚ କୁ ରେଫରୀ ଭାବେ ଅଶ୍ୱିନୀ କୁମାର ସାହୁ, ଜିତେନ୍ଦ୍ର ଥନାପତି, ଅନିଲ ଭୋଇ, ସୁମିତ ମହାଲିଙ୍ଗ ଓ ମ୍ୟାଚ କମିଶନର ଭାବେ ନବୀନ ନାଏକ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବରେ ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ , ଡେପୁଟି କଲେକ୍ଟର ସତ୍ୟ ବ୍ରତ ସାହୁ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଖେଳ ଉଦ୍‌ଘାଟନ କରିଥିଲେ ।

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ସଚେତନତା ମାରାଥନ୍ ଅନୁଷ୍ଠିତ

ନୂଆପଡ଼ା, ୨୮ ।୯(ଅକ୍ଷର ଓଡ଼ିଶା): ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୬ ଅବସରରେ ନୂଆପଡ଼ାରେ ଜିଲ୍ଲାସ୍ତରୀୟ ସଚେତନତା ମାରାଥନ୍ (ପ୍ରମୋ ରନ୍) ଅନୁଷ୍ଠିତ ହୋଇଯାଇଛିକ୍ଷ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟ ପରିସରରୁ ଏହି ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପ୍ରମୋ ରନ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫେରିଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀ ଉତ୍ସାହର ସହ ଯୋଗଦେଇଥିଲେ । ବାଳକ ବିଭାଗରେ ସରାବଙ୍ଗର ଦିନେଶ କୁମାର ରାଉତ ପ୍ରଥମ, ଦଳିମୁଣ୍ଡାର ଦିନେଶ ସତନାମଦ୍ୱିତୀୟ ଓ ଖରିଆରର ଟୁନା କୈବର୍ତ୍ତ ତୃତୀୟ ସ୍ଥାନ ହାସଲ କରିଥିଲେ । ବାଳିକା ବିଭାଗରେ କୋଡ଼ମେରୀର ଗୁଲାପ ରାଉତ ପ୍ରଥମ, ହଲଦୀର କେଶଲତା ପାଣ୍ଡେ ଦ୍ୱିତୀୟ ଓ ଧରମବନ୍ଧାର ଛାୟା ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଜିଲ୍ଲା ସ୍ତରରୁ ଅଂଶଗ୍ରହଣକାରୀମାନେ ଆସନ୍ତା ୧୩ ଡିସେମ୍ବର ୨୦୨୬ରେ ହେବାକୁ ଥିବା ପୁରୀ କୋଷ୍ଟାଲ ମାରାଥନ୍-୨୦୨୬ ରେ ଭାଗ ନେବେକ୍ଷ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢ଼େଇ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରୋଶନ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା ଓ ନୂଆପଡ଼ା ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

ବିଶ୍ୱ ପର୍ଯ୍ୟଟନ ଦିବସରେ ଦେବଗଡ଼ରେ ମାରାଥନ୍

ଦେବଗଡ଼, ୨୮ ।୯(ଅକ୍ଷର ଓଡ଼ିଶା): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଦେବଗଡ଼ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ରବିବାର ସକାଳେ ଏକ ମାରାଥନ୍ ଆୟୋଜିତ ହୋଇଥିଲା । ସକାଳ ୬ଟା ୩୦ ମିନିଟ୍ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମାରାଥନ୍‌ର ଶୁଭାରମ୍ଭ ହୋଇଥିଲା । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ଏବଂ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ପ୍ରମୁଖ ସବୁଜ ପତାକା ଦେଖାଇ ମାରାଥନ୍‌ର ଶୁଭାରମ୍ଭ କରିଥିଲେ ।ମାରାଥନ୍‌ଟି ସହର ପରିକ୍ରମା କରି ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା । ପରେ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଏବଂ ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ଓ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ପ୍ରମୁଖ ଯୋଗଦେଇଥିଲେ ।

ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ବିଜେଡି ଙ୍କ ପରିଦର୍ଶନ

ଧର୍ମଗଡ, ୨୮ ।୯(ସୁରେନ୍ଦ୍ର କୁମାର ଜାଇ): ତିନି ଦିନ ଧରି ଲଗାଣ ବର୍ଷାରେ ଅଂଚଳରେ ଅନେକ ସମସ୍ୟା ଦେଖା ଦେଇ ଥିବାରୁ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପୁଷ୍ପେନ୍ଦ୍ର ସିଂ ଦେଓ ଙ୍କ ନିର୍ଦ୍ଦେଶକ୍ରମେ ଧର୍ମଗଡ଼ ବ୍ଲକ ବିଜୁ ଜନତା ଦଳ ର ସଭାପତି ଡାକେ ଲହଜଲଙ୍କ ନେତୃତ୍ୱ ରେ ସନ୍ଦିକୁଲିହାରୀ ଓ ପାର୍ଲା ଗ୍ରାମ ପଞ୍ଚାୟତ ଲଛିପୁର ବଢ଼ି ଅଂଚଳ ପରିଦର୍ଶନ କରିବା ପାଇଁ ଯାଇଥିଲେ । ବ୍ଲକ ମହିଳା ସଭାନେତ୍ରୀ ଶ୍ରୀମତୀ ମମତାରାଣୀ ଗୋପାଳ, ବ୍ଲକ ଉପସଭାପତି ରତନ ନାଏକ, ଧର୍ମଗଡ଼ ନଗର ଉପ ସଭାପତି ରାଜେନ୍ଦ୍ର ଭୋଇ ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପାଢ଼ୀ ଏବଂ ସନ୍ଧିକୁଲିହାରୀ ଗ୍ରା. ପ. ସରପଞ୍ଚ ଜଗତ ରାମ ବାଗ ପ୍ରମୁଖ ସନ୍ଧିକୁଲିହାରୀ ଗ୍ରାମର ବଢ଼ି ପାଣିରେ ବୁଡି ରହିଥିବା ଦୁଇଟି ପରିବାରକୁ ଭେଟି ଶୁଷ୍କ ଖାଦ୍ୟ ପ୍ରଦାନ କରିଥିଲେ । ଲାଛିପୁର ଗ୍ରାମ ପତେଲ ପଡା ର ଘର ଭାଙ୍ଗି ଯାଇଛି ଓ ରାସ୍ତା ନଥିବାରୁ ତା ସହିତ ପାଣି ଆସୁନଥିବାରୁ ଗାଁଲୋକେ ଜଣାଇଥିଲେ ଉକ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଧର୍ମଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ RWSS SDO ଙ୍କୁ ବ୍ଲକ ସଭାପତି ଲହଜଲ୍ ଫୋନ ମାଧ୍ୟମରେ ଜଣାଇଥିଲେ ।

ସେବା ପକ୍ଷ ଅବସରରେ 'ଆରୋଗ୍ୟ ବନ' ସୃଷ୍ଟି

ଭାପୁର, ୨୮ ।୯:(ଅକ୍ଷର ଓଡିଶା): ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସାରା ଦେଶରେ ପାଳିତ ହେଉଥିବା 'ସେବା ପକ୍ଷ-୨୦୨୬' ଅବସରରେନୟାଗଡ ଜିଲ୍ଲା ଭାପୁର ବ୍ଲକର ଫତେଗଡ଼ଠାରେ ଏକ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମାଇ ଭାରତ, ନୟାଗଡ଼, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ କେନ୍ଦ୍ର ଫର୍ ୟୁଥ୍ ଆଣ୍ଡ ସୋସିଆଲ ଓ୍ୱେଲଫେୟାର, ଫତେଗଡ଼ ପକ୍ଷରୁ ରାମମନ୍ଦିର ନିକଟସ୍ଥ ବିଜୟନଗର ଓ ଫତେଗଡ଼ ଜଙ୍ଗଲ ଅଞ୍ଚଳରେ 'ଆରୋଗ୍ୟ ବନ' ବିକଶିତ କରାଯାଇଛି ।ଏହି ଅବସରରେ ହରିଡ଼ା, ବାହାଡ଼ା, ଅଁଳା, କରଞ୍ଜ, ଶାଳ, ଶିଶୁ, ନିମ୍ବ, କୃଷ୍ଣଚୂଡ଼ା, ପେଷ୍ତା ବାଦାମ, ଜାମୁ, ବଉଳ, ଡାଳିମ୍ବ ଆଦି ବିଭିନ୍ନ ଔଷଧୀୟ ଓ ଉପକାରୀ ବୃକ୍ଷର ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ତୋଫାନ ପ୍ରଧାନ, ନିରଞ୍ଜନ ଦାଶ, ଦିଲୀପ ମହାନ୍ତି, ଆଶୁତୋଷ ଗୌରବ କର, ତ୍ରିଲୋଚନ ସାହୁ, ଉଣଝଡର ସାଧାରଣ ସମ୍ପାଦକ ଡ. ନିତୁରଞ୍ଜନ ଦାଶ, ଶୁଭମ ସାହୁ, ବାଦଲ ନାୟକ, ଜିତେଶ ବେହେରା, ଗୁଡୁ ବେହେରା, କାଳନ୍ଦୀ ନାୟକ, ରବୀନ୍ଦ୍ର ନାୟକ, ଚନ୍ଦନ ମଲ୍ଲିକ, ରାକେଶ କର, ରେଞ୍ଜର ଦିଲୀପ ପଟ୍ଟନାୟକ, ସରପଞ୍ଚ ମଞ୍ଜୁଲତା ସେଠୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ ।ପରିବେଶ ସୁରକ୍ଷା, ଔଷଧୀୟ ଉଦ୍ଭିଦ ସଂରକ୍ଷଣ ଓ ଜନସଚେତନତା ବୃଦ୍ଧି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

ମୈଦଲପୁରରେ ମହିମା ସମାଜର ନୂଆଁଖାଇ ଭେଟଘାଟ

ପାପଡାହାଣ୍ଡି, ୨୮ ।୯ (ଅକ୍ଷର ଓଡ଼ିଶା): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ନିକଟ ଡୁମୁରିପଦର ଠାରେ ମହିମା ସମାଜ ପକ୍ଷରୁ ପବିତ୍ର ନୂଆଁଖାଇ ଭେଟଘାଟ ଓ ଧାର୍ମିକ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି । ବ୍ରହ୍ମ ଅବଧୂତ ଅନାଦି ବାବା, ଭକ୍ତ ରାମ ବାବା, ସୌଭାଗ୍ୟ ବାବା ଓ ରାମଚନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭେଟଘାଟରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇଥିଲେ । ନୂଆଁଖାଇ ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ମହିମା ସମାଜର ସଭାପତି ନିର୍ମଳ ସମ୍ପାଦକ ଉମାକାନ୍ତ ବିଷୋୟୀ, ଯୁବ ସାମ୍ବାଦିକ ତଥା ଅବିଭକ୍ତ କୋରାପୁଟ ଜିଲ୍ଲା ହିନ୍ଦୁ ମହାସଂଘ ସଭାପତି ନିର୍ମଳ ବିଷୋୟୀ, ଜିଲ୍ଲା ହିନ୍ଦୁ ମହାସଂଘ ସଂପାଦକ ଭବାନୀ ବିଷୋୟୀ, ବିଶ୍ୱ ହିନ୍ଦୁ ପରିଷଦର ସୁନୀଲ୍ ବେହେରା, ଜଗନ୍ନାଥ ମାଝୀ, ସବ୍ୟସାଚୀ ବିଷୋୟୀ, ଜି ସାଇ ରାଜୁ, ମେଘନାଦ ବିଷୋୟୀ ଓ ସୁବାଷ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ ।ନୂଆଁଖାଇ ଭେଟଘାଟ ଅବସରରେ ଧାର୍ମିକ ଆଲୋଚନା, ଭଜନ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତମାନେ ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ ।

କାମରେ ଲାଗୁନି ଅଙ୍ଗନବାଡ଼ି କର୍ମୀଙ୍କୁ ଦିଆଯାଇଥିବା ମୋବାଇଲ୍

ଅଧିକାଂଶ ମୋବାଇଲ୍ ଅଚଳ ଥିବା ଅଭିଯୋଗ

ଫୁଲବାଣୀସଦର, ୨୮ ।୯:(ଅକ୍ଷର ଓଡିଶା)ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟକୁ ଡିଜିଟାଲ୍ ମାଧ୍ୟମରେ ସୁଚାରୁ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ମୋବାଇଲ୍ ଫୋନ୍ ପ୍ରଦାନ କରାଯାଇଛି । ତେବେ କୋଟଗଡ଼ ବ୍ଲକରେ ଏହି ମୋବାଇଲ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶ କାମ କରୁନଥିବା ନେଇ ଅଭିଯୋଗ ହୋଇଛି । ଫଳରେ ଅଙ୍ଗନବାଡ଼ି କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି ।ସୂଚନା ଅନୁଯାୟୀ, କୋଟଗଡ଼ ବ୍ଲକରେ ମୋଟ ୧୬୦ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ଏହି କେନ୍ଦ୍ରଗୁଡ଼ିକର ଅଙ୍ଗନବାଡ଼ି କର୍ମୀଙ୍କୁ ମୋଟ ୧୬୦ଟି ମୋବାଇଲ୍ ପ୍ରଦାନ କରାଯାଇଥିଲା । ହେଲେ ଏଥିମଧ୍ୟରୁ ଅଳ୍ପ କେତୋଟି ମୋବାଇଲ୍ କାମ କରୁଥିବା ବେଳେ ଅଧିକାଂଶ ମୋବାଇଲ୍ ବ୍ୟବହାରଯୋଗ୍ୟ ନଥିବା ନେଇ କର୍ମୀମାନେ ଅଭିଯୋଗ କର

କେନ୍ଦୁଝରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ

- କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ 'ଜିଲ୍ଲା ସ୍ତରୀୟ ପ୍ରୋମୋ ରନ୍' ଆୟୋଜିତ
- ୨୦୦ରୁ ଊର୍ଦ୍ଧ୍ୱ ଦୌଡ଼ବିତ୍‌ଙ୍କ ଅଂଶଗ୍ରହଣ

କେନ୍ଦୁଝର:୨୮/୦୯(ଦିଲ୍ଲୀପ କୁମାର ସାହୁ) - ବିଶ୍ୱ ପର୍ଯ୍ୟଟନ ଦିବସ - ୨୦୨୬ ଅବସରରେ କେନ୍ଦୁଝର ଜିଲ୍ଲାର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ, ଅନ୍ୟନ୍ୟ ଐତିହ୍ୟ ଓ ପର୍ଯ୍ୟଟନ ସମ୍ଭାବନାର ବ୍ୟାପକ ପ୍ରଚାର ପ୍ରସାର ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ସେପ୍ଟେମ୍ବର ମାସ ୨୭ ତାରିଖ ରବିବାର ସକାଳେ ଏକ 'ଜିଲ୍ଲାସ୍ତରୀୟ ପ୍ରୋମୋ ରନ୍' ସଫଳତାର ସହ ଆୟୋଜିତ ହୋଇଯାଇଛି। ଓଡ଼ିଶାକୁ ଫିଟନେସ୍, ୱେଲନେସ୍ ଏବଂ ସକ୍ରିୟ ପର୍ଯ୍ୟଟନର ଏକ ପ୍ରମୁଖ ଗନ୍ତବ୍ୟ ସ୍ଥଳ ଭାବେ ଉପସ୍ଥାପିତ କରିବା ସହ କେନ୍ଦୁଝରର ସମୃଦ୍ଧ ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ସାରା ରାଜ୍ୟ ତଥା ଦେଶ ଆଗରେ ପରିଚିତ କରାଇବା ଏହି ରନ୍‌ର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ପୁରୁଣା ସହରସ୍ଥିତ ପ୍ରସିଦ୍ଧ ଐତିହାସିକ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରୁ ସକାଳ ୭:୦୦ ମିନିଟ୍‌ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଏବଂ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ପତାକା ଦେଖାଇ ଏହି ପ୍ରୋମୋ ରନ୍‌ର ଶୁଭାରମ୍ଭ କରିଥିଲେ। ଦୌଡ଼ାଳିମାନେ ବଳଦେବଜୀଉ ମନ୍ଦିରରୁ ବାହାରି ପବିତ୍ର ସିଦ୍ଧମଠ ପର୍ଯ୍ୟନ୍ତ ୫ କିଲୋମିଟର ଦୂରତା ଦୌଡ଼ିଥିଲେ ଏବଂ ସେଠାରୁ ପୁନର୍ବାର ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣକୁ ଫେରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ଉପ-ଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ, ପର୍ଯ୍ୟଟନ ବିଭାଗର କନିଷ୍ଠ ସହାୟକ ବିକ୍ରମ କେଶରୀ ପାତ୍ର, ଜିଲ୍ଲା ସଂସ୍କୃତି ପରିଷଦର କନିଷ୍ଠ ସହାୟକ ସନ୍ଦୀପ କୁମାର ସାହୁ ଏବଂ ସ୍ପୋର୍ଟସ ହୋଷ୍ଟେଲର ସୀନିୟର କୋଚ୍ ଜିତେନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି ଅବସରରେ ସମୟଶ୍ରୀ ଚାଟର୍ଜି କାର୍ଯ୍ୟକ୍ରମର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ରନ୍‌ରେ ଜିଲ୍ଲାର ବିଭିନ୍ନ ରନିଂ କ୍ଲବ୍, କ୍ରୀଡ଼ାପ୍ରେମୀ, ଯୁବ ବର୍ଗ, ସ୍ଥାନୀୟ ସଚେତନ ନାଗରିକ, ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଅନେକ ବରିଷ୍ଠ ନାଗରିକ ମଧ୍ୟ ସଇଚ୍ଛାରେ ଏହି ଦୌଡ଼ରେ ଅଂଶଗ୍ରହଣ କରିଥିଲେ। 'ସମୁଦ୍ର ଓ ଦିବ୍ୟତାର ମିଳନସ୍ଥଳୀରେ ଦୌଡ଼' (Run where ocean meets the divine) ବାର୍ତ୍ତା ସହ କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଜଳପ୍ରପାତ ଓ ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ତଥା ସଂରକ୍ଷଣ ପାଇଁ ଏହି ଅବସରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମସ୍ତ ସହଯୋଗୀ ଅନୁଷ୍ଠାନ, ଅଂଶଗ୍ରହଣକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଚମ୍ପୁଆ ଏନଏସିରେ ନିମ୍ନମାନର ରାସ୍ତା ଓ ଡ୍ରେନ୍ କାମ

ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି, ଜନ ଅସନ୍ତୋଷ

ଚମ୍ପୁଆ : - ୨୮/୯(ରାମକୃଷ୍ଣ ଜିତ):-ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ହୋଇଥିବା ରାସ୍ତା ନିର୍ମାଣ ଏବଂ ଡ୍ରେନ୍ କାମ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। କାମ ଆରମ୍ଭରୁ ଠିକ୍ ଭାବରେ ତଦାରକ ନ ହେବା କାରଣରୁ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଯୋଗୁଁ କିଛି ଦିନର ବର୍ଷା କିମ୍ବା ବ୍ୟବହାର ପରେ ରାସ୍ତା ଓ ଡ୍ରେନ୍ ଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଲୋକଙ୍କ କଷ୍ଟଜର୍ଜିତ ଟିକସ ଏବଂ ସରକାରୀ ପାଣ୍ଠିର ଏପରି ଅପବ୍ୟୟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଥିବା ବେଳେ ଏହା ପଛରେ ରହିଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ନିଜେ ହିଁ ଆଗାମୀ ଦିନରେ ଫସିବେ ବୋଲି ସଚେତନ ମହଲରୁ ଚେତାବନୀ ଦିଆଯାଇଛି। ଏହି ସମସ୍ତ ନିମ୍ନମାନର କାର୍ଯ୍ୟକୁ ଦୃଷ୍ଟିରେ ରଖି ଚମ୍ପୁଆ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଘଟଣାର ଗୁରୁତ୍ୱକୁ ଅନୁଭବ କରି ତୁରନ୍ତ ବ୍ୟକ୍ତିଗତ ଭାବେ ଘଟଣାର ତଦାରକ କରିବାକୁ ସାଧାରଣରେ ଦାବି ହୋଇଛି। କେବଳ ସେତିକି ନୁହେଁ, ଯେଉଁ ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀମାନେ ଏହି ନିମ୍ନମାନର କାମ ପାଇଁ ଦାୟୀ, ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର କୋହଳ ନ ରଖି ତୁରନ୍ତ ଦୃଢ଼ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଲୋକଙ୍କ ବିକାଶ ପାଇଁ ଆସୁଥିବା ପାଣ୍ଠିକୁ ହେର୍‌ଫେର୍ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପ୍ରଶାସନ କେବେ ଦୃଢ଼ ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

୧୫ଦିନ ହେଲା ମୁଖ୍ୟମନ୍ତ୍ରୀ ବସ୍ ଗଡୁନି

ହରିଚନ୍ଦନପୁର, ୨୮/୯(ଶୂନ୍ୟରଞ୍ଜନ ଘଣା) : ହରିଚନ୍ଦନପୁର ବସ୍‌ଷ୍ଟାଣ୍ଡରୁ ୫ଟି ମୁଖ୍ୟମନ୍ତ୍ରୀ ବସ୍ ବ୍ଲକ୍‌ର ୨୩ଟି ଗ୍ରାମପଞ୍ଚାୟତର ମୁଖ୍ୟାଳୟକୁ ଯାତାୟାତ କରୁଛି। କେବଳ ଗୌଣିଘସା ଓ ଧୁରୁଡ଼ିଆମ୍ବ ପଞ୍ଚାୟତ ମୁଖ୍ୟାଳୟକୁ ବସ୍ ଯାଉନି। ଅଚଳାବସ୍ଥା ଯୋଗୁଁ ଗତ ୧୫ଦିନ ହେଲା ଦିନକୁ ଦୁଇଥର ହରିଚନ୍ଦନପୁରରୁ ବରେଇଗୋଡ଼ା ପର୍ଯ୍ୟନ୍ତ ଚାଲୁଥିବା ବସ୍‌ଟି ବନ୍ଦ ରହିଛି। ଏହି ବସ୍‌ଟି ସକାଳୁ ହରିଚନ୍ଦନପୁର ବସ୍‌ଷ୍ଟାଣ୍ଡରୁ ବାହାରି ଭଗାମୁଣ୍ଡା-ଚିଲିକିଧରା-ରେବଣାପଳାଶପାଳ-ବରେଇଗୋଡ଼ା-ସୁନାପେଣ୍ଡ ଦେଇ ହରିଚନ୍ଦନପୁରକୁ ଫେରିଥାଏ। ପରେ ଗାଡ଼ିଟି ହରିଚନ୍ଦନପୁରରୁ ବାହାରି ରେବଣାପଳାଶପାଳ-ବରେଇଗୋଡ଼ା-ଭଗାମୁଣ୍ଡା ଦେଇ ହରିଚନ୍ଦନପୁରକୁ ଆସିଥାଏ। ଅପରାହ୍ଣରେ ମଧ୍ୟ ଏହି ରାସ୍ତାରେ ବସ୍‌ଷ୍ଟି ଯାତାୟାତ କରିଥାଏ। ୧୫ଦିନ ହେଲା ବସ୍ ଚଳାଚଳ କରୁ ନଥିବାରୁ କଲେଜ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଯାତ୍ରୀ ହଇରାଣ ହେଉଛନ୍ତି। ପିଠାଗୋଳା ପର୍ଯ୍ୟନ୍ତ ଚାଲୁଥିବା ବସ୍‌ଟି ଗତ ଏକମାସ ହେଲା ଅଚଳ ହୋଇପଡ଼ିଛି। ୧୦ ଦିନ ପର୍ଯ୍ୟନ୍ତ ବସ୍‌ଟି ନଚାଲିବାରୁ ସରକାର ଅନ୍ୟ ଏକ ବସ୍ ପିଠାଗୋଳା ରୁଟ୍‌ରେ ଚଳାଇଛନ୍ତି। ବକ୍ସିବାରିଗାଁକୁ ମଧ୍ୟ ୨ଦିନ ହେଲା ବସ୍ ଗଡୁନିଙ୍କ ଥରେ ବସ୍ ଅଚଳ ହେଲେ ମରାମତି ପାଇଁ ଦୀର୍ଘ ଦିନ ଲାଗିଯାଉଛି। ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଆବଶ୍ୟକ ମରାମତି କରି ବ୍ଲକ୍‌ର ୫ଟି ରୁଟ୍‌ରେ ନିୟମିତ ବସ୍ ଚାଳଚଳ ପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

କେନ୍ଦୁଝରରେ ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ

କେନ୍ଦୁଝର:୨୮/୦୯(ଦିଲ୍ଲୀପ କୁମାର ସାହୁ) - ଜାତୀୟ ସେଚ୍ଛାକୃତ ରକ୍ତଦାନ ପକ୍ଷ ଅବସରରେ କେନ୍ଦୁଝର ଜିଲ୍ଲା ତୈଳିକବୈଶ୍ୟ ସମାଜ ପକ୍ଷରୁ ଜିଲ୍ଲା ମୁଖ୍ୟାଳୟ କେନ୍ଦୁଝରଗଡ଼ ସହରସ୍ଥିତ ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ଶତାଧିକ ୟୁନିଟ ରକ୍ତ ସଂଗ୍ରହ ହୋଇ ଜିଲ୍ଲା ରକ୍ତକେନ୍ଦ୍ରକୁ ମାନବ କଲ୍ୟାଣ ନିମନ୍ତେ ପ୍ରଦାନ କରାଯାଇଛି। ବରିଷ୍ଠ ସଦସ୍ୟ ବଳରାମ ପୃଷ୍ଟି, ସଭାପତି ବସନ୍ତ କୁମାର ସାହୁ, ବସନ୍ତ ପୃଷ୍ଟି, ପ୍ରଫୁଲ୍ଲ ସାହୁ, ଦେବ ବ୍ରତ ବେହେରା, ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିଥିଲେ ଏବଂ ସମ୍ପାଦକ ମାୟାଧର ସାହୁ ଶିବିର ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ତୈଳିକ ବୈଶ୍ୟ ସମାଜ ପରିସରରେ ଉପସ୍ଥିତରହି ରକ୍ତଦାତା ଓ ଆୟୋଜକ ମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଡାକ୍ତର ପୁରୁଷୋତ୍ତମ ମହାନ୍ତ, ରମାକାନ୍ତ ମୁଣ୍ଡା ଏବଂ ରକ୍ତଦାନ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଏତାଦୃଶ ଜନକଲ୍ୟାଣ ଏବଂ ସାମାଜିକ କାର୍ଯ୍ୟକ୍ରମ ସହରରେ ବୁଦ୍ଧିଜୀବି ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି।ଆଗାମୀ ଦିନରେ ଏ ପ୍ରକାରର ଜନହିତକର କାର୍ଯ୍ୟ ନିୟମିତ ଚାଲୁ ରହିବ ବୋଲି ତୈଳିକ ବୈଶ୍ୟ ସମାଜର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ତୈଳିକ ବୈଶ୍ୟ ସମାଜର ସମସ୍ତ ସଦସ୍ୟ ଏବଂ ସଦସ୍ୟା ବୃନ୍ଦ ଏହି ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଗାମୀ ସମୟରେ ଯେକୌଣସି ସଂସ୍ଥା ରକ୍ତଦାନ ଶିବିର କରିବେ ସେମାନଙ୍କୁ ମାଗଣାରେ ସମାଜଭବନ ଏବଂ ସମସ୍ତ ଉପକରଣ ଯୋଗାଇ ଦିଆଯିବ ତୈଳିକ ବୈଶ୍ୟ ସମାଜର ସଭାପତି ବସନ୍ତ କୁମାର ସାହୁ ଘୋଷଣା କରିଛନ୍ତି।

ବାଣ ବିସ୍ଫୋରଣରେ ବୃଦ୍ଧାଙ୍କ ମୃତ୍ୟୁ

ହରିଚନ୍ଦନପୁର,୨୮/୯(ଶୂନ୍ୟରଞ୍ଜନ ଘଣା): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଜାମୁଯୋଡି ପଞ୍ଚାୟତର ମାନପୁର ଗ୍ରାମରେ ବାଣ ବିସ୍ତାରଣ ଘଟି ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରତିମା ସାହୁ (୬୮)ବୃଦ୍ଧାଙ୍କ ବୋହୂ ଓ ବାଣ କିଣିବାକୁ ଆସିଥିବା ବ୍ୟକ୍ତି ଆହତ ହୋଇଛନ୍ତି। କୁଣ୍ଡଳପାଣି ଅଞ୍ଚଳର ଜଣେ ବ୍ୟକ୍ତି ବାଣ ନେବା ପାଇଁ ମାନପୁରସ୍ଥିତ ପ୍ରତିମା ସାହୁଙ୍କ ଘରକୁ ଆସିଥିଲେ। ପ୍ରତିମା ବାଣ ଦେଲା ବେଳେ ହଠାତ୍ ବାଣଟି ଫୁଟି ଯାଇଥିଲା। ନିଆଁ ଅନ୍ୟ ବାଣ ଓ ଗ୍ୟାସ୍ ଲିଣ୍ଡରରେ ଲାଗିଯିବାରୁ ଭୟଙ୍କର ବିସ୍ଫୋରଣ ଘଟିଥିଲା। ପ୍ରତିମାଙ୍କୁ ଗୁରୁତର ଅବସ୍ଥାରେ । ଉଦ୍ଧାର କରାଯାଇ ହରିଚନ୍ଦନପୁର ସାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସଠାରେ ମୃତ ଘୋଷଣା କରିଥିଲେ। ପ୍ରତିମାଙ୍କ ବୋହୂ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବ୍ୟକ୍ତି ଜଣକ ଫେରାର ଥିବାରୁ ପୁଲିସ ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘର ଛିନ୍ନଭିନ୍ନ ହୋଇଯାଇ ଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା। ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୁହାଯାଉଛି, ବିସର୍ଜନ ଭସାଣି ପାଇଁ ବାଣ କିଣିବାକୁ ବ୍ୟକ୍ତି ଜଣକ ଆସିଥିଲେ। ଅନ୍ୟ ଏକ ତଥ୍ୟ ଅନୁଯାୟୀ, ବ୍ୟକ୍ତି ଜଣକ ବାରହା ଶିକାରରେ ବ୍ୟବହୃତ ବାଣ କିଣିବାକୁ ଆସିଥିଲେ। ଅସାବଧାନତା ବଶତଃ ବାଣ ଫୁଟି ଯିବାରୁ ଅନ୍ୟ ବାଣ ଗୁଡିକରେ ନିଆଁ ଲାଗିଯାଇଥିଲା। ତେବେ ବିସ୍ଫୋରଣର ପ୍ରକୃତ କାରଣ, ବାଣ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟର ପର୍ଦ୍ଦାଫାସ କରିବାକୁ ପୁଲିସ ତଦନ୍ତ ଜାରୀ ରଖିଛି।

ବିଶ୍ୱନାଥ ହତ୍ୟା ଅଭିଯୁକ୍ତକୁ ତାମିଲନାଡୁରୁ ଗିରଫ

ହାଟଡିହି:୨୮/୯ ଅମୀୟ ବରାଳ - କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବଡରମ୍ପାସ ଗ୍ରାମର ବନ୍ଧକ ସୁନା ଫେରସ୍ତକୁ ନେଇ ଜଣେ ବ୍ୟକ୍ତିକୁ ସଂଗଠିତ ଭାବେ ହତ୍ୟାର ଅନ୍ୟ ଅଭିଯୁକ୍ତକୁ ବହୁଦିନ ପରେ ତାମିଲନାଡୁରୁ ଗିରଫ କରିଛି ନନ୍ଦିପଦା ପୋଲିସ୍। ଖବରରୁ ଜଣାପଡିଛି ଯେ ବଡରମ୍ପାସ ଗ୍ରାମର ବିଶ୍ୱନାଥ ଓଝା ସେହି ଗ୍ରାମର ରମାମଣୀ ପହିଙ୍କ ପାଖରେ ସୁନା ବନ୍ଧକ ରଖି ସୁଦ୍ଧ ଆକାରରେ ଟଙ୍କା ଧାର ନେଇଥିଲେ। କିଛି ବର୍ଷ ପରେ ବିଶ୍ୱନାଥ ଟଙ୍କା ଫେରାଇ ସୁନା ଫେରସ୍ତ କରିବାକୁ ରମାମଣିକୁ କହିଥିଲେ। କିନ୍ତୁ ରମାମଣୀ ବିଭିନ୍ନ ପ୍ରକାରର ବାହାନା କରି ଟଙ୍କା ନେଇ ସୁନା ଫେରାଇବା ପାଇଁ ରାଜି ହୋଇ ନ ଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ କଳି ଝଗଡ଼ା ପରେ ବଚସା ହୋଇଥିଲା।ରମାମଣୀଙ୍କ ସମ୍ପର୍କୀୟ ସଂଗଠିତ ଭାବେ ବିଶ୍ୱନାଥକୁ ଲୁହା ରଡ୍ ରେ ଆକ୍ରମଣରେ କରିଥିଲେ।ବିଶ୍ୱନାଥର ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ବିଶ୍ୱନାଥକୁ ପ୍ରଥମେ ଆନନ୍ଦପୁର ଚିକିତ୍ସାଳୟ ଓ ପରେ କଟକ ରେଫର କରାଯାଇଥିଲା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବିଶ୍ୱନାଥଙ୍କ ଧର୍ମ ପତ୍ନୀ କାଞ୍ଚନ ଓଝା ନନ୍ଦିପଦା ଥାନାରେ ଅଭିଯୋଗ କ୍ରମେ କେଶ୍ ରୁଜୁ ହୋଇଥିଲା। ପୂର୍ବରୁ ଏଥିରେ ସମ୍ପୃକ୍ତ ୪ ଜଣଙ୍କ ମଧ୍ୟରୁ ରମାମଣି ଓ ସ୍ୱାମୀ ହରେକୃଷ୍ଣଙ୍କ ସହିତ ପୁଅ ପ୍ରଦିପ ପହି ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ବ୍ରହ୍ମାନନ୍ଦ ଜେନା ଘଟଣା ଦିନଠାରୁ ଫେରାର ହେବା ସହ ସୁଦୂର ତାମିଲନାଡୁରେ ଲୁଚି ରହିଥିଲେ। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ବଳିଆ ବାରିକ ପ୍ରମୁଖଙ୍କ ଏକ ସତନ୍ତ୍ର ଟିମ୍ ତାମିଲନାଡୁର ଏକ ସୁତାକଳରୁ ବ୍ରହ୍ମାନନ୍ଦକୁ ଗିରଫ କରିବାରେ ସଫଳ ହୋଇଛି।

ଶାରୀରିକ ସମ୍ପର୍କ ରଖି ଯୁବତୀଙ୍କୁ ପ୍ରତାରଣା, ଯୁବକଙ୍କୁ ୧୦ ବର୍ଷ ଜେଲ୍

ହରିଚନ୍ଦନପୁର : ୨୮/୦୯ (ଶୂନ୍ୟରଞ୍ଜନ ଘଣା)ପିତାମାତା ନ ଥିବା ଜନଜାତି ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ କେନ୍ଦୁଝର ଅତିରିକ୍ତ ଦୌରାଜଜ ଜଣେ ଯୁବକଙ୍କୁ ୧୦ବର୍ଷ ସଶ୍ରମ ଜେଲ୍ ସହିତ ୧୦ହଜାର ଟଙ୍କା ଜୋରିମାନା ରାୟ ଦେଇଛନ୍ତି। ପୀଡ଼ିତାଙ୍କୁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୮ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଜୋରିମାନା ଅନାଦେୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଅଭିଯୁକ୍ତ ଭୋଗିବେ ବୋଲି ରାୟରେ ରେ ଉଲ୍ଲେଖ ରହିଛି। କେନ୍ଦୁଝର ଜିଲା ଦୈତାରୀ ଥାନା ଅନ୍ତର୍ଗତ ଏକ ଗ୍ରାମରେ ପିତାମାତା ନଥିବା ଜନଜାତି ଯୁବତୀ ତାଙ୍କ ଭାଇଙ୍କ ସହ ରହୁଥିବାବେଳେ ସେଠାରେ କଟକ ଜିଲାର ଟାଙ୍ଗୀ ଅଞ୍ଚଳରୁ ଆସି ରହୁଥିବା କୁଶଭଦ୍ର ମହାରଣା ଓରଫ କୁଶିଆ ୨୦୨୫ ମସିହା ଜାନୁୟାରୀ ୧୫ତାରିଖ ଦିନ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ପରେ କ୍ରମାଗତ ଭାବରେ ସେ ଶାରିରୀକ ସମ୍ପର୍କ ରଖି ଚାଲିଥିବାବେଳେ ପୀଡ଼ିତା ଗର୍ଭବତୀ ମଧ୍ୟ ହୋଇଥିଲେ। ଏହାପରେ ଯୁବକଙ୍କ ପ୍ରତାରଣା ସହି ନ ପାରି ୨୦୨୫ମସିହା ମେ ୨୫ତାରିଖରେ ପୀଡ଼ିତା ଆତ୍ମହତ୍ୟାକରିବାକୁ ଯାଉଥିବାବେଳେ ତାଙ୍କ ଭାଇ ଗାଁ ଲୋକଙ୍କୁ ଜଣାଇଥିଲେ। ପରେ ସେମାନେ କୋର୍ଟରେ ବିବାହ କରିଥିଲେ ମଧ୍ୟ ଅଭିଯୁକ୍ତ ପ୍ରତାରଣା କରି ପୀଡ଼ିତାଙ୍କୁ ଗ୍ରହଣ ନ କରିବା ଅଭିଯୋଗରେ ୨୦୨୫ମସିହା ସେପ୍ଟେମ୍ବର ୨୭ ତାରିଖରେ ଏକ ଅଭିଯୋଗ ଦାଖଲ ହୋଇଥିଲା। ଦୈତାରୀ ପୁଲିସ ଭାରତୀୟ ନ୍ୟାୟ ସଂହିତାର ରୁଜୁ କରିଥିଲେ। ଏହି ମାମଲାରେ ୧୫ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ସତନ୍ତ୍ର ପିପି ପତିତପାବନ ନାଥ ମାମଲା ପରିଚାଳନା କରୁଥିଲେ। ଦୈତାରୀ ଥାନାର ଇନ୍ସପେକ୍ଟର ହୃଷିକେଶ ବ

କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ

କେସିଙ୍ଗା, ୨୮।୯ (ଅକ୍ଷର ଓଡ଼ିଶା): କେସିଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ବିଶ୍ୱ ଜଳାତଙ୍କ ଦିବସ୨୦୨୬ ସଚେତନତାମୂଳକ କାର୍ଯ୍ୟକ୍ରମ ଭାବେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ କେସିଙ୍ଗା ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ସୌମ୍ୟ ରଞ୍ଜନ ଦାଶ ଯୋଗଦେଇ ରେବିଜ୍‌ର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ପଶୁ କାମୁଡ଼ା ପରେ ତୁରନ୍ତ ନେବାକୁ ଥିବା ପଦକ୍ଷେପ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ବିଶେଷକରି କୁକୁର, ବିଲେଇ ଭଳି ପଶୁଙ୍କ କାମୁଡ଼ାରୁ ରେବିଜ୍ ସଂକ୍ରମଣର ଆଶଙ୍କା ଥିବାରୁ ସତର୍କତା

ଅବଲମ୍ବନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପଶୁ କାମୁଡ଼ିଲେ ଭୟଭୀତ ନହୋଇ କ୍ଷତସ୍ଥାନକୁ ତୁରନ୍ତ ସାବୁନ ଓ ପ୍ରବାହିତ ପାଣିରେ ଭଲଭାବେ ଧୋଇବା, ବିଳମ୍ବ ନକରି ଚିକିତ୍ସା କେନ୍ଦ୍ରକୁ ଯିବା ଏବଂ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ରେବିଜ୍ ପ୍ରତିଷେଧକ ଟିକା ନେବାର ଆବଶ୍ୟକତା ବିଷୟରେ ସେ ବୁଝାଇଥିଲେ । ଏଥିସହ ରାସ୍ତାରେ ବୁଲୁଥିବା ପଶୁଙ୍କ ନିକଟକୁ ଅସାବଧାନତାରେ ନଯିବା ଏବଂ ସେମାନଙ୍କ ପ୍ରତି ଦାୟିତ୍ୱଶୀଳ ଆଚରଣ କରିବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମରେ ଛାତ୍ରୀମାନେ ‘ରେବିଜ୍‌ମୁକ୍ତ ସମାଜ’ ଗଠନ ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରାଣୀ ଜନ ନିରୀକ୍ଷକ ଶରତଚନ୍ଦ୍ର ପ୍ରହରାଜ ଜଳାତଙ୍କ ପ୍ରତିରୋଧରେ ସଚେତନତା, ଦାୟିତ୍ୱଶୀଳ ପଶୁ ଯତ୍ନ ଓ ସମୟୋପଯୋଗୀ ଚିକିତ୍ସାର ଗୁରୁତ୍ୱ ଉପରେ ମତ ରଖିଥିଲେ । ପରେ ଛାତ୍ରୀମାନଙ୍କୁ ରେବିଜ୍ ସଚେତନତା ସମ୍ପର୍କିତ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମକୁ ନବମ ଶ୍ରେଣୀର ଛାତ୍ରୀ ଶୁଚିସ୍ମିତା କୁମାର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ୟୁଥ୍ ଓ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ସଚେତନତା ବାର୍ତ୍ତା ଓ ଶପଥ ପାଠ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

ଖଡ଼ିଆଳ ବାଦୀ ବଗିଚାଠାରେ ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବ ଅନୁଷ୍ଠିତ

ନୂଆପଡା ୨୮/୦୯(ଅକ୍ଷର ଓଡିଶା) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବାଦୀ ବଗିଚା ଠାରେ ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବ ଅନୁଷ୍ଠିତ,ହୋଇଯାଇଅଛି । ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିବା ବେଳେ ଭାରତୀୟ ଜନତା ପାର୍ଟି ର ୧୮ କୋଟି ର ସଦସ୍ୟ ସଦସ୍ୟା ପରିବାର ବିଶିଷ୍ଟ ପରିବାର ଥିବା ବେଳେ ମୋଦିଙ୍କ ନିତିରେ ବିକଶିତ ଭାରତ ବିକଶିତ ରାଷ୍ଟ୍ର ଗଠନ ଅନୁପ୍ରାଣିତ ହୋଇ ଯୋଗଦାନ କରିଛନ୍ତି । ଖଡ଼ିଆଳ ଏନଏସି ୱାର୍ଡ ନମ୍ବର ୦୪ ସୁଚିସ୍ମିତା ମହାରଣା ସଦସ୍ୟା ସହ ବାଦୀ ସରପଞ୍ଚ ରୀନା ପାଣ୍ଡେଙ୍କ ସମେତ ୱାର୍ଡ ସଭ୍ୟ

ସଭ୍ୟ ଯୋଗଦାନ କରିଛନ୍ତି। ଏହି ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବରେ ଜିଲ୍ଲା ବିଜେପି ସଭାପତି କମଳେଶ ଦୀକ୍ଷିତ, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ୍ ଚଲାନ, ତୁଳସ ପଟେଲ, ଖଡ଼ିଆଳ ନଗର ଅଧକ୍ଷା ଉଜ୍ଜଳ ଗୁପ୍ତା, ଦେବ ଦେବ ସିଂ ଦେଓ, ପୁଷ୍ପାଞ୍ଜଳି ପାଣ୍ଡେ, ବାଳକୃଷ୍ଣ ଶବର ପ୍ରମୁଖ ମଞ୍ଚାସିନ ହୋଇଥିଲେ ।

ସନ୍ତୁପଡା ପଞ୍ଚାୟତ ଆକାଉଣ୍ଟାଣ୍ଟ ହତ୍ୟାକାଣ୍ଡ ଘଟଣା

ସ୍ତ୍ରୀ ସହ ପୁରୁଷ ବନ୍ଧୁ ଗିରଫ

ବନ୍ତଳା (୨୮/୦୯(ଅକ୍ଷର ଓଡିଶା)ଅନୁଗୋଳ ଜିଲ୍ଲା କୋଲିୟରୀ ଥାନା ଅଧୀନ ଡେରା ଅଞ୍ଚଳରେ ସୁଧୀର ଓରଫ ସୁରେନ୍ଦ୍ର କୁମାର ବାରିକଙ୍କ ମୃତ୍ୟୁ ଘଟଣାର ତଦନ୍ତ କରି ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଜିପୁନ ଓରଫ ସିଦ୍ଧାନ୍ତ ମାଝୀ ଓ ପୂଜା ଓରଫ ସୁସ୍ମିତା ବାରିକ ।ପୋଲିସ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୪ ତାରିଖରେ ଡେରାସ୍ଥିତ ଏକ ଭଡ଼ା ଘର ତଳୁ ସୁରେନ୍ଦ୍ରଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା । ପ୍ରାଥମିକ ଭାବେ ସେ ଛାତରୁ ଖସିପଡ଼ିଥିବା ସନ୍ଦେହ କରାଯାଇଥିଲା । ତେବେ ତଦନ୍ତ ସମୟରେ ଘରେ ଲାଗିଥିବା

ସିସିଟିଭି ର ତାର କଟାଯାଇଥିବା ଜଣାପଡ଼ିବା ପରେ ଘଟଣାକୁ ନେଇ ପୋଲିସ ର ସନ୍ଦେହ ବଢ଼ିଥିଲା । ତଦନ୍ତରୁ ମିଳିଥିବା ତଥ୍ୟ ଆଧାରରେ ଏହା ପୂର୍ବପରିକଳ୍ପିତ ହତ୍ୟା ହୋଇଥିବା ପୋଲିସ ପ୍ରାଥମିକ ଭାବେ କହିଛି । ପୋଲିସ ର ଅଭିଯୋଗ ଅନୁସାରେ, ମୃତକଙ୍କ ପତ୍ନୀ ପୂଜା ଓରଫ ସୁସ୍ମିତା ବାରିକ ଓ ଜିପୁନ ଓରଫ ସିଦ୍ଧାନ୍ତ ମାଝୀଙ୍କ ମଧ୍ୟରେ ସମ୍ପର୍କ ଥିବା ଏବଂ ମୃତକ ସେମାନଙ୍କ ସମ୍ପର୍କରେ ବାଧକ ହୋଇଥିବାରୁ ହତ୍ୟା ଯୋଜନା କରାଯାଇଥିଲା ।ପୋଲିସ ତଦନ୍ତ ଅନୁଯାୟୀ, ପ୍ରଥମେ ସିସିଟିଭିକୁ ଅଚଳ କରାଯାଇଥିଲା । ପରେ ଜିପୁନ ଘର ଭିତରକୁ ପ୍ରବେଶ କରି ଛପି ରହିଥିଲା । ବିଳମ୍ବିତ ରାତିରେ ମିଛ ବାହାନା କରି ସୁରେନ୍ଦ୍ରଙ୍କୁ ଛାତ ଉପରକୁ ସ୍ତ୍ରୀ ନେଇଯିବା ପରେ ବାଉଁଶ ବାଡ଼ିରେ ଆକ୍ରମଣ କରିବା ପରେ ତଳକୁ ଫିଙ୍ଗି ଦେଇ ହତ୍ୟା ଘଟଣାକୁ ଦୁର୍ଘଟଣା କିମ୍ବା ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରା ଯାଇଥିଲା । ତଦନ୍ତ ବେଳେ ଜିପୁନଙ୍କ ନିକଟରୁ ବାଉଁଶ ବାଡ଼ି, ସିସିଟିଭି ତାର କାଟିବାରେ ବ୍ୟବହୃତ ହୋଇଥିବା ଛୁରୀ, ଲୁହା ରଡ୍, ପୋଷାକ, ମୋବାଇଲ ଫୋନ ଓ ଏକ ମୋଟରସାଇକେଲ ଜବତ କରାଯାଇଛି । ସେହିପରି ପୂଜାଙ୍କ ନିକଟରୁ ପୋଷାକ ଓ ଡିଜିଟାଲ ଫରେନସିକ୍ ପରୀକ୍ଷା ପାଇଁ ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ, ଜବତ ସାମଗ୍ରୀର ଫରେନସିକ୍ ଓ ଜୈବିକ ପରୀକ୍ଷା, ମୋବାଇଲ ଫୋନର ଡିଜିଟାଲ ଫରେନସିକ୍ ରିପୋର୍ଟ ଏବଂ ଅନ୍ୟ ଇଲେକ୍ଟ୍ରୋନିକ୍ ପ୍ରମାଣ ଆଧାରରେ ଘଟଣାର ସମ୍ପୂର୍ଣ୍ଣ ଶୃଙ୍ଖଳା ଯାଞ୍ଚ ପାଇଁ ତଦନ୍ତ ଜାରି ରହି ଥିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ଆଠଗଡ଼ରେ ବିଶ୍ୱ ଜଳାତଙ୍କ ଦିବସ-୨୦୨୬ ପାଳିତ

ଆଠଗଡ଼, ୨୮/୯(ଅକ୍ଷର ଓଡ଼ିଶା) : ଓଡ଼ିଶା ସରକାରଙ୍କ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ଚଳିତ ବର୍ଷ ସେପ୍ଟେମ୍ବର ୨୮ ତାରିଖ ଦିନ ଓଡ଼ିଶାର ସମସ୍ତ ବ୍ଲକରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି । ଏହି କ୍ରମରେ ଚଳିତ ବର୍ଷ ସେପ୍ଟେମ୍ବର ୨୮ ତାରିଖ ଦିନ ଆଠଗଡ଼ ବ୍ଲକର ମୋଟ ୧୦ ଗୋଟି ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ଜଳାତଙ୍କ ରୋଗର ଭୟାବହତା ଓ ଏହାର ପ୍ରତିକାର ବିଷୟରେ ସଚେତନ କରାଯାଇଛି ।ଚଳିତ ବର୍ଷର ବିଷୟବସ୍ତୁ ରହିଛି ‘ଏକତା ହିଁ ଶକ୍ତି’ । ବିଭିନ୍ନ ସାମାଜିକ ସଂଗଠନ, ପ୍ରାଣୀଚିକିତ୍ସକ, ସାସ୍ଥ୍ୟକର୍ମୀ, ଗ୍ରାମ ପ୍ରଶାସନ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ତଥା ବିଶ୍ୱସ୍ତରୀୟ ସହଯୋଗ ମାଧ୍ୟମରେ ପ୍ରତ୍ୟେକ ଜଳାତଙ୍କ ରୋଗକୁ ରୋକାଯାଇ ପାରିବ ଓ ପ୍ରତିବର୍ଷ କୁକୁର କାମୁଡ଼ାରୁ ଜଳାତଙ୍କ ରୋଗରେ ମୃତ୍ୟୁବରଣ କରୁଥିବା ମାନବ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇ ପାରିବ ।ସୋମବାର ଦିନ ଆଠଗଡ଼ ବ୍ଲକରେ ଥିବା ୧୦ ଗୋଟି ଉଚ୍ଚବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ-୨୦୨୬ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା ।ଏଥିରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ବାରିକ, ପ୍ରାଣୀ ଚିକିତ୍ସକ ଡା. ମନୀଷା ଦାସ, ଡା. ଶୁଭଶ୍ରୀ ନାୟକ, ଡା. ହେମକାନ୍ତ ସାହୁ, ଡା. ମୋନାଲିସା ସାମଲ ପ୍ରମୁଖ ବିଭିନ୍ନ ଉଚ୍ଚବିଦ୍ୟାଳୟକୁ ଯାଇ ଜଳାତଙ୍କ ରୋଗର ଲକ୍ଷଣ ଓ ନିରାକରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଶିକ୍ଷକବୃନ୍ଦ ସହଯୋଗ କରିଥିଲେ ।

ନଶା ବିରୋଧୀ ଅଭିଯାନରେ ସୁବର୍ଣ୍ଣପୁର ପୋଲିସର ବଡ଼ ସଫଳତା

ସୁବର୍ଣ୍ଣପୁର,୨୮/୦୯(ପବିତ୍ର ସିଂ ବରିହା): ନଶାମୁକ୍ତ ଓଡ଼ିଶା ଅଭିଯାନ ଏବଂ ‘ଦମନ’ ମିଶନ୍ ଅଧୀନରେ ସୁବର୍ଣ୍ଣପୁର ପୋଲିସ ପକ୍ଷରୁ ନଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ଚଢ଼ାଉ ଜୋରଦାର କରାଯାଇଛି । ସେପ୍ଟେମ୍ବର ୨୭ ତାରିଖରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ପୋଲିସ ବିପୁଳ ପରିମାଣର ଗଞ୍ଜେଇ, କଫ୍ ସିରପ୍, ଯାନବାହନ ଓ ନଗଦ ଟଙ୍କା ଜବତ କରିଛି ।ସୋନପୁର ଥାନା ଅନୁଯାୟୀ ୪୧.୧୫ କେଜି ଗଞ୍ଜେଇ, ୩୮୦ ବୋତଲ କଫ୍ ସିରପ୍, ଗୋଟିଏ ଏୟାର ପିସ୍ତଲ, ଗୋଟିଏ ସିଫ୍ଟ ଡିଜାୟର କାର୍, ଗୋଟିଏ ପଲସର ମୋଟରସାଇକେଲ ଏବଂ ନଗଦ ୧ ଲକ୍ଷ ୧୯ ହଜାର ଟଙ୍କା ଜବତ ହୋଇଛି । ଏହି ମାମଲାରେ ଜନମୁରାର ରାଜେଶ ମିଶ୍ର (୩୦) ଏବଂ ଉତ୍ତରପ୍ରଦେଶର କରଣ ପ୍ରସାଦ (୨୧)ଙ୍କୁ ଗିରଫ କରାଯାଇଛି ।ଉଲୁଣ୍ଡା ଥାନା ଅନୁଯାୟୀ ୨୨.୫୮ କେଜି ଗଞ୍ଜେଇ ଏବଂ ଗୋଟିଏ ଟୋୟୋଟା କାର୍ ଜବତ କରାଯାଇଛି । ଗଞ୍ଜେଇ ବୋଝେଇ କାର୍‌ଟିକୁ ଉଲୁଣ୍ଡା ଅଞ୍ଚଳର ଜଙ୍ଗଲ ମଧ୍ୟରେ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ପୋଲିସ ସେମାନଙ୍କୁ ଚିହ୍ନଟ କରିଥିବା ବେଳେ ଗିରଫ ପାଇଁ ପଦକ୍ଷେପ ଜାରି ରହିଛି ।ସୁବର୍ଣ୍ଣପୁର ପୋଲିସର ସୂଚନା ଅନୁଯାୟୀ, ଉକ୍ତ ଅଭିଯାନରେ ସମୁଦାୟ

୧.୪୬ କ୍ୱିଣ୍ଟାଲ ଗଞ୍ଜେଇ, ୩୮୦ ବୋତଲ କଫ୍ ସିରପ୍ ଜବତ, ୫ ଗିରଫ

୧.୪୬ କ୍ୱିଣ୍ଟାଲ ଗଞ୍ଜେଇ, ୩୮୦ ବୋତଲ କଫ୍ ସିରପ୍, ଗୋଟିଏ ଏୟାର ପିସ୍ତଲ, ୩ଟି ଚାରିଚକିଆ ଯାନ, ଗୋଟିଏ ଦୁଇଚକିଆ ଯାନ ଏବଂ ୧ ଲକ୍ଷ ୩୯ ହଜାର ଟଙ୍କା ନଗଦ ଜବତ କରାଯାଇଛି । ଘଟଣାଗୁଡ଼ିକରେ ମୋଟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତକୁ ପଠାଯାଉଛି । ନଶାଦ୍ରବ୍ୟ ଚୋରାଚାଲାଣ ଓ ବେଆଇନ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

ବୁଗୁଡ଼ା ସହରରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି, ପ୍ରତିକାର ଦାବି

ବୁଗୁଡ଼ା, ୨୮ /୦୯(ଅକ୍ଷର ଓଡିଶା) : ବୁଗୁଡା ସହରରେ ଦିନକୁ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ସାହି ଏବଂ ଗଳିକନ୍ଦିରେ ଦଳ ଦଳ ବୁଲା କୁକୁର ଘୁରି ବୁଲୁଛନ୍ତି । ଏହା ସହିତ ରାସ୍ତା ଉପରେ ଦଳ ଦଳ ଗଈଗୋରୁଙ୍କ ଅବାଧ ଚଳାଚଳ ମଧ୍ୟ ଯାତାୟାତ ବ୍ୟବସ୍ଥାକୁ ବିପଦସଂକୁଳ କରି ଦେଇଛି । ବୁଲା କୁକୁର ଓ ଗାଈଗୋରୁଙ୍କ ଯୋଗୁଁ ଅନେକ ସମୟରେ ରାସ୍ତାରେ ଦୁର୍ଘଟଣାର ଆଶଙ୍କା ସୃଷ୍ଟି ହେଉଛି । ବିଶେଷ କରି ଦୁଇଚକିଆ ଯାନ ଚାଳକ , ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣକାରୀ ଅଧିକ ଅସୁବିଧାରେ ପଡୁଛନ୍ତି ।

ହଠାତ୍ କୁକୁର ରାସ୍ତା ଉପରକୁ ଚାଲିଆସିବା କିମ୍ବା ଯାନବାହନ ପଛରେ ଦୌଡିବା ଯୋଗୁଁ ଦୁର୍ଘଟଣାର ଭୟ ଲାଗି ରହୁଛି । ଏପରିକି ପ୍ରାତଃଭ୍ରମଣ ଓ ସନ୍ଧ୍ୟାଭ୍ରମଣ ପାଇଁ ବାହାରୁଥିବା ବୟସ୍କ ପୁରୁଷ ଓ ମହିଳାମାନେ ଦଳ ଦଳ ବୁଲା କୁକୁରଙ୍କ ସମ୍ମୁଖୀନ ହୋଇ ଭୟଭୀତ ହେଉଛନ୍ତି । ଛୋଟ ପିଲାମାନେ ଏକାକୀ ରାସ୍ତାରେ ଯିବାକୁ ମଧ୍ୟ ଅଭିଭାବକମାନେ ଭୟ କରୁଥିବା ଅଭିଯୋଗ ହେଉଛି । ଏପରି ସ୍ଥିତିରେ ବୁଗୁଡା ଏନ୍‌ଏସି ପ୍ରଶାସନ ପକ୍ଷରୁ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ କୌଣସି ପଦକ୍ଷେପ ନିଆଯାଉନଥିବା ଯୋଗୁଁ ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସୁପ୍ରିମକୋର୍ଟର ନିର୍ଦ୍ଦେଶ ପ୍ରକାରେ ନିୟମିତ ଭାବେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ , ଟିକାକରଣ ଓ ମାନବିକ ଉପାୟରେ ପରିଚାଳନା ନେଇ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି ହେଉଛି । ଅନ୍ୟପକ୍ଷରେ ଗତ କିଛି ମାସ ମଧ୍ୟରେ ସହରରେ ହଠାତ ବୁଲା କୁକୁରଙ୍କ ସଂଖ୍ୟା ବଢିଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ପଡୋଶୀ ଅଞ୍ଚଳରୁ ଗାଡି ଯୋଗେ କୁକୁର ଆଣି ସହର ନିକଟରେ ଛାଡି ଦିଆଯାଉଥିବା ନେଇ କେତେକ ମହଲରେ ଅଭିଯୋଗ ହେଉଛି ।

ଖରିଡ଼ା ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି

ହିଞ୍ଜିଳିକାଟୁ :୨୮/୯(ଅବନି କାନ୍ତ ପଟ୍ଟନାୟକ) ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ଖରିଡ଼ା ଗ୍ରାମ ପଞ୍ଚାୟତରେ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଜନ ଶୁଣାଣିରେ ସର୍ବମୋଟ ୦୬ ଟା ଅଭିଯୋଗ ଦାଖଲ ହୋଇଛି ।ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସରକାରୀ ସୁବିଧାରୁ ବଞ୍ଚିତ ରହିଥିବା ହିତାଧିକାରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ପ୍ରତେକ ବ୍ଲକ୍ ର ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ହିଞ୍ଜିଳି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ସମସ୍ତ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇସାରିଛି ଏବଂ ବଞ୍ଚିତ ରହିଯାଇଥିବା ହିତାଧିକାରୀ ମାନଙ୍କ ପାଇଁ ପର୍ଯ୍ୟାୟ କ୍ରମେ ସମସ୍ତ ଗ୍ରାମ ପଞ୍ଚାୟତରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ସମସ୍ତ ପଞ୍ଚାୟତରେ ପୂର୍ବ ଅପେକ୍ଷା ଅଭିଯୋଗ ସଂଖ୍ୟା ବହୁତ୍ କମ୍ ଦେଖଇବାକୁ ମିଳୁଛି । ଆଜିର କାର୍ଯ୍ୟକ୍ରମ କୁ ଖରିଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଣୀ ଗୋମାଙ୍ଗୋ ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୂରଜ ନାୟକ ବେହେରା,ହିଞ୍ଜିଳିକାଟୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ପାଢ଼ୀ, ସ୍ଥାନୀୟ ସରପଞ୍ଚ ପାର୍ବତୀ ଗୌଡ. ,ହିଞ୍ଜିଳିକାଟୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ ଆଦି ପ୍ରମୁଖଙ୍କ ସହ ସମସ୍ତ ବ୍ଲକ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ଓ ଅଭିଯୋଗକୁ ଶୁଣିଥିଲେ ।

ଓଲାଭର ମେଡିକାଲକୁ ଆସିବେ ସ୍ଥାୟୀ ଡାକ୍ତର

ରାଜକନିକା ୨୮/୯/(ନୁରେଇ ଖାନ) କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅଧୀନ ଓଲାଭର ସରକାରୀ ଡାକ୍ତର ଖାନା ଗତ ୨୪ ଠାରୁ ପ୍ରତି ଦିନ ସପ୍ତାହ କୁ ପାଞ୍ଚଦିନ ପ୍ରତ୍ୟକ ବିଭାଗ ର ଡାକ୍ତର ଆସିବେ. ଖୁସିର ଖବର ଦୁଇ ହଜାର ମସିହାରୁ ଅବହେଳିତ ଏଇ ଡାକ୍ତରଖାନାକୁ ଡାକ୍ତରଙ୍କ ସହ ଅନ୍ୟ କର୍ମଚାରୀ ଆସୁନଥିଲେ. ମାତ୍ର

ନିରବଚ୍ଛିନ୍ନ ଭାବେ ଗଣମାଧ୍ୟମ ରେ ଖବର ହେବା ପରେ ଏହି ନିଷ୍ପତି ହେବା ସହ ଅକ୍ଟୋବର ମାସ ଦଶ ତାରିଖ ସୁଦ୍ଧା ଏମାନଙ୍କ ସହ ଆଉ ଜଣେ ରେଗୁଲାର ବା ସ୍ଥାୟୀ ଡାକ୍ତର ନିଶ୍ଚିତ ଆସିବେ ବୋଲି ଏକ ନିର୍ଭର ଯୋଗ୍ୟ ସୂତ୍ର ରୁ ଜଣା ପଡିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଶ୍ରୀମତୀ ନମିତା ପଟନାୟକ ଓ ଲୋକ କଲ୍ୟାଣ ରେ କାର୍ଯ୍ୟକରୁଥିବା ଜିଲ୍ଲାପାଳ ରଘୁରାମ ଆୟାର ଙ୍କୁ ଅବିଭକ୍ତ ଓଲାଭର ବାସୀ କୃତଜ୍ଞତା ଜଣାଇବା ସହ ନୂଆ ଅନୁମୋଦିତ ପି. ଏଚ. ସି କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଅନୁରୋଧ କରାଯାଇଛି ।

କାଲିମେଳା ପଞ୍ଚାୟତ ସମିତିଠାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ, ୧୧୩ଟି ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ମାଲକାନଗିରି--୨୮/୦୯/(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା କାଲିମେଳା ପଞ୍ଚାୟତ ସମିତି ପରିସରରେ ଜିଲ୍ଲାପାଳ ପ୍ରଥମେ

ବ୍ଲକ ସ୍ତରୀୟ ଫୁଟବଲ ଚୟନ ଶିବିର ଉଦ୍‌ଯାପିତ

ବଲାଙ୍ଗିର୨୮/୦୯ (ଦେବେନ୍ଦ୍ର ପୋଡ) : ଟିଟିଲାଗଡ଼ ବ୍ଲକ ସିହିନୀ ଫଚାୟତ ପିଏମ ଶ୍ରୀ ସରକାରୀ ଉନ୍ନୀତ ହାଇସ୍କୁଲ ଖେଳ ପଡିଆରେ ବ୍ଲକ ସ୍ତରୀୟ ଫୁଟବଲ ଖେଳାଳି ଚୟନ ପ୍ରକ୍ରିୟା ଉଦଯାପିତ ହୋଇଛି. ଉଦ୍ଯାଟନୀ ଉତ୍ସବରେ ସିହିନୀ ହାଇସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସରିତା ବରିହା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ବ୍ଲକ କ୍ରୀଡା ସଂଗଠନ ର ସମ୍ପାଦକ ଦନାର୍ଦନ ପାଣ୍ଡେ ଯୋଗ ଦେଇଥିଲେ. ଏହି ପ୍ରତିଯୋଗିତାରେ ଅଣ୍ଡର ୧୭ ବର୍ଷ ଦଳରେ ଛାତ୍ରୀ ଓ ଛାତ୍ରଦଳ ରୁ ଚାରୋଟି ଲେଖାଏ ଦଳ ଭାଗ ନେଇଥଲେ. ଅଣ୍ଡର ୧୪ ବର୍ଷ ରେ ଚାରୋଟି ଛାତ୍ର ଦଳ ଭାଗ ନେଇଥିଲେ. ଏଠାରୁ ମନୋନୀତ ହୋଇଥିବା ଉଭୟ ଛାତ୍ରୀ ଓ ଛାତ୍ର ଦଳ ଆସନ୍ତା ୧. ୧୦. ୨୦୨୬. ରୁ ଲୋଇସିହା ଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ.ବରିଷ୍ଠ କ୍ରୀଡା ଶିକ୍ଷକ ରାଜେଶ ସାଇଁ ଙ୍କ ତତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ପ୍ରିତମ ନାୟକ, ଚୈତନ୍ୟ ଠେଲା, ଶମ୍ବୁ ପ୍ରସାଦ ଦୀପ, ଅଭିଷେକ ନାଗ, ବ୍ରଜବନ୍ଧୁ ଟାକରି, ପାଣ୍ଡବ ବିଶି ପ୍ରମୁଖ ପରିଚାଳନା କରିଥିଲେ ।

ମହେନ୍ଦ୍ରତନୟା ନଦୀରେ କୁମ୍ଭୀର ଆତଙ୍କ

ପାରଳାଖେମୁଣ୍ଡି ୨୮/୦୯ (ତାରିଣୀ ପ୍ରସାଦ ପଣ୍ଡା) : ଗଜପତି ଜିଲ୍ଲାର ବାଘଶାଳା-ଯୁବରାଜପୁର ଅଞ୍ଚଳରେ ବୋହି ଯାଉଥିବା ମହେନ୍ଦ୍ରତନୟା ନଦୀରେ କୁମ୍ଭୀର ବୁଲୁଥିବା ନେଇ ଖବର ପ୍ରଚାର ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ନଦୀରେ କୁମ୍ଭୀର ଦେଖାଯାଇଥିବା ନେଇ ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ସ୍ଥାନୀୟ ବନବିଭାଗ କର୍ମଚାରୀ ଗ୍ରାମରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି । ବନବିଭାଗ ପକ୍ଷରୁ ମାଇକ୍ ଯୋଗେ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ନଦୀକୁ ନଯିବା ପାଇଁ ସତର୍କ କରାଯାଇଛି ।

ବାଲିଗୁଡ଼ା ବ୍ଲକ ସ୍ତରୀୟ ଖେଳ କୁଦ ଖେଳାଳି ଚୟନ

ଫୁଲବାଣୀସଦର, ୨୮/୦୯:(ଅକ୍ଷର ଓଡିଶା) କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ବାଲିଗୁଡ଼ା ବ୍ଲକ ସ୍ତରୀୟ ଖେଳ କୁଦ ଖେଳାଳି ଚୟନ ଅନୁଷ୍ଠିତ ହୋଇଯାଇଛି । ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ପ୍ରତ୍ୟେକ ଉଚ୍ଚବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଖେଳ କୁଦ ରେ ଥିବା ଶ୍ରେଷ୍ଠ ପ୍ରତିଭା ଛାତ୍ରଛାତ୍ରୀଙ୍କୁ ଚୟନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତେବେ ପ୍ରଥମ ପର୍ଯ୍ୟାୟରେ ବାଲିଗୁଡ଼ା ବ୍ଲକର ଚାରି ଗୋଟି ଜୋନ୍ ରୁ ଚୟନ ହୋଇଥିବା ୪୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ ।ଏହି ଖେଳ କୁଦ ରେ କବାଡ଼ି, ଖୋକୋ,ଭଲିବଲ୍, ସଟ୍ ପୁଟ ଓ ଅନ୍ୟାନ୍ୟ କ୍ରୀଡାରେ ଭାଗ ନେଇଥିବା ଖେଳାଳି ମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଖେଳାଳି ମାନଙ୍କୁ ଚୟନ କରାଯାଇଥିଲା । ଏହି ଛାତଛାତ୍ରୀ ଙ୍କ ମଧ୍ୟରୁ ପ୍ରାୟ ୧୪୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଙ୍କୁ ଚୟନ କରାଯାଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ ବୋଲି କହିଥିଲେ କ୍ରୀଡା ଶିକ୍ଷକ ଗଙ୍ଗାଧର ପାତ୍ର । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଲିଗୁଡ଼ା ବିଇଓ ମହେଶ୍ୱର ମାଝୀ ,ମୁଖ୍ୟ ବକ୍ତା ଏସ୍ ଡିଏଏ ସେକ୍ରେଟାରୀ ସୁଶାନ୍ତ କୁମାର ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଚାରୋଟି ଜୋନ୍‌ରୁ ଆସିଥିବା ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା, ସୁରେନ୍ଦ୍ର କୁମାର ମହାରଣା, ସୁଧାଂଶୁ ବେହେରା ଓ ମାମି କୁମାରୀ ନାୟକ ଯୋଗଦେଇଥିଲେ ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସର ଶୁଭାରମ୍ଭ

ମାଲକାନଗିରି, ୨୮/୦୯/(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡ଼ାଘାଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସଫଳତାପୂର୍ଣ୍ଣ ଅଧ୍ୟାୟ ଯୋଡ଼ିହୋଇଛି । ବହୁ ପ୍ରତୀକ୍ଷିତ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସକୁ ବିଦ୍ଧିବଦ୍ଧ ଭାବେ ଉଦଘାଟନ କରାଯାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ କାର୍ଯ୍ୟକ୍ଷମ କରାଯାଇଛି । ଏହି ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେବା ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ବାଳିକାମାନଙ୍କର ରହିବା ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବା ସହ ସେମାନଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।ଏହି ସଫଳତା ପଛରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅକ୍ଲାନ୍ତ ପରିଶ୍ରମ, ନିଜସ ପ୍ରଚେଷ୍ଟା ଏବଂ ନିରବଚ୍ଛିନ୍ନ ନେତୃତ୍ୱ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଛାତ୍ରୀମାନଙ୍କ ରହିବା ଓ ପାଠପଢ଼ାର ସମସ୍ୟାକୁ ଅତି ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ନିଜେ ସମସ୍ତ ବାଧାବିଘ୍ନକୁ ଆପଣେଇ ନେଇଥିଲେ ଏବଂ ଅହରହ ସମୀକ୍ଷା କରି ଏହି ଆବାସିକ ପ୍ରକଳ୍ପକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଇଥିଲେ । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ଆଦେଶ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଗଣ୍ଡ, ବରିଷ୍ଠ ଯନ୍ତ୍ରୀ ସରୋଜ କୁମାର ସାମନ୍ତରାୟ ଏବଂ ବାଳିକା ଶିକ୍ଷା ସଂଯୋଜିକା ଶକୁନ୍ତଳା ମାଝୀ ଉପସ୍ଥିତ ରହି ଉଦଘାଟନୀ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦିତ କରିଥିଲେ ।ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ, ବ୍ଲକ ଚେୟାରମେନ ବିଘ୍ନ କିର୍ଷାନି ଜିଲ୍ଲା ପରିଷଦ ସଭ୍ୟ ବଳିରାମ ମାଝୀ, ସରପଞ୍ଚ ଗୁର ମାଲାରିଆ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ କମଲ ସିଂ ବାକା, ନୋଡାଲ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ନାୟକ, ଗୁମ୍ପା ଓଏଭି ପ୍ରିନ୍ସିପାଲ ମହେଶ୍ୱର ସାହୋ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରୀ ଓ ଅଭିଭାବକବୃନ୍ଦ ଉପସ୍ଥିତ ଥିଲେ ।

ପୁରୀ ଜିଲ୍ଲା ଶ୍ରମ ବିଭାଗରେ ଦୁର୍ନୀତି ଏବଂ ସୂଚନା ଅଧିକାର ଆଇନକୁ ଜଳାଞ୍ଜଳି

ବ୍ୟାପକ ଅନିୟମିତତା ବିରୋଧରେ ଆନ୍ଦୋଳନ ଚେତାବନୀ

ନିମାପଡ଼ା ୨୮/୦୯ (ଅକ୍ଷର ଓଡିଶା)ପୁରୀ ଜିଲ୍ଲାରେ ଶ୍ରମ ବିଭାଗ ଏବଂ ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର କାର୍ଯ୍ୟକାରିତା ଏବେ ଗଭୀର ସନ୍ଦେହ ଓ ବିବାଦ ଘେରରେ । ନିମାପଡ଼ା, ଗୋପ ଓ କାକଟପୁର ବ୍ଲକରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିବାହ ଓ ମୃତ୍ୟୁବରଣ ସହାୟତା ରାଶି ବଣ୍ଟନରେ ବ୍ୟାପକ ଦୁର୍ନୀତି ଏବଂ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏସବୁ ସତ୍ତ୍ୱେ, ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ମଧ୍ୟ କୌଣସି ସୂଚନା ଦିଆଯାଉ ନଥିବା ଜଣାପଡ଼ିଛି ।ସ୍ଥାନୀୟ ଅଞ୍ଚଳର ଅଭିଯୋଗ ଅନୁଯାୟୀ, ଜିଲ୍ଲା ଶ୍ରମ ବିଭାଗ ବର୍ତ୍ତମାନ ଦୁର୍ନୀତିର ଶେଷ ସୀମାରେ ପହଞ୍ଚିଛି । କିଛି ଅସାଧୁ ଅଧିକାରୀ ଏବଂ ସ୍ଥାନୀୟ ଦଲାଲମାନଙ୍କର ଏକ ଅପବିତ୍ର ମେଣ୍ଟ ଯୋଗୁଁ ପ୍ରକୃତ ହିତାଧିକାରୀମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି । ଏହି ଦଲାଲମାନେ ଅବାନ୍ତର କାମ କରି କିଛି ନେତା ଓ ଅଧିକାରୀଙ୍କ ପାଖରେ ଫଟୋ ଉଠାଇ ନିଜକୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପରିଚୟ ଦେଇ ସାଧାରଣ ଲୋକଙ୍କୁ ଠକୁଛନ୍ତି ।ବିଭାଗୀୟ ଦୁର୍ନୀତିର ଏକ ଜ୍ୱଳନ୍ତ ଉଦାହରଣ ଦେଇ ଅଭିଯୋଗ କରାଯାଇଛି ଯେ, ଯେଉଁ ପରିବାରରେ ବାପା-ମା' ସରକାରୀ ଚାକିରି କରୁଛନ୍ତି ଏବଂ ଝିଅ ଜଣେ ଅଧ୍ୟୟନରତା ଉଚ୍ଚଶିକ୍ଷାର୍ଥୀନୀ, ତାଙ୍କର ମୃତ୍ୟୁ ପରେ ସେ କିପରି ଜଣେ 'ନିର୍ମାଣ ଶ୍ରମିକ' ହେଲେ ଏବଂ ତାଙ୍କ ପରିବାରକୁ ସହାୟତା ରାଶି ମିଳିଲା, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି, ପାଞ୍ଚ-ଛଅ ବର୍ଷ ପୂର୍ବେ ଝିଅର ବାହାଘର ସରିଥିଲେ ସୁଦ୍ଧା, ବର୍ତ୍ତମାନ ଏକ-ଦୁଇ ବର୍ଷର ଜାଲ୍ ବିବାହ କାର୍ଡ ଛପାଯାଇ ବିବାହ ପଞ୍ଜିକରଣ କରାଯାଉଛି । ଗରୀବ ଲୋକମାନଙ୍କୁ ଭୁବନେଶ୍ୱର ବୁଲାଇ ନେଇ ସେଠାରେ ବିଭିନ୍ନ ନେତାଙ୍କ ସହ ଫଟୋ ଉଠାଇ ଏହା ମାଧ୍ୟମରେ କନ୍ୟା ବିବାହ ଯୋଜନାର ୫୦,୦୦୦ ଟଙ୍କା ହାତେଇବା ପାଇଁ କିଛି ଦଲାଲ ସକ୍ରିୟ ଭାବେ ଲାଗିପଡ଼ିଛନ୍ତି ।ଏଭଳି ବ୍ୟାପକ ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ଯେତେବେଳେ ପୁରୀ ଜିଲ୍ଲା ଶ୍ରମ ବିଭାଗକୁ ଆନୁଷାନିକ ଭାବେ ସୂଚନା ଅଧିକାର ଆଇନ ଅଧୀନରେ ତଥ୍ୟ ମଗାଯାଉଛି, ସେତେବେଳେ କୌଣସି ତଥ୍ୟ ପ୍ରଦାନ କରାଯାଉ ନାହିଁ । ତଥ୍ୟ ନ ଦେବା ପଛରେ କେଉଁ ବଡ଼ ରହସ୍ୟ ଅଛି, ତାହା ଏବେ ସନ୍ଦେହର ଘେରରେ ରହିଛି ।ଯଦି ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏହି ସମସ୍ତ ଦୁର୍ନୀତିର ସଠିକ୍ ତଥ୍ୟ ସାର୍ବଜନୀନ ନ କରାଯାଏ ଏବଂ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଜିଲ୍ଲାରେ ଏକ ବୃହତ ଆନ୍ଦୋଳନ କରାଯିବ ବୋଲି ସଚେତନ ନାଗରିକ ଚେତାବନୀ ଦେଇଛନ୍ତି ।

ବୋଡ଼େନରେ ବିପର୍ଯ୍ୟୟ ମୁକାବିଲା ସଚେତନତା କର୍ମଶାଳା

ବୋଡ଼େନ, ୨୮/୦୯ (ଅକ୍ଷର ଓଡ଼ିଶା), ଜିଲ୍ଲା ପ୍ରଶାସନ, ନୂଆପଡ଼ା, ପଞ୍ଚାୟତ ସମିତି, ବୋଡ଼େନ ଓ ଏନ୍‌ଡିଆର୍‌ଏଫ୍, କଟକର ମିଳିତ ଆନୁକୂଲ୍ୟରେ ବୋଡ଼େନସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିପର୍ଯ୍ୟୟ ମୁକାବିଲା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଗୟାଧର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିପର୍ଯ୍ୟୟ ସମୟରେ ସତର୍କତା, ନିଜକୁ ସୁରକ୍ଷିତ ରଖିବା ଓ ଅନ୍ୟମାନଙ୍କୁ ଉଦ୍ଧାର କରିବାର କୌଶଳ ସମ୍ପର୍କରେ ସଚେତନ କରାଯାଇଥିଲା ।ଏନ୍‌ଡିଆର୍‌ଏଫ୍ ଇନ୍‌ସପେକ୍ଟର ପ୍ରିୟରଞ୍ଜନ ମହାନ୍ତି ବନ୍ୟା, ବାତ୍ୟା, ଭୂମିକମ୍ପ, ସର୍ପାଘାତ, ଅଗ୍ନିକାଣ୍ଡ ଓ ବଜ୍ରପାତ ଭଳି ବିପର୍ଯ୍ୟୟ ସମୟରେ ଅବଲମ୍ବନୀୟ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । ଏଥିସହ ଆଶୁ ଚିକିତ୍ସା, ଉଦ୍ଧାର ଓ ବିପର୍ଯ୍ୟୟ ମୁକାବିଲାର ବିଭିନ୍ନ କୌଶଳର ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍‌ର ହାବିଲଦାର ମହମ୍ମଦ ଅର୍ଫାତ, କନଷ୍ଟେବଳ ବୈକୁଣ୍ଠ ରାଓ, ସନ୍ୟାସୀ ରାଓ ଓ କେ.ସି. ନାଏକ ସହଯୋଗ କରିଥିଲେ । ଅଧ୍ୟାପକ ସାମୁଏଲ ଦାନି, ଆକାଂକ୍ଷୀ ବ୍ଲକ ସହଯୋଗୀ ରାକେଶ କୁମାର ଷଡ଼ଙ୍ଗୀଙ୍କ ସମେତ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

ସେବା ସଂକଳ୍ପ' ସହ ଜନଶୁଣାଣି: ବଅଁରପାଳରେ ଲୋକଙ୍କ ସମସ୍ୟା ଶୁଣିଲା ପ୍ରଶାସନ

ବଅଁରପାଳ୨୮/୦୯ (ଅଜିତ): ବଅଁରପାଳ ପଞ୍ଚାୟତ ସମିତି ସଭାଘରଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ସରକାରୀ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏହି ଜନଶୁଣାଣିରେ ମୋଟ ୩୬ଟି ଅଭିଯୋଗ ଶୁଣାଣି କରାଯାଇଥିବା ବେଳେ ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗଗୁଡ଼ିକର ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।ଏହାସହ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇଥିଲା । ଏହି ଷ୍ଟଲ୍ ମାଧ୍ୟମରେ ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା, ସେବା ଓ ସୁବିଧା ସମ୍ପର୍କରେ ସଚେତନ କରାଯାଇଥିଲା ।

ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୁହାପଥର ଖଣିକୁ ରାଜ୍ୟସ୍ତରୀୟ ପ୍ରଥମ ପୁରସ୍କାର

ଯୋଡ଼ା, ୨୮ /୦୯(ଅକ୍ଷର ଓଡିଶା): ସୁରକ୍ଷା, ସାସ୍ଥ୍ୟ ଏବଂ ପରିବେଶ (ଏସ୍‌ଏଚ୍‌ଇ) ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଲୁହାପଥର ଖଣି ସମ୍ମାନିତ ହୋଇଛି । କୋଲକାତାଠାରେ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ), ପୂର୍ବାଞ୍ଚଳ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ 'ଏସ୍‌ଏଚ୍‌ଇ ଏକ୍ସଲେନ୍‌ସ ଆୱାର୍ଡ ୨୦୨୫-୨୬'ରେ ଖଣ୍ଡବନ୍ଧ ଲୁହାପଥର ଖଣି ଲାର୍ଜ ସ୍କେଲ୍ ମାଇନିଂ ସେକ୍ଟର ବା ବୃହତ୍ ଆକାରର ଖଣି କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ (ଓଡ଼ିଶା) ବିଜେତା ପୁରସ୍କାର ପ୍ରାପ୍ତ କରିଛି । ଖଣି ଅଞ୍ଚଳରେ ଶ୍ରେଷ୍ଠତମ ସୁରକ୍ଷା ବ୍ୟବସ୍ଥା, କର୍ମଚାରୀଙ୍କ ସାସ୍ଥ୍ୟସୁରକ୍ଷା ଏବଂ ନିରନ୍ତର ପରିବେଶ ଅନୁକୂଳ ପରିଚାଳନା ନୀତି ପାଳନ ପାଇଁ ଖଣ୍ଡବନ୍ଧ ଲୁହାପଥର ଖଣି ଏହି ସମ୍ମାନ ଲାଭ କରିଛି । କୋଲକାତାଠାରେ ଆୟୋଜିତ ଏକ ସତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ପକ୍ଷରୁ ସିନିୟର ଏଜିଆ ମ୍ୟାନେଜର ଅଭିଷେକ ସିଂହ ଏବଂ ଏଜିଆ ମ୍ୟାନେଜର (ସେଫ୍‌ଟି) ଜୀବିତେଶ କୁମାର ଅନୋଖେ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ 'କନ୍‌ସ୍ଲିଭୋ ସେଫଟି ଲିଡରଶିପ କୁଇଜ୍ - ୨୦୨୬' ରେ ଭାଗ ନେଇଥିବାରୁ ଜୀବିତେଶ କୁମାରଙ୍କୁ 'ଆୱର୍ଡ ଅଫ୍ ଆପ୍ରିସିଏସନ୍' ସମ୍ମାନରେ ସମ୍ମାନିତ କରାଯାଇଛି । ଖଣି ଅଞ୍ଚଳରେ ବିପଦମୁକ୍ତ କାର୍ଯ୍ୟପରିବେଶ ସୃଷ୍ଟି କରିବା, କର୍ମଚାରୀଙ୍କୁ ସୁରକ୍ଷା ନିୟମାବଳୀ ପ୍ରତି ସଚେତନ କରାଇବା ଏବଂ ପରିବେଶର ସୁରକ୍ଷା ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କ୍ଷେତ୍ରରେ ଖଣ୍ଡବନ୍ଧ ଖଣି କ୍ରମାଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି । ଏହି ସଫଳତା ଦାୟିତ୍ୱବାନ୍ ଏବଂ ସ୍ଥାୟୀ ଖନନ ପ୍ରକ୍ରିୟା ପ୍ରତି ଟାଟା ଷ୍ଟିଲ୍‌ର ନିରବଚ୍ଛିନ୍ନ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି ।

ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ'

୨୪୦ କେନ୍ଦ୍ରରେ ପୋଷଣୀୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା

ନନ୍ଦପୁର ୨୮/୦୯ (ଶ୍ରୀରାମ ଖରା)କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକର ୨୪୦ଟି ଅଙ୍ଗନବାଡ଼ି କେନ୍ଦ୍ରରେ ରବିବାର 'ଆଙ୍ଗନ କା ଉତ୍ସବ' ଆରମ୍ଭ ହୋଇଛି । ତିନିଦିନିଆ ଏହି ଉତ୍ସବ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନନ୍ଦପୁର ସିଡିପିଓ ମିନତିବାଳା ପଟ୍ଟନାୟକ ସୂଚନା ଦେଇଛନ୍ତି । ଉତ୍ସବର ପ୍ରଥମ ଦିନରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପ୍ରାକ୍-ଶିକ୍ଷା ଗ୍ରହଣ କରୁଥିବା ଶିଶୁମାନଙ୍କ ଅଭିଭାବକମାନେ ନିଜ ଘରେ ପ୍ରସ୍ତୁତ କରିଥିବା ବିଭିନ୍ନ ପୋଷଣୀୟ ଖାଦ୍ୟ ନେଇ ଯୋଗଦେଇଥିଲେ । ଏହାକୁ ନେଇ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା । ଅଭିଭାବକମାନେ ଆଣିଥିବା ଖାଦ୍ୟ ଶିଶୁମାନେ ଆଗ୍ରହର ସହ ଖାଇଥିଲେ । ଉତ୍ସବର ଶେଷ ଦିନରେ ଶ୍ରେଷ୍ଠ ପୋଷଣୀୟ ଖାଦ୍ୟ



ପ୍ରସ୍ତୁତ କରିଥିବା ଅଭିଭାବକମାନଙ୍କୁ ପୁରସ୍କୃତ କରାଯିବ । ଶିଶୁମାନଙ୍କ ପୋଷଣ, ସାସ୍ଥ୍ୟ ଓ ପ୍ରାକ୍-ଶିକ୍ଷା ପ୍ରତି ଅଭିଭାବକଙ୍କ ସଚେତନତା ବୃଦ୍ଧି କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ।

କୋକସରାରେ ପିକଅପ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ଡ୍ରାଇଭର ଓ ହେଲପର ଗୁରୁତର

କୋକସରା:୨୮/୦୯(ମଙ୍ଗରାଜ ବେହେରା)କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଞ୍ଚଳ ଦେଇ ଯାଇଥିବା ଏନ୍‌ଏଚ୍-୨୬ ଜାତୀୟ ରାଜପଥରେ ପିକଅ



ମଙ୍ଗଳବାର ୨୯।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

କୁରାଶରେ ପିଙ୍କି ବଲହାରାଙ୍କୁ କାଂସ୍ୟ

ନାଗୋୟା, ୨୮/୦୯ :ଏସୀୟ କ୍ରୀଡ଼ା କୁରାଶ ପ୍ରତିଯୋଗିତାରେ ଭାରତର ପିଙ୍କି ବଲହାରା କାଂସ୍ୟ ପଦକ ହାସଲ କରିଛନ୍ତି। ସୋମବାର ମହିଳା ୭୮ କିଲୋଗ୍ରାମରୁ କମ୍ ଓଜନ ବର୍ଗର ସେମିଫାଇନାଲରେ ସେ ଦକ୍ଷିଣ କୋରିଆର ସୁମିନ ମୋଙ୍କଠାରୁ ୦-୫ରେ ପରାସ୍ତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲ ମୁକାବିଲାରେ ବଲହାରାଙ୍କୁ 'ଡାକ୍ଟି' (ପେନାଲ୍ଟି) ମିଳିଥିବା ବେଳେ ସୁମିନ ମୋ 'ୟୋନବୋଶ୍' ପଏଣ୍ଟ ହାସଲ କରିଥିଲେ। ଏସୀୟ କ୍ରୀଡ଼ାରେ ଏହା ବଲହାରାଙ୍କ ଦ୍ୱିତୀୟ ପଦକ। ପୂର୍ବରୁ ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ମହିଳା ୫୨ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ସେହି ସଂସ୍କରଣରେ କୁରାଶକୁ ପ୍ରଥମ ଥର ପାଇଁ ଏସୀୟ କ୍ରୀଡ଼ାରେ ସାମିଲ କରାଯାଇଥିଲା। ଏହାସହିତ କୁରାଶରେ ଏକାଧିକ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି।

କୁରାଶ କ'ଣ ?

କୁରାଶ ହେଉଛି ଉଜବେକିସ୍ତାନର ଏକ ପାରମ୍ପରିକ ସମର କଳା। ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛିଡ଼ା ହୋଇଥିବା ଅବସ୍ଥାରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଶଳ ପ୍ରୟୋଗ କରି ପିଠି ଉପରେ ତଳେ ପକାଇବା। ଜୁଡୋ ସହ ଏହାର କେତେକ ସମାନତା ରହିଛି। କିନ୍ତୁ ଜୁଡୋ ଭଳି କୁରାଶରେ ଦୀର୍ଘ ସମୟ ଧରି ଭୂମି ଉପରେ ଲଢ଼େଇ କରିବାର ବ୍ୟବସ୍ଥା ନାହିଁ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଏହି କ୍ରୀଡ଼ାକୁ ପ୍ରଥମ ଥର ପାଇଁ ସାମିଲ କରାଯାଇଥିଲା।

ସୁଟିଂ: ରୌପ୍ୟ ଜିତିଲେ ଇଶା

ନାଗୋୟା, ୨୮/୦୯ : ଭାରତର ଇଶା ସିଂହ ୨୫ ମିଟର ଏୟାର ପିସ୍ତଲରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ସେ ମାତ୍ର ଗୋଟିଏ ପଏଣ୍ଟରେ ସ୍ୱର୍ଣ୍ଣ ହାତଛଡ଼ା କରିଥିଲେ। ଚୀନର ସିଆଓ ଜିଆରୁଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ୍‌ରେ ଇଶା ଓ ସିଆଓଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଉଭୟ ୩୮ ହିଟ୍ ସହ ଫାଇନାଲ୍ ଶେଷ କରିଥିଲେ। କିନ୍ତୁ ସୁଟ୍‌ଆଉଟ୍‌ରେ ଇଶା ଗୋଟିଏ ପଏଣ୍ଟ ପଛରେ ପଡ଼ିଯାଇଥିଲେ। ସେ ଏହା ପୂର୍ବରୁ ଦଳଗତ ଇଭେଣ୍ଟରେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଦଳଗତ ପ୍ରତିଯୋଗିତାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ତଥା ବିଶ୍ୱ ରେକର୍ଡଧାରୀ ଇଶା ୨୦୨୩ ହାଙ୍ଗ୍‌ଝୁ ଏସୀୟ କ୍ରୀଡ଼ା ୨୫ ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ବେଳେ ଦଳଗତ ପ୍ରତିଯୋଗିତାରେ ସର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ୧୦ ମିଟର ବ୍ୟକ୍ତିଗତ ଓ ଦଳଗତରେ ବି ସେ ରୌପ୍ୟ ହାସଲ କରିଥିଲେ।

ଏସୀୟ କ୍ରୀଡ଼ା

ଖାଲି ହାତରେ ଫେରିଲେ ମନୁ

ନାଗୋୟା, ୨୮/୦୯ : ଦୁଇ ଥରର ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ଏଥର ଏସୀୟ କ୍ରୀଡ଼ାରେ ନିରାଶ କରିଛନ୍ତି। ସେ ଗୋଟିଏ ବି ପଦକ ଜିତିବାରେ ସକ୍ଷମ ହୋଇପାରି ନାହାନ୍ତି। ସୋମବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସେ ଫାଇନାଲକୁ ଯୋଗ୍ୟତା ହାସଲ କରିପାରିନଥିଲେ। ଏହି ଇଭେଣ୍ଟରେ ମନୁ ଭାକର ମୋଟ ୫୭୯ ସ୍କୋର କରି ୧୧ତମ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ ଏବଂ ପଞ୍ଚମ ସ୍ଥାନରେ ରହିଥିଲେ। ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ପଦକ ଦୌଡ଼ରେ ଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ରାହି ସର୍ଣ୍ଣୋବତଙ୍କ ଏକ ଖରାପ ସଟ୍ ଭାରତର ପଦକ ଆଶାକୁ ଧକ୍କା ଦେଇଥିଲା। ପ୍ରତି ସିରିଜ୍‌ରେ ୫ଟି ଲେଖାଏଁ ସଟ୍ ଥିବା ବେଳେ ଚତୁର୍ଥ ସିରିଜ୍‌ରେ ରାହି ମାତ୍ର ୩୯ ସ୍କୋର କରିଥିଲେ। ଏହାର ପ୍ରଭାବରେ ପଦକ ଦୌଡ଼ରୁ ଭାରତ ବାଦ୍ ପଡ଼ିଥିଲା। ରାହି ବ୍ୟକ୍ତିଗତ ଭାବେ ୫୬୮ ସ୍କୋର ସହ ୩୦ତମ ସ୍ଥାନରେ ରହିଛନ୍ତି।

ଏସୀୟ କ୍ରୀଡ଼ା କ୍ରିକେଟ୍ ସେମିଫାଇନାଲ୍‌ରେ ଭାରତ, ପାକିସ୍ତାନ



ନିସିନ୍, ୨୮/୦୯ : ଚଳିତ ଏସୀୟ କ୍ରୀଡ଼ା କ୍ରିକେଟ୍‌ର ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ସୋମବାର ପାକିସ୍ତାନ ଓ ହଂକଂ ମଧ୍ୟରେ ଖେଳାଯିବାକୁ ଥିଲେ ବି ତାହା ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ପୂର୍ବ ରାତିରେ ନିସିନ୍‌ରେ ଲଗାଣ ବର୍ଷା ଯୋଗୁଁ ପଡ଼ିଆରେ ପାଣି ଜମି ରହିଥିଲା। ବିନା ମୁକାବିଲାରେ ହଂକଂ ପ୍ରତିଯୋଗିତାରୁ ବିଦାୟ। ଏହି କାରଣରୁ ଟସ୍ ମଧ୍ୟ ପଡ଼ିପାରି ନଥିଲା। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ରେଫରି ଭି.ନାରାୟନନ୍ କୁଟ୍ଟି ଏହି ମ୍ୟାଚ୍‌କୁ ରଦ୍ଦ ଘୋଷଣା କରିଥିଲେ। ଏହା ସତ୍ତ୍ୱେ ଆଇସିସି ମାନ୍ୟତାରେ ଉଚ୍ଚରେ ଥିବାରୁ ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତର ମୁକାବିଲା ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ହେବାକୁ ଥିବା ତୃତୀୟ କ୍ୱାର୍ଟରଫାଇନାଲ୍‌ର ବିଜେତା ସହ ଖେଳାଯିବ। ଏହା ପୂର୍ବରୁ ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ସୋମବାର ପାକିସ୍ତାନ ଓ ହଂକଂ ମଧ୍ୟରେ ଖେଳାଯିବାକୁ ଥିଲେ ବି ତାହା ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା। ପଡ଼ିଆ ପର୍ଯ୍ୟବେକ୍ଷଣ ପରେ ମ୍ୟାଚ୍ ରେଫରି ଭି.ନାରାୟନନ୍ କୁଟ୍ଟି ଏହି ମ୍ୟାଚ୍‌କୁ ରଦ୍ଦ ଘୋଷଣା କରିଥିଲେ। ହଂକଂ ତୁଳନାରେ ଉଚ୍ଚ ଆଇସିସି ମାନ୍ୟତା ଯୋଗୁଁ ପାକିସ୍ତାନ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବିନା ମୁକାବିଲାରେ ହଂକଂ ପ୍ରତିଯୋଗିତାରୁ ବିଦାୟ ନେଇଛି। ଅକ୍ଟୋବର ୧ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ ପାକିସ୍ତାନର ମୁକାବିଲା ବାଂଲାଦେଶ ଓ ମାଲେସିଆ ମଧ୍ୟରେ ହେବାକୁ ଥିବା ଚତୁର୍ଥ କ୍ୱାର୍ଟରଫାଇନାଲ୍ ବିଜେତା ସହ ହେବ। ଯଦି ଭାରତ ଓ ପାକିସ୍ତାନ ନିଜ ନିଜର ସେମିଫାଇନାଲ୍ ମ୍ୟାଚ୍ ଜିତନ୍ତି ତେବେ ଫାଇନାଲ୍‌ରେ ଏକ ଐତିହାସିକ ମୁକାବିଲା ଦେଖିବାକୁ ମିଳିପାରେ।

ସିଙ୍ଗାପୁରକୁ ହରାଇ ଭାରତ ଗ୍ରୁପ୍ ଟପର

ମହିଳା ହକି ସେମିରେ ଭାରତ-କୋରିଆ

କାକାମିଗାହାରା, ୨୮/୦୯ : ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା ହକି ଦଳର ବିଜୟ ଅଭିଯାନ ଜାରି ରହିଛି। ରବିବାର ପୁଲ୍ ବି'ର ଶେଷ ମ୍ୟାଚ୍‌ରେ ଭାରତ ୭-୦ ଗୋଲ୍‌ରେ ସିଙ୍ଗାପୁରକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ସେମିଫାଇନାଲ୍ ଖେଳିବା ପୂର୍ବରୁ ପୁଲ୍ ବି'ର ଶୀର୍ଷସ୍ଥାନ ଦଖଲ କରି ଆତ୍ମବିଶ୍ୱାସ ଅର୍ଜନ କରିଛି। ସେମିରେ ଭାରତ ବୁଧବାର କୋରିଆକୁ ଭେଟିବ। ରବିବାର ଭାରତ ପକ୍ଷରୁ ଓଡ଼ିଆ ଝିଅ ସୁନେଲିତା ଟୋପ୍‌ପୋ ଦୁଇଟି ଗୋଲ୍ ଦେଇଥିବା ବେଳେ ଅଧିନାୟିକା ସଲିମା ଟେଟେ, ଲାଲରେମସିଆମି, ରୁତୁଜା ଦାଦାସୋ ପିସାଲ, ନିକି ପ୍ରଧାନ ଓ ଦୀପିକା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ଏକାଧିକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ସିଙ୍ଗାପୁରର ଦୃଢ଼ ରକ୍ଷଣଭାଗ ଓ ଗୋଲ୍‌କିପର ଫେଲିସା ଲାଇ ଭାରତକୁ ଗୋଲ୍ କରିବାକୁ ଦେଇ ନ ଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟ୍‌ରେ ସଲିମା ଟେଟେ ଗୋଲ୍ କରି ଭାରତକୁ ଆଗୁଆ କରିଥିଲେ। ଏହାପରେ ୨୨ ଓ ୨୪ତମ ମିନିଟ୍‌ରେ ସୁନେଲିତା ଦୁଇଟି ଗୋଲ୍ କରିଥିଲେ। ୨୬ତମ ମିନିଟ୍‌ରେ ଲାଲରେମସିଆମିଙ୍କ ଷ୍ଟିକ୍‌ରେ ବଲ୍‌ର ଡିଫ୍ଲେକ୍ସନ୍‌ରୁ ଭାରତ ଚତୁର୍ଥ ଗୋଲ୍ ପାଇଥିଲା। ୨୯ତମ ମିନିଟ୍‌ରେ ରୁତୁଜା ଗୋଲ୍ କରି ଏହି ଅଗ୍ରଣୀକୁ ୫-୦ କରିଥିଲେ। ତୃତୀୟ କ୍ୱାର୍ଟରର ୩୫ତମ ମିନିଟ୍‌ରେ ନିକି ପ୍ରଧାନ ଗୋଲ୍ କରି ଭାରତର ସ୍କୋର୍ ୬-୦ କରିଥିଲେ। ଶେଷ କ୍ୱାର୍ଟରରେ ସିଙ୍ଗାପୁର ରକ୍ଷଣାତ୍ମକ ଖେଳ ଜାରି ରଖିଥିଲେ ମଧ୍ୟ ୫୫ତମ ମିନିଟ୍‌ରେ ଦୀପିକା ପେନାଲ୍ଟି କର୍ଣ୍ଣରରୁ ଚମତ୍କାର ଫ୍ଲିକ୍ ମାଧ୍ୟମରେ ଭାରତର ସପ୍ତମ ଗୋଲ୍ ଦେଇଥିଲେ। ସିଙ୍ଗାପୁର ଗୋଟିଏ ହେଲେ ବି ଗୋଲ୍ ଦେଇ ପାରି ନ ଥିଲା। ପୁଲ୍ ପର୍ଯ୍ୟାୟରେ ଭାରତ ଉଜବେକିସ୍ତାନ, ଇଣ୍ଡୋନେସିଆ, ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁରକୁ ପରାସ୍ତ କରି ଲଗାତାର ପଞ୍ଚମ ବିଜୟ ହାସଲ କରିଥିଲା।

କୋରାପୁଟ ଶାନ୍ତି ଲଜ୍‌ରୁ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର

କୋରାପୁଟ,୨୮ ।୯(ଅକ୍ଷର ଓଡ଼ିଶା) କୋରାପୁଟ ସହରର ଶାନ୍ତି ଲଜ୍‌ରୁ ଏକ ଦମ୍ପତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବା ଖବର ସାମ୍ନାକୁ ଆସିଛି ।ସୂଚନା ଅନୁସାରେ, ସାମୀ-ସ୍ତ୍ରୀ ଆଜି ସକାଳେ ମେଡିକାଲ୍ କାମରେ କୋରାପୁଟ ଆସି ଶାନ୍ତି ଲଜ୍‌ରେ ରହିଥିଲେ ।ପରେ ଲଜ୍‌ର ରୁମ୍‌ରୁ ଉଭୟଙ୍କ ମୃତଦେହ ମିଳିଥିଲା ।ମୃତକ ଦମ୍ପତିଙ୍କ ପରିଚୟ ବିଜୟ ଡାକୁଆ ଏବଂ ବିଜୟଲକ୍ଷ୍ମୀ ଡାକୁଆ ବୋଲି ଜଣାପଡ଼ିଛି । ଉଭୟଙ୍କ ଘର ଦାମନଯୋଡ଼ି ସେକ୍ଟର-୩ ଅଞ୍ଚଳରେ ବୋଲି ସୂଚନା ମିଳିଛି । ପ୍ରାଥମିକ ଭାବେ ଏହା ଆତ୍ମହତ୍ୟା ସନ୍ଦେହ କରାଯାଉଥିବା ବେଳେ, ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ । ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

ମହିଳା ମଲ୍ଲଯୋଦ୍ଧା ଯୌନ ନିର୍ଯାତନା ମାମଲା: ବ୍ରିଜଭୂଷଣଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୮/୦୯ : କୁସ୍ତି ମହାସଂଘର ପୂର୍ବତନ ସଭାପତି ତଥା ବିଜେପି ନେତା ବ୍ରିଜଭୂଷଣ ଶରଣ ସିଂହ ଏବଂ ସହ-ଅଭିଯୁକ୍ତ ବିନୋଦ ତୋମରଙ୍କୁ ମହିଳା ମଲ୍ଲଯୋଦ୍ଧା ଯୌନ ନିର୍ଯାତନା ମାମଲାରେ ଏକ ନୋଟିସ୍ ମିଳିଛି। ଯୌନ ନିର୍ଯାତନା ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦୋଷରେ ଖଲାସ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ ଚାରି ଜଣ ମହିଳା ମଲ୍ଲଯୋଦ୍ଧା ସେସନ୍ସ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆବେଦନର ଶୁଣାଣି କରି ସେସନ୍ସ କୋର୍ଟ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମର ଉଭୟଙ୍କୁ ନୋଟିସ୍ ଜାରି କରି ଜବାବ୍ ତଲବ କରିଛନ୍ତି। ମାମଲାର ଗମ୍ଭୀରତାକୁ ବିଚାର କରି,ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟର ସେସନ୍ସ କୋର୍ଟ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମରଙ୍କୁ ଅକ୍ଟୋବର ୯ ସୁଦ୍ଧା ସେମାନଙ୍କର ଜବାବ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବାରୁ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟକୁ ଚାରି ଜଣ ମହିଳା ମଲ୍ଲଯୋଦ୍ଧା ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆବେଦନକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ,ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦୋଷରେ ଖଲାସ ରାୟ ଆଇନ ଦୃଷ୍ଟିରେ ଆଇନଗତ ଭାବେ ସୁସଙ୍ଗତ ନୁହେଁ। ଟ୍ରାଏଲ୍ କୋର୍ଟ ମାମଲାରେ ଉପସ୍ଥାପିତ ପ୍ରମାଣକୁ ଭୁଲ୍, ଅସମ୍ପୂର୍ଣ୍ଣ ଦର୍ଶାଇ କୋର୍ଟ ଚୟନମୂଳକ ମୂଲ୍ୟାଙ୍କନ କରି ରାୟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଆବେଦନରେ କୁହାଯାଇଛି ଯେ, ଦୋଷମୁକ୍ତ କରିବା ପାଇଁ ଆଦେଶ ପୀଡିତାଙ୍କ ଆଚରଣ ସମ୍ପର୍କରେ ସମାଜର ପୁରୁଣା ଏବଂ ରକ୍ଷଣଶୀଳ ଚିନ୍ତାଧାରା ଉପରେ ଆଧାରିତ, ଯାହା ନ୍ୟାୟସଙ୍ଗତ ନୁହେଁ। ବ୍ରିଜଭୂଷଣଙ୍କ ବିରୋଧରେ ମହିଳା ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଲଗାଯାଇଥିବା ଯୌନ ନିର୍ଯାତନା ଅଭିଯୋଗ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା। ବର୍ତ୍ତମାନ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିଷ୍ପତ୍ତିକୁ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରାଯିବା ପରେ ଏହି ହାଇ-ପ୍ରୋଫାଇଲ୍ ମାମଲାରେ ଆଇନଗତ ଲଢ଼େଇ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି।

ବେଲଗୁଣ୍ଡାରେ 'ବର୍ଜ୍ୟରୁ ସୃଜନ' ମେଳା

ବେଲଗୁଣ୍ଡା, ୨୮/୦୯:(ଅକ୍ଷର ଓଡିଶା) ବେଲଗୁଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ସୋମବାର 'ବର୍ଜ୍ୟରୁ ସୃଜନ ମେଳା' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀଙ୍କ ମଧ୍ୟରେ ସୃଜନଶୀଳତା, ପରିବେଶ ସୁରକ୍ଷା, ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନା ସମ୍ପର୍କରେ ସଚେତନତା ବୃଦ୍ଧି ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ମେଳାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଘର ଓ ପରିବେଶରେ ଫିଙ୍ଗି ଦିଆଯାଉଥିବା ବିଭିନ୍ନ ବର୍ଜ୍ୟ ସାମଗ୍ରୀକୁ ନୂଆ ରୂପ ଦେଇ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ପୁରୁଣା ଖବରକାଗଜ, ପ୍ଲାଷ୍ଟିକ ବୋତଲ, ନଡ଼ିଆ କଡା, ଧାନ ନଡ଼ା ଓ ପୁରୁଣା କପଡ଼ା ଆଦିରୁ ଫୁଲକୁଣ୍ଡ, କଲମ ଷ୍ଟାଣ୍ଡ, ଝୋଟିଚିତା, ସମ୍‌ବଲପୁରୀ ଡିଜାଇନ୍‌ର ଦୀପ ଷ୍ଟାଣ୍ଡ, ବିଭିନ୍ନ ଖେଳନା ସମେତ ଅନେକ ସୃଜନଶୀଳ ସାମଗ୍ରୀ ତିଆରି କରାଯାଇଥିଲା ।ବର୍ଜ୍ୟକୁ ସମ୍ପଦରେ ପରିଣତ କରିବା ସହ 'ସ୍ୱଚ୍ଛ ବେଲଗୁଣ୍ଡା, ସୁନ୍ଦର ବେଲଗୁଣ୍ଡା' ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କୁହାଯାଇଥିଲା। ଏଥିରେ ପ୍ରଧାନଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ଛୋଟ କଳାକାରମାନଙ୍କ ସୃଜନଶୀଳତାକୁ ଉତ୍ସାହିତ କରିବା ସହ ବର୍ଜ୍ୟ ପରିଚାଳନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା।

'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ପଥପ୍ରାନ୍ତ ନାଟକ

ସୁବର୍ଣ୍ଣପୁର, ୨୮/୯(ପବିତ୍ର ସିଂ ବରିହା): ସଂଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀ ଓ ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାରଙ୍କ ମିଳିତ ଆୟୋଜନରେ ଦେଶବ୍ୟାପୀ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ-୨୦୨୬' ('ସେବା ହିଁ ସଂସ୍କୃତି') କାର୍ଯ୍ୟକ୍ରମ ଅନ୍ତର୍ଗତ ସୋନପୁରସ୍ଥିତ କୋଶଳ ରେସିଡେନ୍‌ସିଆଲ୍ ସ୍କୁଲ୍‌ରେ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଛି ।'ନାଟ୍ୟଚକ୍ର'ର କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକରେ ସ୍ୱଚ୍ଛତା ଓ ସାମାଜିକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ସେପ୍ଟେମ୍ବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନର କାର୍ଯ୍ୟକ୍ରମକୁ କୋଶଳ ରେସିଡେନ୍‌ସିଆଲ୍ ସ୍କୁଲ୍‌ର ପ୍ରଧାନଶିକ୍ଷକ ଏସ୍.ଜେ. ପରମାନାଏକ ଓ 'ନାଟ୍ୟଚକ୍ର'ର ନିର୍ଦ୍ଦେଶକ ମନୋଜ କୁମାର ବାରିକ ମିଳିତ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ ।ନାଟକର ନିର୍ଦ୍ଦେଶନା ଶ୍ୟାମା ଓଁ ପ୍ରସାଦ ମିଶ୍ର ଦେଇଥିବାବେଳେ ମିଥୁନ ସାହୁ, ଅଭିଷେକ ମିଶ୍ର, ଗିରିଜା ଶଙ୍କର ଭୋଇନା, ପୀତାମ୍ବର ସୁନା, ସଞ୍ଜୟ ସେଠୀ, ଦାମୋଦର ବେହେରା, ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଆଲିୟା ବାଗର୍ତ୍ତୀ ପ୍ରମୁଖ ଅଭିନୟ କରିଥିଲେ। ସଂଗୀତ ଜିତେନ୍ଦ୍ର କୁମାର ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା ସୌମ୍ୟକାନ୍ତ ମିଶ୍ର ଓ ରମେଶ ନନ୍ଦ ସମ୍ଭାଳିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୪୦୦ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ। ଏହି ଅବସରରେ ''ବିରାସତ୍ ଭୀ, ବିକାଶ ଭୀସ୍ୱଚ୍ଛତା କୀ ନୟୀ କହାନୀ'' ବାର୍ତ୍ତା ମାଧ୍ୟମରେ ସ୍ୱଚ୍ଛତା ପ୍ରତି ଜନସଚେତନତା ସୃଷ୍ଟି କରାଯାଇଥିଲା।

ଡେକାଥଲନ୍‌ରେ ତେଜସ୍ୱିନ ଶଙ୍କରଙ୍କୁ କାଂସ୍ୟ

ନାଗୋୟା, ୨୮/୦୯ : ଜାତୀୟ ରେକର୍ଡଧାରୀ ଡେକାଥଲନ୍ ଖେଳାଳି ତେଜସ୍ୱିନ ଶଙ୍କର ଚଳିତ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ପ୍ରତିଯୋଗିତାରେ ସେ ମୋଟ ୭୯୩୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ତେଜସ୍ୱିନଙ୍କୁ ଏଥର କାଂସ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଜାପାନର ୟୁମା ମୁରୁୟାମା ୮୧୨୩ ପଏଣ୍ଟ ସହ ସର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ସଂସ୍କରଣରେ ମୁରୁୟାମା କାଂସ୍ୟ ପଦକ ଜିତିଥିଲେ।

ତେବେ କାଂସ୍ୟ ପଦକ ଜିତିବା ସତ୍ତ୍ୱେ ନିଜ ପ୍ରଦର୍ଶନ